# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, February 23/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 91 | ମୂଲ୍ୟ₹୭/-







ଲକ୍ଷ୍ନୌସ୍ଥିତ ସମାଜବାଦୀ ପାର୍ଟି ମୁଖ୍ୟାଳୟରେ ରବିବାର ଆୟୋଜିତ ମିଶ୍ରଣ ପର୍ବରେ ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ସମର୍ଥକମାନେ।

# ଟ୍ରମ୍ପ୍‌ଙ୍କ ଟାରିଫ୍ : ୬୦% ଆମେରିକୀୟ ଅସନ୍ତୁଷ୍ଟ

ୱାଶିଂଟନ୍,୨୨।୨

ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ 'ମାଗା'(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ସଙ୍କଳ୍ପକୁ ଅଗ୍ରାଧିକାର ଦେଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଗେଇଥିଲେ। ଏହି କ୍ରମରେ ସେ ବିଭିନ୍ନ ରାଷ୍ଟ୍ର ଉପରେ ଅଧିକ ହାରରେ ଟାରିଫ୍ ଲଗାଇବା ଆରମ୍ଭ କରିଥିଲେ। କିନ୍ତୁ ଅନ୍ୟାନ୍ୟ ଦେଶ ତୁଳନାରେ ଆମେରିକାରେ ହିଁ ଏହି ଟାରିଫ୍ ନୀତିକୁ ନେଇ ଅଧିକ ଚର୍ଚ୍ଚା ହୋଇଆସିଥିଲା। ତେବେ ଟ୍ରମ୍ପ୍‌ଙ୍କ ଏହି ଟାରିଫ୍ ନୀତିକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିବା ପରେ ଏହିପ୍ରସଙ୍ଗ ବିଶ୍ୱବ୍ୟାପୀ ଆହୁରି ଚର୍ଚ୍ଚିତ ହେବାରେ ଲାଗିଛି। ଏହାମଧ୍ୟରେ ଆମେରିକାରେ କରାଯାଇଥିବା ଏକ ଜନମତ ସର୍ଭେ ଅନୁଯାୟୀ ଟାରିଫ୍‌କୁ ନେଇ ୬୦% ଆମେରିକୀୟ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ନିଯୁକ୍ତି, ମହଙ୍ଗା ସମସ୍ୟା ଏବଂ ଆମେରିକାର ବହିର୍ବ୍ୟାପାର ନୀତିକୁ ନେଇ ଦୈନନ୍ଦିନ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଦେଶକୁ କିଭଳି ନୀତିରେ ଚଳାଉଛନ୍ତି ବୋଲି ସର୍ବାଧିକ ନାଗରିକ ପ୍ରଶ୍ନ ଉଠାଇଛନ୍ତି। ଏବିସି ନ୍ୟୁଜ୍,ୱାଶିଂଟନ୍ ପୋଷ୍ଟ ଏବଂ ଇପ୍‌ସୋସ୍ ପୋଲ୍ ଦ୍ୱାରା କରାଯାଇଥିବା ଏହି ସର୍ଭେରେ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୬ ଜଣ ଆମେରିକୀୟ ଟ୍ରମ୍ପ୍‌ଙ୍କ ଟାରିଫ୍ ଏବଂ ମହଙ୍ଗାସ୍ଥିତି ମୁକାବିଲା ନୀତିକୁ ନାପସନ୍ଦ କରିଛନ୍ତି। ସେହିପରି ୬୨% ଆମେରିକୀୟ ଟ୍ରମ୍ପ୍‌ଙ୍କ ବିଦେଶ ନୀତିକୁ ନାପସନ୍ଦ କରିଛନ୍ତି। ଏହାଛଡ଼ା ପ୍ରବାସନ ନିୟମ ଏବଂ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ନେଇ ଟ୍ରମ୍ପ୍ ଯେଉଁ ଆଭିମୁଖ୍ୟ ଆପଣେଇଛନ୍ତି ତାହାକୁ ମଧ୍ୟ




ସର୍ବାଧିକ ନାଗରିକ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାସତ୍ତ୍ୱେ ଆମେରିକୀୟ କଂଗ୍ରେସରେ ଡେମୋକ୍ରାଟ୍ ଦଳ ପ୍ରତି ଲୋକଙ୍କ ଭରସା କମ୍ ରହିଛି। ଦେଶର ସାମ୍ପ୍ରତିକ ସମସ୍ୟା ଦୂର କରିବାରେ କେଉଁ ଦଳ ସକ୍ଷମ ହେବ ବୋଲି ପ୍ରଶ୍ନ କରାଯାଇଥିଲା ବେଳେ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ଦଳକୁ ୩୩ ପ୍ରତିଶତ, ଡେମୋକ୍ରାଟ୍ ଦଳକୁ ୩୧ ପ୍ରତିଶତ ସମର୍ଥନ ମିଳିଛି। ୩୧ ପ୍ରତିଶତ ମତଦାତା କୌଣସି ଦଳ ପ୍ରତି ସମର୍ଥନ ଜଣାଇ ନାହାନ୍ତି।

## ଟ୍ରମ୍ପ୍‌ଙ୍କ ରିସର୍ଟକୁ ପଶିଥିବା ବନ୍ଧୁକଧାରୀଙ୍କୁ ଗୁଳି କରି ହତ୍ୟା

ୱାଶିଂଟନ୍,୨୨।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟ ପରିସରକୁ ଶନିବାର ରାତିରେ ପ୍ରବେଶ କରିଥିବା ଜଣେ ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ୨୦ ବର୍ଷୀୟ ଏହି ଯୁବକ ଜଣଙ୍କର ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନଥିଲା ବେଳେ ସେ ନର୍ଥ କାରୋଲିନାର ବୋଲି ସିକ୍ରେଟ୍ ସର୍ଭିସ୍ ପକ୍ଷରୁ କୁହାଯାଇଛି। ତେବେ ଯୁବକ ଜଣକ ଏକ ବନ୍ଧୁକ ସହ ଫ୍ୟୁଏଲ କ୍ୟାନ୍ ଧରି କାହିଁକି ରିସର୍ଟ ଭିତରେ ପଶିଥିଲେ ସେ ସମ୍ପର୍କରେ ଯାଞ୍ଚ କରାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ୍ ଏହି ରିସର୍ଟକୁ ସାପ୍ତାହିକ ଛୁଟି କଟାଇବାକୁ ଆସିଥାଆନ୍ତି।

## ଇରାନରେ ପୁଣି ଛାତ୍ର ଆନ୍ଦୋଳନ

ତେହରାନ୍,୨୨।୨

ଇରାନ ସରକାରଙ୍କ ବିରୋଧରେ କିଛି ଦିନ ତଳେ ହୋଇଥିବା ବିକ୍ଷୋଭ ବେଳେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଇରାନ ପୋଲିସ ବର୍ବରତା ସହିତ ଲୋକଙ୍କୁ ଦମନ କରିଥିବାରୁ ଏହା ଉପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନ ଉଠିଥିଲା। ଏହି କାରଣକୁ ନେଇ ଏବେ ଇରାନର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପୁଣି ଆନ୍ଦୋଳନ ତେଜିଛି। ଗୋଟିଏ ପଟେ ଆମେରିକାର ଆକ୍ରମଣ ଆଶଙ୍କା ବଢିଥିଲାବେଳେ ଅନ୍ୟପଟେ ଛାତ୍ର ବିକ୍ଷୋଭକୁ ନେଇ ସ୍ଥିତି ଜଟିଳ ହେବାରେ ଲାଗିଥିବା କୁହାଯାଇଛି।

# ଆତଙ୍କବାଦୀଙ୍କ 'ଆଧାର' ଅସ୍ତ୍ର

**ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଆକ୍ରମଣ ପାଇଁ ଆତଙ୍କବାଦୀମାନେ ବନ୍ଧୁକ, ଗୁଳିଗୋଳା ଓ ବିସ୍ଫୋରକ ବ୍ୟବହାର କରିଥାନ୍ତି। କିନ୍ତୁ ଭାରତରେ ଅନୁପ୍ରବେଶ କରି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ପୂର୍ବରୁ ସୁରକ୍ଷିତ ରହଣି ପାଇଁ ସେମାନେ ଆଧାର କାର୍ଡର ଆଶ୍ରୟ ନେଇଥାନ୍ତି। ପୂର୍ବରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଥିବାବେଳେ ଏକ ସଦ୍ୟ ଘଟଣା ଦିଲ୍ଲୀ ପୋଲିସକୁ ଚକିତ କରିଦେଇଛି। ଦିଲ୍ଲୀ, ପଶ୍ଚିମବଙ୍ଗ ଓ ତାମିଲନାଡୁରୁ ଧରାପଡ଼ିଥିବା ୮ ଆତଙ୍କବାଦୀ ମଧ୍ୟରୁ ୭ ଜଣ ହେଉଛନ୍ତି ବାଂଲାଦେଶୀ ନାଗରିକ। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସହ ଜଡ଼ିତ ଏହି ମଡ୍ୟୁଲ୍‌ର ୭ ସଦସ୍ୟ ତାମିଲନାଡୁର ତିରୁପୁର ଏବଂ କୋଲକାତାସ୍ଥିତ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ ଛଦ୍ମବେଶୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବାଂଲାଦେଶୀ ପରିଚୟ ଲୁଚାଇ ଭାରତୀୟ ବୋଲାଇବା ଏବଂ ନିଯୁକ୍ତି ପାଇବା ପାଇଁ ସେମାନେ ନିଜର ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ। ଏହି ଚାଞ୍ଚଲ୍ୟକର ତଥ୍ୟ ବାୟୋମେଟ୍ରିକ୍ ଆଧାରିତ 'ଆଧାର'ରେ ଥିବା ଦୋଷ ଦୁର୍ବଳତାକୁ ପୁଣି ଥରେ ପଦାରେ ପକାଇଛି।**

ନୂଆଦିଲ୍ଲୀ,୨୨।୨

- ଦିଲ୍ଲୀରେ ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାଶ: ୮ ଗିରଫ
- ହାଫିଜ୍ ସୟିଦଙ୍କ ସହ ସମ୍ପର୍କରେ ଥିଲେ ହ୍ୟାଣ୍ଡଲର

ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଆତଙ୍କବାଦୀ କାର୍‌ବୋମା ବିସ୍ଫୋରଣ ଘଟାଇବାରୁ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଥିଲା। ଘଟଣାକୁ ୩ ମାସ ପରେ ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ର ଯୋଜନାର ପର୍ଦ୍ଦାଫାଶ କରିବା ସହ ୮ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ବାଂଲାଦେଶର ଉଗ୍ରପନ୍ଥୀ ସଂଗଠନ ତରଫରୁ ସେମାନେ ଦିଲ୍ଲୀରେ ଆତଙ୍କବାଦୀ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ପୋଲିସ କହିଛି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ସେମାନଙ୍କର ଲିଙ୍କ୍ ରହିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ କେତେଜଣ ବାଂଲାଦେଶୀ ରହିଛନ୍ତି। ପରିଚୟ ଲୁଚାଇବା ପାଇଁ ସେମାନେ ଜାଲ୍ ଆଧାର କାର୍ଡ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି।

ବିଦେଶୀ ପରିଚାଳକଙ୍କ ନିର୍ଦ୍ଦେଶରେ ସେମାନେ ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବାକୁ




ଦିଲ୍ଲୀ ପୋଲିସ ଗିରଫ କରିଥିବା ବାଂଲାଦେଶୀ ଆତଙ୍କବାଦୀ।

ଯୋଜନା କରିଥିଲେ ବୋଲି ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଗିରଫ ୬ ଅଭିଯୁକ୍ତ ହେଲେ ମିଜାନୁର ରହମାନ, ମହମ୍ମଦ ଶାବତ, ଉମର, ମହମ୍ମଦ ଲିଟନ, ମହମ୍ମଦ ଶହିଦ ଏବଂ ମହମ୍ମଦ ଉଜ୍ଜଲ। ସେମାନଙ୍କୁ ତାମିଲନାଡୁର ତିରୁପୁର ଜିଲାରେ ଥିବା ଏକ ପୋଷାକ କାରଖାନାରୁ ଧରାଯାଇଥିବାବେଳେ ପଶ୍ଚିମବଙ୍ଗରୁ ୨ ଜଣ ଗିରଫ ହୋଇଛନ୍ତି। ପୋଲିସ ସୂତ୍ର ଅନୁଯାୟୀ, ଉକ୍ତ ଟେରର ମଡ୍ୟୁଲ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ଜଡ଼ିତ ଏବଂ ଏହାର ପରିଚାଳକ କଶ୍ମୀର ବାସିନ୍ଦା ଶବିର ଅହମଦ ଲୋନ। ସମ୍ପ୍ରତି ସେ ବାଂଲାଦେଶରେ ରହି ଉକ୍ତ ଟେରର ମଡ୍ୟୁଲକୁ ନିୟନ୍ତ୍ରଣ କରୁଛନ୍ତି। ଆତଙ୍କବାଦୀ ହ୍ୟାଣ୍ଡଲର ଜଣକ ପାକିସ୍ତାନରୁ ତାଲିମ ପାଇଥିବା ବିଶ୍ୱାସ କରାଯାଉଛି। ଗିରଫ ୮ ଜଣ ତାଙ୍କ ପାଇଁ କାମ କରୁଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ ସୟିଦ ଏବଂ ବରିଷ୍ଠ କମାଣ୍ଡର ଜାକିଉର ରହମାନ ଲଖ୍‌ଭିଙ୍କ ସହ ହ୍ୟାଣ୍ଡଲରଙ୍କ ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୦୭ରୁ ଲଶ୍କର ସଂଗଠନ ସହ ସମ୍ପର୍କରେ ଥିବା ଶବିର ସଦ୍ୟ ପର୍ଦ୍ଦାଫାଶ ମଡ୍ୟୁଲରେ ସମନ୍ୱୟ ରଖିବାରେ ମୁଖ୍ୟ ଭୂମିକା ନିଭାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୦୭ରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ପ୍ରଥମେ ଗିରଫ କରିଥିବାବେଳେ ସୟିଦ ଏବଂ ଲଖ୍‌ଭିଙ୍କ ସହ ସମ୍ପୃକ୍ତି ଥିବା ନେଇ ପ୍ରଥମେ ଜଣାପଡ଼ିଥିଲା।

ଦେଶର ବିଭିନ୍ନ ଭାଗରେ ଧ୍ୱଂସାତ୍ମକ କାର୍ଯ୍ୟ ଘଟାଇବା ପାଇଁ ଆତଙ୍କବାଦୀ ମଡ୍ୟୁଲ୍ ଯୋଜନା କରୁଥିବା ନେଇ ନିର୍ଦ୍ଦିଷ୍ଟ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ତଲାସି ଅଭିଯାନ ଆରମ୍ଭ କରିଥିଲା। ଏହି ତଲାସି ବେଳେ ଅନେକ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଜବତ ହୋଇଛି। ଉକ୍ତ ନେଟ୍‌ୱର୍କ କେତେଦୂର ବ୍ୟାପିଛି ଏବଂ ଏହା ପଛରେ ସମ୍ଭାବ୍ୟ ବିଦେଶୀ ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ ହେବା ପାଇଁ ଅନୁଧ୍ୟାନ ଜାରି ରହିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତଦନ୍ତରେ ସହାୟତା କରୁଛନ୍ତି। ଲଶ୍କର ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଆଇଇଡିରେ ଆକ୍ରମଣ ଯୋଜନା କରିଥାଇପାରନ୍ତି ବୋଲି ଗୋଇନ୍ଦା ସଂସ୍ଥା ସୂଚନା ଦେଇଥିଲା। ଗତ ୬ ତାରିଖରେ ଇସ୍‌ଲାମାବାଦ ମସ୍‌ଜିଦରେ ହୋଇଥିବା ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀ ସଂଗଠନ ଯୋଜନା କରୁଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି।

## ଆଫ୍‌ଗାନିସ୍ତାନ ଉପରେ ପାକିସ୍ତାନର ବୋମାମାଡ଼, ୨୦ ମୃତ

କାବୁଲ,୨୨।୨

ପାକିସ୍ତାନ ସୀମାକୁ ଲାଗିଥିବା ଆଫ୍‌ଗାନିସ୍ତାନର ନଙ୍ଗରହାର୍ ଏବଂ ପାଟିକା ପ୍ରଦେଶର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପାକିସ୍ତାନ ସେନା ଶନିବାର ମଧ୍ୟରାତ୍ରରେ ବୋମାମାଡ଼ କରିଛି। ଏହି ଘଟଣାରେ ବହୁ ଘରଦ୍ୱାର ନଷ୍ଟ ହୋଇଥିଲା ବେଳେ ମହିଳା ଏବଂ ଶିଶୁଙ୍କ ସମେତ ୨୦ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ତାଲିବାନ ପକ୍ଷରୁ କୁହାଯାଇଛି। ନିକଟରେ ପାକିସ୍ତାନର ବେଲୁଚିସ୍ତାନ ଏବଂ କେପିକେ ପ୍ରଦେଶରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ସୀମାବର୍ତ୍ତୀ ଅଞ୍ଚଳର ଆତଙ୍କବାଦୀ ଆଡ୍ଡାଗୁଡିକ ଉପରେ ଆକ୍ରମଣ କରାଯାଇଛି ବୋଲି ପାକିସ୍ତାନ ପକ୍ଷରୁ କୁହାଯାଇଥିଲେ ହେଁ ତାଲିବାନ ଏହାକୁ ଅସ୍ୱୀକାର କରିଛି। ପାକ୍ ସେନା ଜାଣିଶୁଣି ସାଧାରଣ ଜନବସତି ଉପରେ ଆକ୍ରମଣ କରିଛି ଏବଂ ଏହାର ଠିକଣା ଜବାବ ଦିଆଯିବ ବୋଲି ତାଲିବାନ କହିଛି। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବରରେ ପାକ୍-ଆଫ୍‌ଗାନିସ୍ତାନ ସୀମାନ୍ତରେ ଭୀଷଣ ସଂଘର୍ଷ ଦେଖାଯିବା ପରେ ପାକିସ୍ତାନ ଆଫ୍‌ଗାନିସ୍ତାନର କେତେକ ଅଞ୍ଚଳ ଉପରେ ଆକ୍ରମଣ କରିଥିଲା। ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା। ଏହି ଘଟଣାର ୪ ମାସ ପରେ ପାକିସ୍ତାନ ପୁଣି ଆକ୍ରମଣ କରିଛି।

## ବିବାହ ଦିନ ଜୀବନ ହାରିଲେ ୨ ଭଉଣୀ

ଯୋଧପୁର,୨୨।୨

ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ମନାଇ ଗ୍ରାମରେ ଏକ ପରିବାର ସେମାନଙ୍କ ୨ ଝିଅଙ୍କ ବିବାହ ଉତ୍ସବ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ବିବାହ ଦିନ ୨ ଭଉଣୀ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ପରିବାରକୁ ଶୋକସାଗରରେ ବୁଡ଼ାଇ ଦେଇଥିବାବେଳେ ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି।



ଶୋଭା ଏବଂ ବିମଳା।

ଉଭୟ ଯୁବତୀ ବିଷାକ୍ତ ପଦାର୍ଥ ଖାଇଦେଇଥିବା ପୋଲିସ କହିଛି।

୨ ଭଉଣୀ ଶୋଭା (୨୫) ଏବଂ ବିମଳା(୨୩)ଙ୍କର ଶନିବାର ବିବାହ ଅନୁଷ୍ଠିତ ହୋଇଥାନ୍ତା। ଶୁକ୍ରବାର ରାତିରେ ପ୍ରାକ୍ ବିବାହ ଉତ୍ସବ ଚାଲିଥିବାବେଳେ ମଧ୍ୟରାତ୍ରରେ ୨ ଭଉଣୀ ଶୋଇବା ପାଇଁ ଯାଇଥିଲେ। ଭୋର ୪ଟା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯିବାରୁ ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯୋଧପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏଡିସିପି(ପଶ୍ଚିମ) ରୋଶନ ମୀନା କହିଛନ୍ତି। ପରିବାର ମୃତଦେହକୁ ଫେରାଇଆଣି ଶେଷକୃତ୍ୟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଅଟକାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ଫେରାଇ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ୍ ଜବତ ହୋଇନାହିଁ।

# କଂଗ୍ରେସ ଦୁଃସ୍ଥ ରାଜନୀତିକୁ ଓହ୍ଲାଇଛି: ମୋଦି

ନୂଆଦିଲ୍ଲୀ,୨୨।୨

**ପ୍ରଥମ ନମୋ ଭାରତ ରେଳସେବା ଲୋକାର୍ପିତ**

ଭାରତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୁବ କଂଗ୍ରେସ କର୍ମୀଙ୍କ ଅର୍ଦ୍ଧନଗ୍ନ ଶରୀରରେ ବିକ୍ଷୋଭ କରିବା ବିଷୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇ ସମିଟ୍ ଭଳି ଏକ ବୈଶ୍ୱିକ ସମାବେଶରେ କଂଗ୍ରେସ କର୍ମୀମାନେ ଯେଭଳି ଆଚରଣ ଦେଖାଇଛନ୍ତି ,ତାହା କଂଗ୍ରେସର ଦୁଃସ୍ଥ ଏବଂ ନଗ୍ନ ରାଜନୈତିକ ମାନସିକତାର ପରିଚୟ ଦେଇଛି ବୋଲି ରବିବାର ମିରଟ୍‌ରେ ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବା ଉଦ୍‌ଘାଟନ ଅବସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି କହିଛନ୍ତି। ଭାରତ ଆୟୋଜନ କରିଥିବା ଏଆଇ ସମିଟ୍‌କୁ ନେଇ ବିଶ୍ୱର ବହୁ ତୁଙ୍ଗ ନେତା ପ୍ରଶଂସା କରିଥିଲା ବେଳେ ଏଭଳି ଏକ ବୈଶ୍ୱିକ ସମାବେଶରେ ସାରା ବିଶ୍ୱରୁ ଶତାଧିକ ପ୍ରତିଷ୍ଠିତ କମ୍ପାନୀର ପ୍ରତିନିଧିତ୍ୱ କରିବା ଦେଶ ପାଇଁ ଗର୍ବର ବିଷୟ ହୋଇଛି। କିନ୍ତୁ ବିଦେଶୀ ଅତିଥିମାନଙ୍କ ଉପସ୍ଥିତିରେ କଂଗ୍ରେସ ଯେଭଳି ଆଚରଣ




ୟୁପି ମିରଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବାର ଲୋକାର୍ପଣ କରୁଛନ୍ତି।

ଦେଖାଇଛି ତାହା ଦେଶର ଛବି ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଛି। ଟିଏମ୍‌ସି, ଡିଏମ୍‌କେ, ବିଏସ୍‌ପି ଭଳି ଅନ୍ୟ ବିରୋଧୀ ଦଳ ଏଭଳି ବିକ୍ଷୋଭରେ ସାମିଲ ହୋଇନାହାନ୍ତି। କିନ୍ତୁ କଂଗ୍ରେସ ଏତେ ତଳକୁ ଖସିଯାଇଛି ଯେ ଦେଶର ମର୍ଯ୍ୟାଦା ହାନି କରିବାକୁ ପଛାଇ ନାହିଁ। କଂଗ୍ରେସ ଦଳ ନଗ୍ନ ହୋଇସାରିଛି ବୋଲି ଦେଶବାସୀ ଜାଣି ସାରିଛନ୍ତି। ପୁଣି ଏଆଇ ସମିଟ୍‌ରେ ଅର୍ଦ୍ଧନଗ୍ନ ହେବାର କି ଆବଶ୍ୟକତା ଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ କଟାକ୍ଷ କରି କହିଛନ୍ତି।

ଦେଶର ପ୍ରଥମ ହାଇସ୍ପିଡ୍ ନମୋ ଭାରତ ରେଳସେବାକୁ ଲୋକାର୍ପିତ କରି ମୋଦି କହିଛନ୍ତି, ଦିଲ୍ଲୀ ଓ ମିରଟ୍‌କୁ ଯୋଡୁଥିବା ଏହି ୮୨ କି.ମି. ବିଶିଷ୍ଟ ପ୍ରକଳ୍ପ ଦ୍ୱାରା ସାଧାରଣ ଯାତାୟାତ କ୍ଷେତ୍ରରେ ଲୋକଙ୍କୁ ଅନେକ ସୁବିଧା ମିଳିବ। ବିଶେଷକରି ଦିଲ୍ଲୀକୁ ମିରଟ୍ ଏବଂ ଏନସିଆର୍‌ରୁ ଦୈନନ୍ଦିନ ଯାତାୟାତ କରୁଥିବା ଲୋକ ଏହି ସେବା ଦ୍ୱାରା ସର୍ବାଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ଦ୍ରୁତତମ ମେଟ୍ରୋ ଟ୍ରେନ୍ ସେବା ରୂପେ ନମୋ ଭାରତ ପ୍ରକଳ୍ପ ପାଇଁ ପ୍ରାୟ ୧୫ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହି ଟ୍ରେନ୍ ଘଣ୍ଟାକୁ ସର୍ବାଧିକ ୧୬୦ କି.ମି. ବେଗରେ ଗତି କରିପାରିବ। ଏହାଦ୍ୱାରା ପୂର୍ବରୁ ଦିଲ୍ଲୀରୁ ମିରଟ୍ ଯିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଥିଲା ବେଳେ ଏବେ ୮୨ କି.ମି. ଦୂରତା ପାଇଁ ୪୫ରୁ ୫୦ ମିନିଟ୍ ସମୟ ଲାଗିବ।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ | Bhubaneswar, Monday, February 23/2026 | ପୃଷ୍ଠା-୧




**ହାସବନିସ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**

ବାଂଲାଦେଶ 'ଏ' ବିପକ୍ଷ ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ଭାରତର ତେଜଲ ହାସବନିସ୍।

୧୪

୦୨

**ଭାଜପାରେ ଯୋଗଦେଲେ ଭୁପେନ ବୋରା**

ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସର ପୂର୍ବତନ ସଭାପତି ଭୁପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି।





କଟକସ୍ଥିତ ଚିଦାସ୍ୱାମୀ ଘାଟ ମହାନଦୀ ଜଳରାଶିରେ ରବିବାର ଉଦ୍‌ଘାଟିତ ଦୁଃସାହସିକ ଜଳକ୍ରୀଡ଼ା ସମାରୋହରେ ଭାଗ ନେଇଥିବା ପ୍ରତିଯୋଗୀମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଟାରିଫ୍ ଦ୍ୱନ୍ଦ୍ୱ, ଆଲୋଚନା ସ୍ଥଗିତ

**ଭାରତ ଓ ଆମେରିକା ମଧ୍ୟରେ ସୋମବାର ହେବାକୁ ଥିବା ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ ଟାରିଫ୍‌କୁ ତାଙ୍କ ଦେଶର ସୁପ୍ରିମକୋର୍ଟ ବେଆଇନ ଦର୍ଶାଇ ରଦ୍ଦ କରିବା ପରେ ସେ ଶନିବାର ବିଶ୍ୱବ୍ୟାପୀ ୧୫% ଅସ୍ଥାୟୀ ଟାରିଫ୍ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୮% ଆମଦାନୀ ଶୁଳ୍କ ବଜାୟ ରହିବ ବୋଲି କହିଥିବାରୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି। ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ଉପରେ ଆମେରିକା ସୁପ୍ରିମକୋର୍ଟଙ୍କ ରାୟର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ଫେବୃଆରୀ ୨୩ରୁ ୩ ଦିନ ଧରି ୱାଶିଂଟନ୍‌ରେ ହେବାକୁ ଥିବା ଟ୍ରେଡ୍ ଡିଲ୍ ସମ୍ପର୍କିତ ବୈଠକକୁ ସ୍ଥଗିତ ରଖିବାକୁ ଉଭୟ ପକ୍ଷ ନିଷ୍ପତ୍ତି ନେଇଥିବା ସୂତ୍ରରୁ ଜଣାପଡ଼ିଛି।**

## ଭାରତ-ଆମେରିକା ଟ୍ରେଡ୍ ଡିଲ୍

**ନୂଆଦିଲ୍ଲୀ/ ୱାଶିଂଟନ୍, ୨୨।୨ (ରଏଟର୍ସ/ଏଜେନ୍ସି)**

ଭାରତ ଓ ଆମେରିକା ମଧ୍ୟରେ ୱାଶିଂଟନ୍‌ରେ ସୋମବାରଠାରୁ ୩ ଦିନ ଧରି ଅନ୍ତରୀଣ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆଲୋଚନା କରାଯିବା ନେଇ ପୂର୍ବରୁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଯୋଗଦେବା ପାଇଁ ଭାରତରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆମେରିକା ଗସ୍ତ କରିବା ପାଇଁ ରବିବାର ବାହାରିଥିଲା। ବୈଠକରେ ଭାରତ ପକ୍ଷରୁ ଚିଫ୍ ନେଗୋସିଏଟର ଦର୍ପନ ଜୈନ୍ ନେତୃତ୍ୱ ନେଉଥିବାବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିଏସନ୍ ଗ୍ରିର ୱାଶିଂଟନ୍‌ର ପକ୍ଷ ରଖିଥାନ୍ତେ। ବୈଠକରେ ଦ୍ୱିପାକ୍ଷିକ ଆଲୋଚନା ବେଳେ ଟ୍ରେଡ୍ ଡିଲ୍‌ରେ ଶେଷସ୍ପର୍ଶ ଦିଆଯିବାକୁ ଥିବାବେଳେ ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଟାରିଫ୍ ଆଭିମୁଖ୍ୟକୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଥିଲେ। ରାଷ୍ଟ୍ରପତି ୧୯୭୭ର ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା (ଆଇଇଇପିଏ) ବଳରେ ଅତ୍ୟଧିକ ଆମଦାନୀ ଶୁଳ୍କ କଷିପାରିବେ ନାହିଁ ବୋଲି ସେଠାକାର ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ ନୈରାଶ୍ୟଜନକ କହି ସମାଲୋଚନା କରିଥିବା ଟ୍ରମ୍ପ ଏହାର କିଛି ଘଣ୍ଟା ପରେ ବିଶ୍ୱବ୍ୟାପୀ ୧୦% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ସେ ଶନିବାର ଏହି ଟାରିଫ୍‌କୁ ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ପୂର୍ବରୁ ଭାରତ ଉପରେ ଟ୍ରମ୍ପ ଲଗାଇଥିବା ☞ପୃଷ୍ଠା-୨

# ବନ୍ଧୁକ ଦେଖାଇ କାର୍‌ରୁ ନବବଧୂଙ୍କୁ ଅପହରଣ

**ବଲାଙ୍ଗୀର /ତରଭା/ ସୋନପୁର,୨୨।୨ (ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର/ମୃତ୍ୟୁଞ୍ଜୟ ଶତପଥୀ)**



ନବଦମ୍ପତି

## ବାହାଘର ପରେ କନ୍ୟାଙ୍କୁ ଧରି ଘରକୁ ଫେରୁଥିଲେ ବର

ବାହା ବେଦୀରେ ହାତଗଣ୍ଠି ପଡ଼ି ସାରିଥିଲା। ବିବାହ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଶୁଭ ବେଳା ଦେଖି ଏକ ସୁସଜ୍ଜିତ କାର୍‌ରେ ନବବଧୂଙ୍କୁ ଧରି ଘରକୁ ଫେରୁଥିଲେ ବରପକ୍ଷର ଲୋକେ। ହେଲେ ଅଧାବାଟରେ ଘଟିଲା ଅଘଟଣ। କେହି କିଛି ବୁଝିବା ପୂର୍ବରୁ ଫିଲ୍ମ ଷ୍ଟାଇଲ୍‌ରେ ବନ୍ଧୁକ ଓ ମାରଣାସ୍ତ୍ରର ଭୟ ଦେଖାଇ ଜଣେ ଯୁବକ ତାଙ୍କ ସହଯୋଗୀଙ୍କ ସହାୟତାରେ କାର୍‌ରୁ ନବବଧୂଙ୍କୁ ଅପହରଣ କରି ଚମ୍ପଟ ମାରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଶନିବାର ରାତି ପ୍ରାୟ ୩ଟାରେ ସୁବର୍ଣ୍ଣପୁର ଜିଲାର ତରଭା ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସର ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନବବଧୂ, ଅପହରଣକାରୀ କାହାରି ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ବଲାଙ୍ଗୀର ସହରର ☞ପୃଷ୍ଠା-୨

# ଓଟିପି, ଆଧାର, ବ୍ୟାଙ୍କ ବିବରଣୀ ଶେୟାର କରନାହିଁ

## ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ,୨୨।୨(ପି.ଟି.)**

ଦେଶରେ ଡିଜିଟାଲ ଜାଲିଆତି ଘଟଣା ବଢ଼ିଚାଲିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। କାହା ସହ ଓଟିପି, ଆଧାର ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଶେୟାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତି ଋତୁରେ ଖାଦ୍ୟ ଓ ପୋଷାକ ବଦଳାଇବା ଭଳି ନିୟମିତ ଭାବେ ପାସ୍‌ୱାର୍ଡ ବଦଳାଇବାକୁ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଡିଜିଟାଲ ଆରେଷ୍ଟ ସମ୍ପର୍କରେ କଥା ହେବା ସହ ଡିଜିଟାଲ ଜାଲିଆତି ଏବଂ ଅନ୍‌ଲାଇନ ଦୁର୍ନୀତିକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏଭଳି ଦୁର୍ନୀତିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକେ ସତର୍କ ରହିବା ସହ କେବଳ ବ୍ୟାଙ୍କ ଶାଖା ଜରିଆରେ କେୱାଇସି ଏବଂ ପୁନଃ କେୱାଇସି ପ୍ରକ୍ରିୟା କରିବାକୁ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୨

# ଦୁର୍ଘଟଣାରେ ଚାଲିଗଲା ୫ ପୋଲିସଙ୍କ ଜୀବନ

**ଝାରସୁଗୁଡ଼ା,୨୨।୨ (ଆଶିଷ ରଞ୍ଜନ ଦାଶ)**

## ଟ୍ରେଲର-ବୋଲେରୋ ମୁହାଁମୁହିଁ ଧକ୍କା

- ୩ଜଣଙ୍କ ଅବସ୍ଥା ସଂକଟାପର୍ଣ୍ଣ
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା ଜିଲା ସଦର ଥାନାରୁ ପ୍ରାୟ ଶହେ ମିଟର ଦୂର ଏଚ୍ କଣ୍ଟାପାଲି ଏନ୍‌ଏଚ୍ ୪୯ରେ ରବିବାର ଭୋର ୩ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ ଟ୍ରେଲର ଏବଂ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୋଲିସ କର୍ମଚାରୀମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ଗ୍ରାମର ହାବିଲଦାର ଲିଙ୍ଗରାଜ ଧୁରୁଆ (୫୦), କୁମ୍ଭାରବନ୍ଧ ଗ୍ରାମର ହୋମଗାର୍ଡ ଭକ୍ତବନ୍ଧୁ ମିର୍ଦ୍ଧା(୪୦), ସରେଇପାଲି ଗ୍ରାମର କନ୍‌ଷ୍ଟେବଲ କାଶୀରାମ ଭୋଇ (୪୦), ଟାଙ୍ଗରପାଲି ଗ୍ରାମର କନ୍‌ଷ୍ଟେବଲ ଦେବଦତ୍ତ ସା (୪୦) ଓ ସୁନ୍ଦରଗଡ଼ ଜିଲା ଚିଙ୍ଗେରକେଲା ଗ୍ରାମର ଏସ୍‌ଆଇ ନିରଞ୍ଜନ କୁଜୁର (୫୮)। ଗୁରୁତରମାନେ ହେଲେ ଝାରସୁଗୁଡ଼ା ଗାୟତ୍ରୀ ନଗରର କନ୍‌ଷ୍ଟେବଲ ଦୁବରାଜ ମିରିଗ(୩୫), ସମ୍ବଲପୁର ସହରର ସର୍ଜନ ରାଜୀବ ଭରାସାଗର (୩୦) ଏବଂ ଝାରସୁଗୁଡ଼ା ତାଳପଟିଆର କନ୍‌ଷ୍ଟେବଲ ଆକାଶ କୁମାର ନାଇକ (୩୦)। ଏହି ଘଟଣା ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

ସୂଚନା ଅନୁସାରେ, ଝାରସୁଗୁଡ଼ା ରିଜର୍ଭ ପୋଲିସରେ କାର୍ଯ୍ୟରତ ୮ଜଣ ପୋଲିସ କର୍ମଚାରୀ ଏକ ବୋଲେରୋ(ନଂ.ଓଡି ୦୫ସି ୫୪୪୦)ରେ ଲଖନପୁର ବ୍ଲକ କୁମ୍ଭର ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ବୋଲେରୋକୁ ହୋମଗାର୍ଡ ଭକ୍ତ ବନ୍ଧୁ ମିର୍ଦ୍ଧା ଚଳାଉଥିଲେ। ସେଠାରୁ ଭୋର ୩ଟାରେ ସେମାନେ ବ୍ରଜରାଜନଗର ପଟୁ ଝାରସୁଗୁଡ଼ାକୁ ଆସୁଥିଲେ। ଏହି ସମୟରେ କଣ୍ଟାପାଲି ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରେଲର (ନଂ.ସିଜି ୦୪ ଏଚ୍ ଡବ୍ଲ୍ୟୁ ୬୩୮୩) ବୋଲେରୋକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବୋଲେରୋଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୫ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ପ୍ରଶାସନ ପହଞ୍ଚି ଗାଡ଼ି ଭିତରୁ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ସଙ୍କଟାପନ୍ନ ୩ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ପ୍ରଥମେ ବୁର୍ଲା ମେଡିକାଲ ଏବଂ ପରେ ବରଗଡ଼ର ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ☞ପୃଷ୍ଠା-୨






## କିସ୍ତୱାରରେ ଏନ୍‌କାଉଣ୍ଟର: ଜେଇଏମ୍ କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ,୨୨।୨**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ରବିବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ଜଣେ କମାଣ୍ଡରଙ୍କ ସମେତ ୩ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଜମ୍ମୁ-କଶ୍ମୀର ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ଟିମ୍ ପକ୍ଷରୁ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଆତଙ୍କବାଦୀଙ୍କ ମୃତଦେହ ଜଳିଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ତେବେ ଜଣେ ଆତଙ୍କବାଦୀ ଜୈଶ କମାଣ୍ଡର ସୈଫୁଲ୍ଲା ବୋଲି ଅନୁମାନ କରାଯାଉଛି। ଏନ୍‌କାଉଣ୍ଟର ସ୍ଥଳରୁ ୨ଟି ଏକେ-୪୭ ରାଇଫଲ ସମେତ ଗୁଳିଗୋଳା ଜବତ ହୋଇଛି। ସୈଫୁଲ୍ଲା ୫ ବର୍ଷ ପୂର୍ବରୁ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରି ଉକ୍ତ ଅଞ୍ଚଳରେ ସକ୍ରିୟ ରହିଆସିଛନ୍ତି। ସୁରକ୍ଷା ବଳ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଡାଟା ସେଣ୍ଟର ନୁହେଁ ଏଆଇ**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କମ୍ରେଡ ସୋମନାଥ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପିନାକେଲ୍ ଆୱାର୍ଡ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଶ୍ରଦ୍ଧାଞ୍ଜଳି ସଭା, ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱନାହାକାଣୀ ଓ ମଙ୍ଗୁଳି ପ୍ରାଇମେରୀ ସବ୍‌ଷ୍ଟେଶନର ଉଦ୍‌ଘାଟନ, ସ୍ଥାନ: ବିଶ୍ୱନାହାକାଣୀ, ସମୟ: ଅପରାହ୍ନ ୩ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଭବନର ଉଦ୍‌ଘାଟନ, ସ୍ଥାନ: ଜଗତପୁର, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ-କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ ବଣ୍ଟନ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅଗଣୀ ଚରଣ ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣଡ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- କପ୍ତିପଦା ଉପଖଣ୍ଡ ନିମନ୍ତେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଜୟପୁର ପଞ୍ଚାୟତ କାର୍ଯ୍ୟାଳୟ, ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: କରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୃଷ୍ଣଛାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ତୃତୀୟ ସାମ୍ବତ୍ସରିକ ଜନ୍ମ ମହୋତ୍ସବ, ସ୍ଥାନ: ସନ୍ଥ ଶ୍ରୀକ୍ଷେତ୍ର, ସନ୍ଥପୁର, ଗଁଦିଆ ବ୍ଲକ, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଜନଜୀବନ ସୁରକ୍ଷା କମିଟିର ଗଣ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ : ମିନିଷ୍ଟାଡିୟମ ଖେଳ ପଡିଆ ଆଠମଲ୍ଲିକ, ସମୟ : ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଡିଏଲ୍‌ଆର ଆସୋସିଏଶନର ସାଧାରଣ ସଭା, ସ୍ଥାନ: ବିଜୁ କନ୍‌ଭେନଶନ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସତ୍ୟସାଇ ସେବା ସଂଗଠନ ପକ୍ଷରୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ, ସ୍ଥାନ: ରଜାଙ୍ଗ, ଦାନପୁର, ଡେରାବିଶ, ସମୟ: ସକାଳ ୯ଟା ।
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ, ଗଡାନଇ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।

## ଯାଜପୁର

- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯାଗ ଶୁଣାଣି ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଶାଖା ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ ନିକଟ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ସାମାଜିକ ସଦ୍‌ଭାବନା ବୈଠକ, ସ୍ଥାନ: ଟାଉନ ହଲ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- 'ଆମେ ପଢିବା ଆମ ଭାଷାରେ' ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## କୋରାପୁଟ

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲଙ୍କାପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରଜା ମୁଠାଇ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସରସତିଆ ଟ୍ରଷ୍ଟ ପକ୍ଷରୁ ସରସତିଆ ଦିନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ସେଲିବ୍ରିଟି ଲିଗ ସିଜନ-୨ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- କଲମ ଟ୍ରଷ୍ଟ ପରିବାର ପକ୍ଷରୁ ବିଶ୍ୱ ପାନ ଦିବସ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଓଡ଼ିଶା ପୋଲିସ ହକି ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସକାଳ ୬ଟା ୩୦।
- ଜାଗର ମେଳାର ୯ମ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ, ସ୍ଥାନ: ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ:ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ଗୋଟିପଡା,ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ଦତ୍ତୁମେରମୁଣ୍ଡା ପ୍ରହରୀ ମଣ୍ଡପ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, କସୁରବନ୍ଧ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବଲଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଘୋଟସର ଗାଁ, ସମୟ: ଅପରାହ୍ନ ୨ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ ବାବେବୀର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।
- ଖରିଆର ରୋଡ ମହୋତ୍ସବ ଦ୍ୱିତୀୟ ରଜନୀ,ସ୍ଥାନ: ଗୋଡମା ଛକ ସୀମାନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:କିର୍ମିରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ବାଗଡ଼ିହି, ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ଭାଜପାରେ ଯୋଗଦେଲେ ଭୁପେନ ବୋରା

**ଗୁଆହାଟୀ,୨୨।୨**

ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୁପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ବଡ଼ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୋଇଛି। ଗୁଆହାଟୀସ୍ଥିତ ଭଜାପା ରାଜ୍ୟ କାର୍ଯ୍ୟାଳୟ ବାଜପେୟୀ ଭବନରେ ଦଳର ରାଜ୍ୟ ସଭାପତି ଦିଲୀପ ସାଇକିଆଙ୍କ ଉପସ୍ଥିତିରେ ବୋରା ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ପୂର୍ବତନ କଂଗ୍ରେସ କର୍ମୀ ସଞ୍ଜୁ ବୋରା ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଗତ ୧୬ ତାରିଖରେ ଭୁପେନ କଂଗ୍ରେସରୁ ଇସ୍ତଫା ଦେଇଥିବାବେଳେ ନିଷ୍ପତ୍ତି ବଦଳାଇବା ପାଇଁ ରାହୁଲ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଜୋର୍‌ଦାର ଉଦ୍ୟମ ଚଳାଇଥିଲେ। ଆତ୍ମସମ୍ମାନ ଥିବା ଅସମୀୟା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବେ ବୋଲି ବୋରା ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସରେ ସେମାନଙ୍କ ଅବସ୍ଥା ମୃତ୍ୟୁ ପୂର୍ବରୁ ମହାଭାରତର କର୍ଣ୍ଣଙ୍କ ଅବସ୍ଥା ଭଳି ବୋଲି ବୋରା ତୁଳନା କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, କଂଗ୍ରେସରେ ପ୍ରାୟ ୩୩ ବର୍ଷ ଧରି କାମ କରିଥିବା ବୋରାଙ୍କର ଉକ୍ତ ଦଳ ପ୍ରତି ଯଥେଷ୍ଟ ଅବଦାନ ରହିଥିଲା। ଆଜିଠାରୁ ସେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେବେ ଦେଇଥିଲା ଧାନ ପାଏ,
ଗୋଡ଼ାଇ ଧରୁଛି ଏବଯାଏ ।**

ନିଜ ଅର୍ଜନରେ ଚଳିବାରେ ମନରେ ସନ୍ତୋଷ ଥାଏ। ଆତ୍ମ ନିର୍ଭରଶୀଳ ହେଲେ କେହି କହିବାକୁ ନ ଥିବେ। ପରନ୍ତୁ ଅଭାବରେ ପଡି ଅନ୍ୟଠୁ ସାହାଯ୍ୟ ମାଗିଲେ, ସମୟ ପଡ଼ିଲେ ଭଲ ମନ୍ଦ ଶୁଣିବାକୁ ପଡ଼ିଥାଏ। ଅଭାବରେ ପଡ଼ିଥିବା ବ୍ୟକ୍ତିଙ୍କୁ ଜତକିଞ୍ଚିତ୍ ସାହାଯ୍ୟ କରି ଉଘେଇବା ଅବିବେକୀ କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଜୁରି ଗଛର କି ଗୁଣ ଗାଇବି,
ମୂଳରୁ ପାହାଚ ପାହାଚ ।**

ମୂଳରୁ ଚୂଳ ଯାଏ ଦୋଷରେ ଭରା, ସବୁ ପ୍ରକାର ଖରାପ କାର୍ଯ୍ୟରେ ଲିପ୍ତ। ବହୁ ଦୋଷ ଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷ ଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ଦୁର୍ଘଟଣାରେ ଚାଲିଗଲା ...

ଏହି ଦୁର୍ଘଟଣା ଖବର ପାଇବା ପରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର,ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହି ଘଟଣାର ତଦନ୍ତ କରିବା ସହିତ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରାଯାଇଥିବା ବେଳେ ଗାଡ଼ି ଚାଳକ ଗୋବିନ୍ଦ ଚକ୍ରବର୍ତ୍ତୀ (୩୦)ଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟ ମେଡିକାଲକୁ ପଠାଯାଇଛି। ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ୍ ଅପରାହ୍ନ ୨ଟାରେ ଆସି ଉକ୍ତ ଘଟଣା ସମ୍ପର୍କରେ ଝାରସୁଗୁଡ଼ା ଏସ୍‌ପି ଜିଆର୍ ରାଘବେନ୍ଦ୍ରଙ୍କ ସହିତ ଆଲୋଚନା କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

### କିସ୍ତୱାରରେ ଏନ୍‌କାଉଣ୍ଟର...

ଉପରେ ଏକାଧିକ ଘାତକ ଆକ୍ରମଣର ସେ ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହୋଇଛି। ତେବେ ସେ ପୂର୍ବରୁ ଅନେକ ଏନ୍‌କାଉଣ୍ଟରରୁ ବର୍ତ୍ତିଯାଇଥିଲେ। ଆତଙ୍କବାଦୀମାନେ ପାହାଡ଼ ପାଦଦେଶରେ ଥିବା ଏକ ମାଟିଘରେ ଆତ୍ମଗୋପନ କରିଥିବା ସୂଚନା ମିଳିଥିଲା। ସୁରକ୍ଷା ବଳ ସେମାନଙ୍କ ନିକଟବର୍ତ୍ତୀ ହେବାରୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ସୁରକ୍ଷା ବଳର ତ୍ୱରିତ୍ ଓ ସଠିକ୍ କାର୍ଯ୍ୟାନୁଷ୍ଠାନ ଯୋଗୁ ୩ ଆତଙ୍କବାଦୀ ନିପାତ ହେଲେ ବୋଲି ଉତ୍ତରାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ପ୍ରତୀକ ଶର୍ମା କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ଜିଲାର ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ୬ଟି ଏନ୍‌କାଉଣ୍ଟର ଘଟିଥିଲା। ଏଥିରେ ଜଣେ ସୈନ୍ୟ ଓ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

### ବନ୍ଧୁକ ଦେଖାଇ...

କାମାକ୍ଷୀନଗର ନିବାସୀ ହରିବନ୍ଧୁ ପୁଟେଲ (ରିଙ୍କୁ)ଙ୍କ ବିବାହ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଜଣେ ଯୁବତୀଙ୍କ ସହ ସ୍ଥିରୀକୃତ ହୋଇଥିଲା। ଫଳରେ ଶନିବାର ବରଯାତ୍ରୀଙ୍କ ଗହଣରେ ହରିବନ୍ଧୁ କନ୍ୟାଘରକୁ ବାହା ହେବା ପାଇଁ ଯାଇଥିଲେ। ସୁରୁଖୁରୁରେ ବିବାହ ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ର ହରିବନ୍ଧୁ ନବବଧୂଙ୍କୁ ଧରି କାମାକ୍ଷୀନଗର ଫେରୁଥିବାବେଳେ ତରଭା ସହର ଉପକଣ୍ଠ ଏକ ବନ୍ଧ ନିକଟରେ କାର୍‌ରେ ଆସିଥିବା ତିନିଜଣ ଯୁବକ ହଠାତ୍ ବାହାରକୁ ବାହାରି ବରକନ୍ୟା ବସିଥିବା କାର୍‌କୁ ଅଟକାଇ ଥିଲେ। ଏହା ପରେ ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଭୟ ଦେଖାଇ ଆତଙ୍କ ସୃଷ୍ଟି କରିବା ସହ କାର୍‌ରେ ବସିଥିବା ନବବଧୂଙ୍କୁ ଛାଡ଼ିଦେବାକୁ କହି ବରକୁ ଧମକ ଚମକ ଦେଇଥିଲେ। ମାରଣାସ୍ତ୍ର ଧରିଥିବାରୁ ବରପକ୍ଷର କେହି ବି ପ୍ରତିରୋଧ କରିବାକୁ ସାହସ କରି ନ ଥିଲେ। ଏହି ସୁଯୋଗରେ କାର୍ ଭିତରୁ ନବବଧୂଙ୍କୁ ଟାଣି ଆଣି ଅପହରଣକାରୀମାନେ ଆସିଥିବା କାର୍‌ରେ ଫେରାର ମାରିଥିଲେ। ଏନେଇ ହରିବନ୍ଧୁ ତରଭା ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ପ୍ରେମ ସମ୍ପର୍କକୁ ନେଇ ଏହି ଅପହରଣ ହୋଇଥିବା ଚର୍ଚ୍ଚା ହେଉଛି। ଅପହରଣକାରୀ ଯୁବକ ଜଣକ କଣ୍ଟାମାଳ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ନବବଧୂଙ୍କ ସହ ତାଙ୍କର କୁଆଡେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା । ଉଭୟଙ୍କ ମଧ୍ୟରେ ବିବାହ ହୋଇ ନ ପାରିବାରୁ ଶେଷରେ ପ୍ରେମିକ ଜଣକ ସହଯୋଗୀଙ୍କୁ ଧରି ଯୋଜନାବଦ୍ଧ ଭାବେ ଏଭଳି କାଣ୍ଡ ଘଟାଇଥିବା ଆଲୋଚନା ହେଉଛି। ତେବେ ପୋଲିସ ଏହି ଘଟଣା ସମ୍ପର୍କରେ କେବଳ ତଦନ୍ତ ଜାରି ରହିଥିବା କହିଛି। ନବବିବାହିତ ବର-ବଧୂଙ୍କୁ ଅପେକ୍ଷା କରିଥିବା କାମାକ୍ଷୀନଗର ଘରେ ସକାଳୁ ଏଭଳି ଖବର ପହଞ୍ଚିବା ପରେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି । ହରିବନ୍ଧୁଙ୍କ ବାପାଙ୍କ ଦେହାନ୍ତ ହୋଇ ଯାଇଥିବାରୁ ମା' ବହୁକଷ୍ଟରେ ଗ୍ରୁପ୍ ଋଣ କରି ପୁଅର ବିବାହ କରିଥିଲେ। ଶେଷରେ ଏଭଳି କାଣ୍ଡ ଘଟିବା ଜାଣିବା ପରେ ପରିବାରରେ ବିବାହର ଆନନ୍ଦ ପାଣି ଫୋଟକା ପରି ମିଳାଇ ଯାଇଥିବା ହରିବନ୍ଧୁଙ୍କ ବଡ଼ଭଉଣୀ କ୍ଷୋଭର ସହ କହିଛନ୍ତି।

### ଟାରିଫ୍ ଦ୍ୱନ୍ଦ୍ୱ, ...

ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦକୁ ମୋଟ ୫୦% ଟାରିଫ୍ ଲଗାଇଥିବାବେଳେ ଫେବୃଆରୀ ପ୍ରାରମ୍ଭରେ ଏହାକୁ ୧୮%କୁ ଖସାଇଦେଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଝଟକା ପରେ ଟ୍ରମ୍ପ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ଅପରିବର୍ତ୍ତିତ ରହିବ ବୋଲି ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଟ୍ରମ୍ପ କହିଥିଲେ, ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ଭାରତ ସହ ବାଣିଜ୍ୟ ଚୁକ୍ତିନାମାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଭାରତ ଆମକୁ ଟାରିଫ୍ ଦେବ କିନ୍ତୁ ଆମେ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି। ପୂର୍ବରୁ ଯାହା ଥିଲା, ସେଥିରେ ପରିବର୍ତ୍ତନ ହୋଇଛି। ଆପଣମାନେ ଜାଣନ୍ତି ଯେ ଭାରତ ଓ ମୁଁ ଭାବୁଛୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ଭଦ୍ରଲୋକ, କିନ୍ତୁ ସେ ଅନ୍ୟମାନଙ୍କଠାରୁ ଅଧିକ ସ୍ମାର୍ଟ। ସେ ଆମେରିକାଠାରୁ ଫାଇଦା ଉଠାଉଥିଲେ। ସେଥିପାଇଁ ଆମେ ଭାରତ ସହ ଡିଲ୍ କଲୁ। ଏହା ବହୁତ ଭଲ ଚୁକ୍ତିନାମା, ଯେଉଁଥିରେ ଆମେ ସେମାନଙ୍କୁ ଟାରିଫ୍ ଦେବୁନାହିଁ, କିନ୍ତୁ ସେମାନେ ଆମକୁ ପୈଠ କରିବେ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ। ଏଭଳି ସ୍ଥିତିରେ ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ୧୫% ନା ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବ ସେନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଥିଲା। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଆଲୋଚନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଉଭୟ ପକ୍ଷ ବିଚାରବିମର୍ଶ ପରେ ବୈଠକ ପାଇଁ ସହମତି ଭିତ୍ତିରେ ନୂଆ ତାରିଖ ଘୋଷଣା କରିବେ ବୋଲି ଭାରତ ଓ ଆମେରିକା ପକ୍ଷରୁ ପୃଥକ୍ ଭାବେ ସୂଚନା ଦିଆଯାଇଛି।

### ଓଟିପି, ଆଧାର, ...

କହିଥିଲେ। ନିକଟରେ ଶେଷ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ଭବିଷ୍ୟତରେ ବିଶ୍ୱ କିପରି କୃତ୍ରିମ ବୁଦ୍ଧିମତ୍ତାକୁ ଉପଯୋଗ କରିବ, ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଭାବେ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କ୍ଷେତ୍ରରେ ଭାରତ ଦ୍ୱାରା ସାଧିତ ଉଲ୍ଲେଖନୀୟ ସଫଳତାରେ ବିଶ୍ୱ ନେତାମାନେ ପ୍ରଭାବିତ ହୋଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ ପ୍ରତ୍ୟେକ କାମ ସମ୍ପନ୍ନ କରିପାରିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। କର୍ମକ୍ଷେତ୍ରରୁ ସହକର୍ମୀଙ୍କ ସାହାଯ୍ୟରେ ଆଶା କରୁଥିବା ଦୀର୍ଘଦିନର ବକେୟା ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ଦିଗରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ବୃଷ** ପରୋକ୍ଷ ଶତ୍ରୁତାର ବିନାଶ ସାଙ୍ଗକୁ ଋଣ ମାଧ୍ୟମରେ ଅର୍ଥପ୍ରାପ୍ତି ଘଟିବ। ପାରିବାରିକ କ୍ଷେତ୍ରର ବିବାଦୀୟ ସ୍ଥିତିକୁ ନେଇ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରୁ ଓହରି ପାରିବେ ନାହିଁ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ କେହି ଜଣେ ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ସହ ରୋଗପୀଡ଼ାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ** ସାମାଜିକ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାର୍ଯ୍ୟ ହାସଲ କରିବେ। ଆଜି ସବୁ କାର୍ଯ୍ୟ ଯଥା ସମୟରେ ହୋଇଯିବ। ଆବଶ୍ୟକତାର ବହୁଳତା କାରଣରୁ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବାର ସୂଚନା ରହିଛି।

**କର୍କଟ** ଉପରିସ୍ଥଙ୍କ ସହ ମତପାର୍ଥକ୍ୟ କାରଣରୁ ସଙ୍କଟଜନକ ସ୍ଥିତି ଉତ୍ପନ୍ନ ହେବ। ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସହକର୍ମୀଙ୍କ ଜରିଆରେ ପାଇପାରିବେ। ନିର୍ମାଣାଧୀନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ଏବଂ ଅପେକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**ସିଂହ** ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ,ସରକାରୀ ସହାୟତା ପ୍ରାପ୍ତିର ସମ୍ଭାବନା ରହିଛି। ଯାତ୍ରାକାଳୀନ ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ଘରେ ପୂର୍ବସ୍ଥିରୀକୃତ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ।

**କନ୍ୟା** ପାରିବାରିକ ଅଶାନ୍ତି ଓ ଦୈହିକ ଦୁର୍ବଳତା ମନୋବଳ ହ୍ରାସ କରିପାରେ। କରଜଦାତାଙ୍କ ଚାପରେ ଋଣ ପରିଶୋଧର ବିକଳ୍ପ ବ୍ୟବସ୍ଥା କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘ ଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବାଣୀକାରକ ବୁଧଙ୍କ ପ୍ରଭାବରୁ ସଭାସମିତିରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି।

**ତୁଳା** ବନ୍ଧୁଙ୍କ ସହାୟତାରେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିବା ସହ ଆର୍ଥିକ ଉନ୍ନତି ଘଟାଇବ। ଫଳପ୍ରଦ ଯାତ୍ରା, ଗୃହ ଭୂମି ଲାଭ, ପ୍ରତିଯୋଗିତାରେ ସଫଳତା ମିଳିପାରେ। କେତେକ ଘରୋଇକଥା ଚାହୁଁଥିଲେ ମଧ୍ୟ ବନ୍ଧୁଙ୍କୁ କହିପାରିବେ ନାହିଁ। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା** ବର୍ତ୍ତମାନର ସମୟ ଓ ପରିସ୍ଥିତିର ବିଷମତା ଆଶା ଓ କାମନାକୁ ଏପଟ ସେପଟ କରିଦେବ। ଅସହିଷ୍ଣୁ ବନ୍ଧୁଙ୍କ ମିଥ୍ୟା ଅଭିଯୋଗ କଷ୍ଟ ଦେବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହିତ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ମିଳିପାରେ।

**ଧନୁ** ବିଶିଷ୍ଟ ବ୍ୟକ୍ତିଙ୍କ ସହାନୁଭୂତି ସମସ୍ୟା ସମାଧାନପୂର୍ବକ କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ଗୃହାରମ୍ଭ, ଯାନ କ୍ରୟ ଏବଂ ବନ୍ଧୁ ସମ୍ପର୍କରେ ଉନ୍ନତି ଦେଖାଦେବ। ପ୍ରକାଶନ, ଏଜେନ୍‌ସିପ୍, ସାମ୍ବାଦିକତା, ସାହିତ୍ୟ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମତାନ୍ତର କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମକର** ଶୁକ୍ରଙ୍କ ପ୍ରଭାବରେ ବିଳାସବ୍ୟସନ ଦିଗରେ ମନ ଆକର୍ଷିତ ହୋଇ ଲକ୍ଷ୍ୟସାଧନର ମାର୍ଗକୁ ଅଣଦେଖା କରିପାରନ୍ତି। ଆଜିର ଗ୍ରହସମ୍ପର୍କ ନୂତନ ସମ୍ପର୍କ ସୃଷ୍ଟିରେ ସହାୟକ ହେବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ରାଶିରେ ରାଜଯୋଗ ସଂଘଟିତ ହୋଇଥିବାରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଲାଭକରି କାର୍ଯ୍ୟସାଧନ କରିବେ। ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ବିରୋଧୀ ଶକ୍ତିର ପ୍ରାଦୁର୍ଭାବ ଆପଣଙ୍କ ଉପରେ କୌଣସି କୁପ୍ରଭାବ ପକାଇପାରିବ ନାହିଁ। ଆଜିର ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶାସନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ପରିବାରରେ ଅର୍ଥର ଅଭାବ ଓ ପ୍ରତିବନ୍ଧକ କାମକୁ ସ୍ଥଗିତ ରଖିପାରିବ ନାହିଁ। ଆଜି ବନ୍ଧୁଙ୍କ ଘରୋଇ କାର୍ଯ୍ୟରେ ସହଯୋଗ ସକାଶେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଗୁରୁପାକ ଦ୍ରବ୍ୟ ଭୋଜନଜନିତ ସ୍ୱାସ୍ଥ୍ୟହାନି ଘଟିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଭଲ।

ଆଜି ଫେବୃଆରୀ ୨୩ ତାରିଖ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୪ ଗତେ, ଘ.୦୭।୪୦ ମଧ୍ୟେ, ଘ.୧୦।୫୧ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୦ ଗତେ, ଘ.୦୯।୦୭ ମଧ୍ୟେ ରାହୁକାଳ।








Flat
45% off
on making charges
of gold jewellery.

90 YEARS
TRUST IS TIMELESS

JHARSUGUDA : Sarbahal Road, Marwari Para | ROURKELA : Kesar Bhawan, Main Road
SHOWROOMS ALSO AT : BHUBANESWAR | ANGUL | BERHAMPUR | CUTTACK | JAJPUR ROAD | PURI | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com
1800 3131 777
FOLLOW US ON:
SCAN TO KNOW MORE








Flat
45% off
on making charges
of gold jewellery.

90 YEARS
TRUST IS TIMELESS

JHARSUGUDA : Sarbahal Road, Marwari Para | ROURKELA : Kesar Bhawan, Main Road
SHOWROOMS ALSO AT : BHUBANESWAR | ANGUL | BERHAMPUR | CUTTACK | JAJPUR ROAD | PURI | SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

# ୪୧୮.୫୪କୋଟି ଖର୍ଚ୍ଚ ହେଲାଣି, ମିଳୁନି ପାଣି

ଭବାନୀପାଟଣା,୨୨।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଖରାଦିନ ଆସିଲେ ବଢ଼ିଯାଏ ପାନୀୟ ଜଳ ସମସ୍ୟା। ରାଜ୍ୟ ସରକାରଙ୍କ ବସୁଧା ପ୍ରକଳ୍ପ ଓ କେନ୍ଦ୍ର ସରକାରଙ୍କ 'ଜଳ ଜୀବନ ମିଶନ'ରେ କୋଟି କୋଟି ଟଙ୍କାର ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ସତ୍ତ୍ୱେ ଜଳ ସଙ୍କଟରୁ ମୁକୁଳି ପାରୁନାହାନ୍ତି ଅଧିରୁ ଅଧିକ ଅଞ୍ଚଳବାସୀ। ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକେ। ଜିଲାର ଲାଞ୍ଜିଗଡ଼, ଥୁଆମୂଳରାମପୁର ଭଳି ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଞ୍ଚଳରେ ମାଇଲ ମାଇଲ ବାଟ ଚାଲି ଚୁଆ ପାଣିରେ ଲୋକେ ଚଳୁଛନ୍ତି। ଲୋକଙ୍କ ଏହି ଜଳକଷ୍ଟ ଦୂର କରିବାକୁ ପୂର୍ବ ରାଜ୍ୟ ସରକାର ପାଇପ ଯୋଗେ ପାନୀୟଜଳ ଯୋଗାଇବାକୁ ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଥିଲେ। ଏହାର ନିର୍ମାଣ ଅବଧି ସରି ଯାଇଥିଲେ ସୁଦ୍ଧା ଜିଲାର ୬ଟି ବ୍ଲକରେ ଆଗେଇ ପାରୁନି ଏହି ମେଗା ଜଳ ପ୍ରକଳ୍ପ। ୨୦୨୦-୨୧ରୁ ଆରମ୍ଭ

## ଅବଧି ପରେ ବି ଶେଷ ହେଉନି ୬ ମେଗା ପ୍ରକଳ୍ପ



ଜୁନାଗଡ଼ ବ୍ଲକ ତିଲକପୁରଠାରେ ଅସମ୍ପୂର୍ଣ୍ଣ ଭାବେ ଥିବା ମେଗା ପ୍ରକଳ୍ପ।

ହୋଇଥିବା ଏହି ପାନୀୟଜଳ ପ୍ରକଳ୍ପ ଏପର୍ଯ୍ୟନ୍ତ ସରି ପାରୁ ନ ଥିବା ଜଣାପଡ଼ିଛି। ପାନୀୟ ଜଳ ସମସ୍ୟାକୁ ଦୂର କରିବା ଉଦ୍ଦେଶ୍ୟରେ ସରକାର ୨୦୧୯ରେ ଜିଲାରେ ୬ଟି ମେଗା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମଞ୍ଜୁର କରିଥିଲେ। ଭବାନୀପାଟଣା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାର ଗୋଲାମୁଣ୍ଡା, ଜୟପାଟଣା, ଜୁନାଗଡ଼, କଳମପୁର, କୋକସରା ଏବଂ ଥୁଆମୂଳ ରାମପୁରରେ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଜାରି ରହିଛି। ଏହି ସମସ୍ତ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ମୋଟ ୮୯୮.୭୪ କୋଟିରୁ ଅଧିକ ଟଙ୍କାର ପାଣି ଅନୁମୋଦିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୧୮.୫୪ କୋଟି ଟଙ୍କା ବ୍ୟୟ କରାଯାଇସାରିଛି। ବିଶେଷକରି ଗୋଲାମୁଣ୍ଡା ବ୍ଲକର ବଣ୍ଡାଗାଁଠାରେ ନିର୍ମିତ ପ୍ରକଳ୍ପଟି ସର୍ବାଧିକ ଅଗ୍ରଗତି କରିଥିବାବେଳେ ଏହା ବର୍ତ୍ତମାନ ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଛି। ଅନ୍ୟପଟେ ଜୁନାଗଡ଼ର ତିଲକପୁର ପାଇଁ ସର୍ବାଧିକ ୧୮୦.୨୫ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ଏହି ସମସ୍ତ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ହାଇଦ୍ରାବାଦର ଏକ ସଂସ୍ଥା ନେଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକର ବଣ୍ଡାଗାଁ ପ୍ରକଳ୍ପ ୩୦ ଜୁନ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଏବେବି ଅସମ୍ପୂର୍ଣ୍ଣ। ସେହିପରି କୋକସରା ଓ ଥୁଆମୂଳ ରାମପୁରର ପ୍ରକଳ୍ପ ୨୦୨୫ ନଭେମ୍ବର ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ଜୟପାଟଣା, ଜୁନାଗଡ଼ ଏବଂ କଳମପୁର ବ୍ଲକର ପ୍ରକଳ୍ପଗୁଡ଼ିକୁ ୨୦୨୬ ଜାନୁଆରୀ ୪ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ଅବଧି ସରିଯାଇଛି। ହେଲେ ବିଭାଗୀୟ ଅବହେଳା ଓ ଠିକା ସଂସ୍ଥାର ମନମୁଖୀ ଯୋଗୁ ଜିଲାର ୬ଟି ବ୍ଲକର ହଜାର ହଜାର ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଜିଲାରେ କ୍ରମାଗତ ଭାବେ ଜଳ ସମସ୍ୟା ଲାଗି ରହିଛି। ସରକାରଙ୍କ ଅନୁମୋଦିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହୋଇନାହିଁ। ଗ୍ରାମବାସୀ ପାନୀୟ ଜଳ ମୁନ୍ଦେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ତେବେ ଲୋକଙ୍କ ବିକାଶ ପାଇଁ ବର୍ତ୍ତମାନ ରାଜ୍ୟ ସରକାର ତତ୍ପର ଥିବାବେଳେ ସ୍ଥାନୀୟ ପ୍ରଶାସନ ଉକ୍ତ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରୁ ନ ଥିବାରୁ ଏହା ଶେଷ ହେବାରେ ଅହେତୁକ ବିଳମ୍ବ ଘଟୁଥିବା ସାଧାରଣରେ ଆଲୋଚନା ହେଉଛି।

# ଯଜ୍ଞ ଦ୍ୱାରା ପରିବେଶ ସନ୍ତୁଳିତ ହୋଇଥାଏ



ମହାବିଷ୍ଣୁ ଯଜ୍ଞ ଲାଗି ନକଟିଗୁଡାଠାରେ ଭୂମିପୂଜନ କରାଯାଉଛି।

## ମହା ବିଷ୍ଣୁଯଜ୍ଞ ନିମନ୍ତେ ଭୂମିପୂଜନ

ଜୁନାଗଡ଼, ୨୨।୨(ସୁନୀଲ କୁମାର ସିଂହ)

ସଦ୍‌ଗୁରୁଦେବ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୩ତମ ବାର୍ଷିକ ମହାବିଷ୍ଣୁ ଯଜ୍ଞ ନିମନ୍ତେ ଜୁନାଗଡ ବ୍ଲକ ନକଟିଗୁଡାଠାରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ସଂଘର ଗୁରୁଜୀ ଜଗଦାନନ୍ଦଜୀ ମହାରାଜ ଉପସ୍ଥିତ ରହି ଭୂମିକର୍ଷଣ ଓ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଯଜ୍ଞ ଦ୍ୱାରା ପରିବେଶ ସନ୍ତୁଳିତ, ପୃଥିବୀ ଶସ୍ୟଶ୍ୟାମଳା ଓ ସମଗ୍ର ଜୀବଜଗତରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ସଂଘର ବେଦବ୍ରହ୍ମା ସରୋଜାନନ୍ଦଜୀ ବୈଦିକ ବିଧି ବିଧାନରେ ପୂଜନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତୋଷାନନ୍ଦ, ଅମୀୟ ପାଢୀ ଓ ଶ୍ରୀକାନ୍ତ ଖମାରୀ ସହଯୋଗ କରିଥିଲେ। କାଳୀକୃଷ୍ଣ ସଂଘର ସଭାପତି ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ ସରିତା ପଣ୍ଡା ଯଜମାନ ଭାବରେ କାର୍ଯ୍ୟ ସମ୍ପାଦିତ କରିଥିଲେ। ଆଗାମୀ ମାର୍ଚ୍ଚ ୧୭ରୁ ୨୦ ତାରିଖ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହେବା ସହ ସଂସ୍କାର କାର୍ଯ୍ୟକ୍ରମ, ମୁଣ୍ଡନ, ବ୍ରତୋପନୟନ, କୁଣ୍ଡାବରା, ଅନ୍ନପ୍ରାସନ, କର୍ଣ୍ଣଭେଦ, ବିଦ୍ୟାରମ୍ଭ ତଥା ଘୃତଯଜ୍ଞ, ଅନ୍ନ ଛତ୍ର, ପ୍ରବଚନ, ଭଜନ ସନ୍ଧ୍ୟା, ଦୀକ୍ଷା କାର୍ଯ୍ୟକ୍ରମ, ବିଭିନ୍ନ ସେବା ଯଜ୍ଞଦାନ ଅନୁଷ୍ଠିତ ହେବ। ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା, ଶାଖା ସଂଘ ଓ ଗ୍ରାମର ଶିଷ୍ୟାଶିଷ୍ୟ ଓ ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ। ନକଟିଗୁଡା ଗ୍ରାମର ଶିଷ୍ୟାଶିଷ୍ୟ ଓ ଜନସାଧାରଣ ଭୂମିପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତରଙ୍ଗେଲ ଗାଁରେ ୨୧ବର୍ଷ ପରେ ଟୋକିପର୍ବ

ଲାଞ୍ଜିଗଡ଼, ୨୨।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ତରଙ୍ଗେଲ ଗାଁରେ ଆଦିବାସୀଙ୍କ ନିଆରା ପରମ୍ପରା ଟୋକିପର୍ବ ବା ମେରିଆ ପର୍ବ ୨୧ବର୍ଷ ପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନେ ନିଜର ଧରଣୀପେନୁ ତଥା ପ୍ରକୃତି ରାଣୀ ବଣ, ପାହାଡ଼, ଝରଣାକୁ କେଉଁ ପୁରାତନ କାଳରୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ପୂର୍ବରୁ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁଥିବା ବେଳେ ୧୨ମାସରେ ୧୩ପର୍ବ ପାଳନ କରିଥାନ୍ତି। ଏଥିମଧ୍ୟରୁ ଅନ୍ୟତମ ଟୋକି ପର୍ବ ବା ମେରିଆ ପର୍ବ। ଏହି ଟୋକି ମରା ପର୍ବ ତଥା ମେରିଆ ପର୍ବ ରବିବାର ଶାନ୍ତିଶୃଙ୍ଖଳାର ସହିତ ଉଦ୍‌ଯାପିତ ହୋଇଯାଇଛି। ଏନେଇ ତରଙ୍ଗେଲ ଗାଁ ଉତ୍ସବ ମୁଖର ହୋଇଉଠିଛି। ଏହି ଅବସରରେ ଗାଁ ଧରଣୀପେନୁ ଦେବୀ ସମେତ ସମସ୍ତ ଦେବାଦେବୀଙ୍କ ଶକ୍ତିପୀଠଗୁଡ଼ିକରେ ରୀତିନୀତି ଅନୁଯାଇ ଆଦିବାସୀଙ୍କ ମନ୍ତ୍ରପାଠରେ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀଙ୍କ ବିଶ୍ୱାସ ରହିଆସିଛି, ଏହି ପର୍ବରେ ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ଶହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ। ଏନେଇ ମୁଖ୍ୟ ପୂଜକ ତଥା ଗାଁ ଯାନୀ ଶମ୍ଭାରା ମାଝୀ, ପାଠ ଯାନୀ, ସନା ମାଝୀ ସମେତ ଗାଁ ମୁଖିଆ ଶୁକ୍ରୁ ମାଝୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରପାଠରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଆଦିବାସୀଙ୍କ ନିଶାନ ବୀର ବାଦ୍ୟରେ ଗାଁଟି ଗର୍ଜିଉଠିଥିଲା। ଅତିଥିଙ୍କୁ ସମ୍ମାନର ସହିତ ଖଟିଆ ଉପରେ ବସାଇ କାନ୍ଧରେ ବୋହି ମନ୍ଦିର ବେଢ଼ା ଚାରିପାର୍ଶ୍ୱରେ ପରିକ୍ରମା କରିଥିଲେ।

# ମହୋତ୍ସବର ପ୍ରଥମ ଦିନରୁ ନାଚଗୀତରେ ଦୁଲୁକିଲା ମଞ୍ଚ



ମଶାଲ ଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ନୂଆପଡ଼ା,୨୨।୨(ମକାରୁ ବେମାଲ)

ନୂଆପଡା ଜିଲା ଛତିଶଗଡ ସୀମାନ୍ତ ଖରିଆର ରୋଡ ୨ୟ ତମ ମହୋତ୍ସବ ଗୋତମା ଛକ ସୀମାନ୍ତ ପଡିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ନ ୩ଟାରେ ଖରିଆରରୋଡ ରାମମନ୍ଦିରଠାରୁ ବିଭିନ୍ନ ସଙ୍ଗଠନ, ସହରବାସୀ, ମହୋତ୍ସବ କମିଟିକୁ ନେଇ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମଶାଲ ସ୍ଥାପନ କଲା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜକ କମିଟି ସଭାପତି ସନ୍ଦିପ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଖରିଆର ରୋଡବାସୀ ଛତିଶଗଡ଼ ସୀମାନ୍ତରେ ରହି ଛତିଶଗଡ଼ି ଓ ହିନ୍ଦି ଭାଷାରେ କଥାବାର୍ତ୍ତା ହେଉଥିଲେ ମଧ୍ୟ ଓଡ଼ିଆ ଭାଷାକୁ ଉଦ୍‌ଜୀବିତ କରି ଓଡିଶାର ଗର୍ବ ଓ ଗୌରବ ମାନମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ମହୋତ୍ସବ ମାଧ୍ୟମରେ ଯେଉଁ ପ୍ରୟାସ କରିଛନ୍ତି,ଏଥିରେ ଆୟୋଜକ କମିଟି ତଥା ଖରିଆର ରୋଡବାସୀଙ୍କୁ ବିଶେଷ ଧନ୍ୟବାଦ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ନୂଆପଡ଼ା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ଏନ୍‌ଏସି ଅଧ୍ୟକ୍ଷ ଉଜ୍ୱଳ ଗୁପ୍ତା, ଭାଜପା ଜିଲା ଉପ ସଭାପତି ସମୀର ପଣ୍ଡା, ହିନ୍ଦି କାବ୍ୟ ମଞ୍ଚ ସାମାଜିକ କର୍ମୀ ପ୍ରମିଳା ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ଥିଲେ। ମହୋତ୍ସବ ମଞ୍ଚରେ ସର୍ବ ପ୍ରଥମେ ଗଣେଶ ବନ୍ଦନା କରି ସଭା ପରିଚାଳନା କରା ଯାଇଥିଲା। ଏହାପରେ ଗୋପବନ୍ଧୁ ବିଦ୍ୟାପୀଠ ଖରିଆର ରୋଡ ଛାତ୍ରୀଛାତ୍ର, ନୃତ୍ୟା ମିଶ୍ର ଓ ଗୃପ ଖରିଆର ରୋଡ, ଶ୍ରୀସାଇ କଲେଜ ଘାଟିପଡା, ଜ୍ଞାନଜ୍ୟୋତି କେଆର ବିଦ୍ୟାଳୟ ନୂଆପଡା, ଗୋଲ୍‌ଡେନ ଜୁବିଲି ଓମେନ କଲେଜ ଖରିଆର ରୋଡ, ଶ୍ରୀଜଗନ୍ନାଥ କଲେଜ ଏଣ୍ଡ ସ୍କୁଲ ଅଫ ନର୍ସିଂ ଖରିଆର ରୋଡର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମ୍ବଲପୁରି ସହ ହିନ୍ଦି,ଛତିଶଗଡି ନାଚଗୀତରେ ମଞ୍ଚ ଦୁଲକି ଯାଇଥିଲା। ଶିବ ତାଣ୍ଡବ କ୍ଲାସିକ ଡ୍ୟାନ୍ସ ଏକାଡେମୀ ଖରିଆର ରୋଡ ଓ ଆଦର୍ଶ ଆଦିବାସୀ ନୃତ୍ୟ କଳା କୋରାପୁଟ ଦର୍ଶକଙ୍କ ମନକୁ ମୋହି ନେଇଥିଲା। ପ୍ରଥମ ରଜନୀରୁ ଦର୍ଶକ ସମ୍ବଲପୁରୀ ଓ ହିନ୍ଦି, ଛତିଶଗଡି ନାଚଗୀତରେ ବିମୋହିତ ହୋଇ ପଡିଛନ୍ତି। ରବିବାର ଠାରୁ ବୁଧବାର ପର୍ଯ୍ୟନ୍ତ ୪ ଦିନ ଧରି ଆୟୋଜିତ ମହୋତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅନେକ କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ନେତା,ମନ୍ତ୍ରୀଙ୍କ ଆଗମନ ସହ ଜିଲା ପ୍ରଶାସନଙ୍କ ଆମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି। ଆୟୋଜକ କମିଟି ଉପସଭାପତି ନୀରଜ ପାଣ୍ଡେ, ସମ୍ପାଦକ ପ୍ରେମ ସାହୁ, ସଂଯୋଜକ ବିଜୟ ଗୁପ୍ତା, କୋଷାଧ୍ୟକ୍ଷ ଦୀପକ ଜୈନ,ସାଂସ୍କୃତିକ ସମ୍ପାଦକ ମିତା ମିଶ୍ରା, ସୋନୁ ଗାନ୍ଧୀ,ସୁମିତ ଅଗ୍ରୱାଲ ଓ ସହରବାସୀ ପ୍ରମୁଖ ଆୟୋଜନ କରୁଛନ୍ତି।

# ଋଷିପୀଠ ଯୋଗୀମଠ ମହୋତ୍ସବର ଶୁଭଖମ୍ବ ସ୍ଥାପନ

ଖଡ଼ିଆଳ,୨୨।୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁକଲା କଲେଜ ପଡ଼ିଆରେ ଏପ୍ରିଲ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଋଷିପୀଠ ଯୋଗୀମଠ ମହୋତ୍ସବ। ଏନେଇ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିରେ କର୍ତ୍ତା ଭାବରେ ଉଗ୍ର ମାଧବ ମାଝୀ ଓ ବୁଦାଙ୍ଗ ଜାନି ରହିଥିଲେ। ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ କମଳ ଲୋଚନ ଜାନି, ଗୁଜରାତି ଝାଙ୍କର, ଭଗବାନ ଦାଶ ଓ ନରେଶ ମାଝୀ। ମାଆ ଗିସିପିଟେନ ଓ ଗଡିଏନଙ୍କ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ଋଷିପୀଠ ଯୋଗୀମଠ ମହୋତ୍ସବ ପାଳନ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଖଡ଼ିଆଳ ବ୍ଲକର ଡୁକଲା, ଋଷିଗାଁ, ଖାସବାହାଲ, ବଡଦୋହେଲ, ଦୋହେଲପଡ଼ା ଓ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକର ବୋଲଧା ଗ୍ରାମ ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।

# ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ରିଷିଡା, ୨୨।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କୁମ୍ଭାରପଡ଼ାଠାରେ ଆସନ୍ତା ୨ ତାରିଖ ଦୋଳପୂର୍ଣ୍ଣିମା ଅବସରରେ ପଡ଼ାବାସୀ ତରଫରୁ ହେବାକୁ ଥିବା ଷୋହଳ ପହର ନାମ ଯଜ୍ଞ ପାଇଁ ବିଧିବଦ୍ଧ ଭାବେ ରବିବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ଭଜନ ସଂକୀର୍ତ୍ତନ ସହିତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଶୁଭଖମ୍ବକୁ ନଗର ପରିକ୍ରମା କରି ବରଣ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ପ୍ରହଲ୍ଲାଦ ବାରିକ, ହୃଦାନନ୍ଦ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ରମେଶ ବାରିକ, ହିମାଂଶୁ ରଣା, ପିତ ରଣା, ଶତ୍ରୁଘନ ରଣା, ଜଗମୋହନ ରଣା, ନନ୍ଦକିଶୋର ରଣା, ମନୋଜ ରଣା, ସରପଞ୍ଚ ସେବତୀ ରଣା, ଯଜ୍ଞକର୍ତ୍ତା ଦାୟିତ୍ୱରେ, ରୋହିତ ରଣା ଏବଂ ତାଙ୍କ ସ୍ତ୍ରୀ ମଞ୍ଜୁ ରଣା, ପୂଜକ ପ୍ରଶାନ୍ତ ମିଶ୍ର ପୂଜା ସମ୍ପାଦନ କରିଥିଲେ। କୁମ୍ଭାରପଡ଼ାର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ସହଯୋଗ କରିଥିଲେ।



କୁମ୍ଭାରପଡ଼ାଠାରେ ଶୁଭଖମ୍ବ ସ୍ଥାପନ କରାଯାଉଛି।

# ମାରାଗୁଡ଼ା ଲୋକ ମହୋତ୍ସବର ସ୍ମରଣିକା କମିଟି ବୈଠକ

ନୂଆପଡ଼ା,୨୨।୨ (ମକାରୁ ବେମାଲ)

ନୂଆପଡା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶନିବାର ମାରାଗୁଡା ଲୋକ ମହୋତ୍ସବର ସ୍ମରଣିକା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ, ଜିଲା ସଂସ୍କୃତି ଅଧିକାରୀ ରମେଶ ମହରା, ମେଜର ରାମଚନ୍ଦ୍ର ମିଶ୍ର, ଫଣିନ୍ଦମ ସିଂଦେଓ, ପ୍ରସନ୍ନ କୁମାର ପାଢୀ, ମୁରଲୀଧର ପଣ୍ଡା, ବାସୁଦେବ ସୁନାନୀ, ଲୋହିତାକ୍ଷ ଯୋଶୀ, ସାମୁଏଲ ଦାନୀ,ପ୍ରବୋଧ ହୋତା, ସୁଶାନ୍ତ ବିଶି ପ୍ରମୁଖ କବି, ଲେଖକ, ଗାଳ୍ପିକ ଯୋଗଦେଇ ଉପସ୍ଥିତ ଥିଲେ। ନୂଆପଡା ଜିଲାର ସାହିତ୍ୟ, ସଂସ୍କୃତି, ଇତିହାସ,ଐତିହ୍ୟ ତଥା ପ୍ରଗତି ଉପରେ ଆଧାରିତ ଓଡିଆ,

## ମାରାଗୁଡ଼ା ସ୍ମରଣିକା ପାଇଁ ସ୍ୱରଚିତ ଲେଖା ପଠାଇବା ପାଇଁ ଅନୁରୋଧ

କୋଶଲି, ହିନ୍ଦି ବା ସଂସ୍କୃତ ଭାଷାରେ ସ୍ୱରଚିତ ଲେଖା ସର୍ବାଧିକ ୨ ହଜାର ୫ ଶହ ଶବ୍ଦରେ ଡିଟିପି କରି ପ୍ରବୋଧ ହୋତା ମୋବାଇଲ ନଂ.୯୬୬୮୨୦୭୨୪୯ କିମ୍ବା ରମେଶ ମହରା ମୋବାଇଲ ନଂ.୯୧୭୮୮୦୪୦୧ରେ ନିର୍ଦ୍ଧାରିତ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ୱାଟ୍ସଆପରେ ପଠାଇବା ପାଇଁ ଲେଖକମାନଙ୍କୁ ଅନୁରୋଧ କରାଯାଇଛି। ଲେଖା ସମ୍ବନ୍ଧୀୟ ବିଚାର ପାଇଁ ସମ୍ପାଦନା ମଣ୍ଡଳୀର ନିଷ୍ପତ୍ତି ଚୂଡାନ୍ତ ହେବ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି ।

# ଚିନ୍ଦାଗୁଡ଼ାରେ ନାମଯଜ୍ଞ: ସ୍ଥାପନ ହେଲା ଶୁଭଖମ୍ବ

ଖଡ଼ିଆଳ,୨୨।୨(ସୁଜିତ କୁମାର ପ୍ରଧାନ)

ବିଶ୍ୱର ମଙ୍ଗଳ ଓ କଲ୍ୟାଣ ନିମିତ୍ତ ବିଶେଷ କରି ହରେକୃଷ୍ଣ ହରେରାମ ନାମ ଜପି ନାମ ଯଜ୍ଞ କରିବା ପାଇଁ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡାଠାରେ ମାର୍ଚ୍ଚ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ରବିବାର ସମ୍ପୂର୍ଣ୍ଣ ବିଧିବ୍ୟବସ୍ଥା ମଧ୍ୟରେ ଭୂମିପୂଜନ କରାଯାଇ ଶୁଭଖମ୍ଭ ସ୍ଥାପନ କରାଯାଇଛି। ଏହି ନାମ ସଂକୀର୍ତ୍ତନର କର୍ତ୍ତା ଭାବରେ ସୁଭଦ୍ରା ନାୟକ ଓ ଶ୍ରୀମାନ ଫକୀର ନାୟକ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଙ୍କ ନେତୃତ୍ୱରେ ଚିନ୍ଦାଗୁଡାର ସଂକୀର୍ତ୍ତନ ଦଳ ଭଗବାନଙ୍କ ନାମ ଉଚ୍ଚାରଣ କରି ଶୁଭଖମ୍ବର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୂଜକ ଭାବରେ ପଣ୍ଡିତ ହେମଲାଲ ମିଶ୍ର ଯୋଗଦେଇଥିଲେ। ୧୭ ତାରିଖ ସନ୍ଧ୍ୟାରେ ଅଧିବାସ ୧୮ ତାରିଖ ନାମାରମ୍ଭ ଓ ୨୦ ତାରିଖ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ଥିବା ଆୟୋଜକ ସୂଚନା ଦେଇଛନ୍ତି। ଏହି ଅବସରରେ ଆୟୋଜକ ସଭାପତି ସୁନୀଲ କୁମାର ମାଝୀ, ସମ୍ପାଦକ ଯତୀନ୍ଦ୍ର କୁମାର ବିଶି, କୋଷାଧ୍ୟକ୍ଷ ଭୁଜ ମାଝୀ, ଦକ୍ଷରାଜ ପ୍ରଧାନୀ, କେଦାର ପ୍ରଧାନୀ, ଦେବେନ୍ଦ୍ର ମାଝୀଙ୍କ ସହ ଗାଁର ଆବାଳ ବୃଦ୍ଧବନୀତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଭକ୍ତ ଓ ଭକ୍ତ ଚିନ୍ଦାଗୁଡ଼ା ଆସି କାର୍ଯ୍ୟକ୍ରମକୁ ସଫଳ କରିବା ସହ ନାମଯଜ୍ଞକୁ ଉପଭୋଗ କରିବାକୁ ଚିନ୍ଦାଗୁଡ଼ା ପୂଜା କମିଟି ସଦସ୍ୟ ତଥା ଆୟୋଜକ ଅନୁରୋଧ କରିଛନ୍ତି।



ଚିନ୍ଦାଗୁଡାଠାରେ ଶୁଭଖମ୍ବ ସ୍ଥାପନ ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ।

# ନୂତନ ଇନ୍ଦ୍ରାବତୀ ଜିଲା ଦାବିରେ ବୈଠକ

ଜୟପାଟଣା,୨୨।୨
(ଓମ ପ୍ରକାଶ ବୈଠାରୁ)

ଅଞ୍ଚଳର ସାମଗ୍ରିକ ଉନ୍ନତି, ଜନସମସ୍ୟାର ସମାଧାନ ଏବଂ ସାମାଜିକ ସଚେତନତା ବୃଦ୍ଧି ଲକ୍ଷ୍ୟରେ ରବିବାର କଳାହାଣ୍ଡି ଜିଲା ଜୟପାଟଣା ସଚେତନ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଆର ପ୍ୟାଲେସଠାରେ ଆୟୋଜିତ ଏହି ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ବିଶେଷକରି ଚିକିତ୍ସା ସୁବିଧାରେ ସୁଧାର, ସ୍ୱାସ୍ଥ୍ୟସେବା ବୃଦ୍ଧି, ଯାତାୟାତ ସମସ୍ୟାର ସମାଧାନ, ନିର୍ବାଚନମଣ୍ଡଳୀ ପୁନର୍ଗଠନ, ନୂତନ ଜିଲା ଗଠନ ପ୍ରସ୍ତାବ ଓ ଅନ୍ୟାନ୍ୟ ଜନହିତକର ବିଷୟ ଉପରେ ବିଷଦ ଭାବରେ ଚର୍ଚ୍ଚା ହୋଇ ସମିତି ପକ୍ଷରୁ ଆଗାମୀ ଦିନରେ ସକ୍ରିୟ ପଦକ୍ଷେପ ନେବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ନୂତନ ଇନ୍ଦ୍ରାବତୀ ଜିଲା ଗଠନ ନିମନ୍ତେ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ବିଭାଗ, ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିଲା। ଏହି ଦାବିକୁ ବଣିକ ସଂଘ, ସରପଞ୍ଚ ସଂଘ, ସମିତି ସଭ୍ୟ ସଂଘ, ସାମ୍ବାଦିକ ସଂଘ, ସାହିତ୍ୟ ସଂସଦ, ଡ୍ରାଇଭର ସଂଘ, ଯୁବ ଜାଗରଣ ସମିତି ସମେତ ବହୁ ଅନୁଷ୍ଠାନ ସମର୍ଥନ ଜ୍ଞାପନ କରିଥିଲେ। ବିଭିନ୍ନ ସମସ୍ୟା ଆଲୋକପାତ ସହ କମିଟି ପୁନର୍ଗଠିତ ହୋଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ କମିଟିର ସଭାପତି ଭାବରେ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଭାବେ ଦିବାକର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବରେ ପ୍ରାଣରଞ୍ଜନ ବେହେରା, ଉପସଭାପତି ଭାବରେ ରୁଦ୍ର ପ୍ରସାଦ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ପରାମର୍ଶଦାତା କମିଟିର ସଦସ୍ୟ ଭାବରେ ସତ୍ୟ ନାରାୟଣ ଅଗ୍ରୱାଲ, ଶେଷଦେବ ବେହେରା, ଶୈଳେନ୍ଦ୍ର ରାଜ, ଗଙ୍ଗାଧର ମାଝୀ, ଘାସିରାମ ଅଗ୍ରୱାଲ, ବାଳମୁକୁନ୍ଦ ପଣ୍ଡା, ମନୋଜ ପାତ୍ର, ଛାୟାକାନ୍ତ ବେଣୁପାଣି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ଅଞ୍ଚଳର ବହୁ ରାଜନୀତିଜ୍ଞ, ସମାଜସେବୀ, ବୁଦ୍ଧିଜୀବୀ, ଯୁବକ, ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସରଫ ଅଲ୍ଲୀ, ଜଗମୋହନ ପଟ୍ଟନାୟକ, ପ୍ରବୀର ଭରଦ୍ୱାଜ, ସୁଶିଲ ନାୟକ, ଅମରେଶ ସିଂ, ଗୋପାଳ ଅଗ୍ରୱାଲ, ରିତେଶ ବଂଶଲ, ମୋହନ ଅଗ୍ରୱାଲ, ତରୁଣ ଅଗ୍ରୱାଲ, ରଶ୍ମିରଞ୍ଜନ ସୁନା, ଅଭିଷେକ ପଣ୍ଡା, ଶିବାନନ୍ଦ ବେନିଆ ପ୍ରମୁଖ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ। ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ଜୟପାଟଣାର ସମଗ୍ର ଉନ୍ନତି, ଜନସମସ୍ୟାର ସମାଧାନ ଓ ଲୋକହିତକର କାର୍ଯ୍ୟ ପାଇଁ ଏକତ୍ର ଭାବେ କାମ କରିବାକୁ ସଂକଳ୍ପ ଗ୍ରହଣ କରିଥିଲେ।



ଜୟପାଟଣା ସଚେତନ ନାଗରିକ କ୍ରିୟାନୁଷ୍ଠାନ କମିଟିର ବୈଠକରେ କର୍ମକର୍ତ୍ତା।

# ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ମିଲର୍ସଙ୍କ ବେଖାତିର

■ ସପ୍ତାହକରେ ୬ମିଲର୍ସଙ୍କୁ ନୋଟିସ୍
■ ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ
■ ଚର୍ଚ୍ଚାରେ ଆଞ୍ଚଳିକ ପ୍ରଦୂଷଣ ବିଭାଗ

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି। ସ୍ୱାସ୍ଥ୍ୟହାନିର ଏହା ପ୍ରମୁଖ କାରଣ ସାଜିଛି। ଏହାକୁ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱର ସହିତ ନେଇଛନ୍ତି। ଏଥିପାଇଁ ସରକାର ନିୟମ କଡ଼ାକଡ଼ି କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣ ରୋକିବା ପାଇଁ ବାଇକ୍‌ଠାରୁ ଆରମ୍ଭ କରି ବିଭିନ୍ନ ଯାନବାହନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ବାଧ୍ୟତାମୂଳକ କରିଥିବାବେଳେ ଏହାକୁ ଅବମାନନା କଲେ ମୋଟାଅଙ୍କର ଜରିମାନା ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଛତୁ ଫୁଟିବା ଭଳି ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢ଼ି ଉଠୁଛି। ଶିଳ୍ପାନୁଷ୍ଠାନଗୁଡ଼ିକ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁଫୁଙ୍କରିଚାଲିଛନ୍ତି।ତଥାପିପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। କେବଳ କାରଣ ଦର୍ଶାଅ ନୋଟିସ୍‌ରେ କାର୍ଯ୍ୟାନୁଷ୍ଠାନ ସୀମିତ ରହି ଯାଉଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର କାର୍ଯ୍ୟକଳାପ ମଧ୍ୟ ସାଧାରଣରେ ନାନା ସନ୍ଦେହ ସୃଷ୍ଟି କରିଛି।

ଗତ ସପ୍ତାହକ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବରଗଡ଼ ଜିଲାର ୬ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହି ରାଇସ୍ ମିଲ୍‌ଗୁଡ଼ିକ ହେଲେ, ବରଗଡ଼ ବ୍ଲକ ଗୋବିନ୍ଦପୁରସ୍ଥିତ ନବଦାନ୍ୟ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍, କ୍ରିଷ୍ଣା ମର୍ସରିଜର୍ସ ୟର୍ଣ୍ଣ କଟନ୍ ମିଲ୍(ସୂତାମିଲ୍), ନାଗେନପାଲିସ୍ଥିତ ଓମ୍ ଫୁଡ୍ସ ପ୍ରଡ଼କ୍ଟସ୍, ଅତାବିରା ବ୍ଲକ ଭୋଇପାଲିର ବାଲାଜୀ ଆଗ୍ରୋ ପ୍ରଡକ୍ଟସ୍, ରେଙ୍ଗାଲିକ୍ୟାମ୍ପସ୍ଥିତ ବିଜୟଲକ୍ଷ୍ମୀ ରାଇସ୍ ମିଲ୍, ଜହ୍ନାପଡ଼ା ପଞ୍ଚାୟତ ବରାହମୁଣ୍ଡାସ୍ଥିତ ଶଙ୍କର ରାଇସ୍ ଇଣ୍ଡଷ୍ଟ୍ରିଜ୍। ନିର୍ଦ୍ଧାରୀତ ସମୟ ସୁଦ୍ଧା ସ୍ୱଷ୍ଟୀକରଣ ନ ଦେଲେ ସମ୍ପୃକ୍ତ ରାଇସ୍ ମିଲ୍‌ଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଏପରିକି ସନ୍ତୋଷଜନକ ସ୍ୱଷ୍ଟୀକରଣ ନ ଦେଲେ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଦିଆଯାଇଥିବା ସହମତି ପତ୍ର(କନସେଣ୍ଟ ଲେଟର୍) ରଦ୍ଦ କରାଯିବା ସହିତ ବନ୍ଦ ନୋଟିସ୍ ମଧ୍ୟ ଜାରି କରାଯିବ ବୋଲି ନୋଟିସ୍‌ରେ ସ୍ପଷ୍ଟ କରି ଦିଆଯାଇଛି।

ଶନିବାର ଦ୍ୱିତୀୟଥର ପାଇଁ ନବଦାନ୍ୟ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଦିଆଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି, ପ୍ରଥମେ ଗତ ଜାନୁୟାରୀ ମାସ ୨୨ତାରିଖ ଉକ୍ତ ରାଇସ୍ ମିଲ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ପ୍ରଦୂଷଣ ଆଇନ ଅବମାନନା କରିଥିବା ଜଣାପଡ଼ିବା ପରେ ଗତ ୭ତାରିଖ ସମ୍ପୃକ୍ତ ରାଇସ୍ ମିଲ୍ ମାଲିକଙ୍କୁ ଏକ ନୋଟିସ୍(ନଂ-୬୬୧) ଦିଆଯାଇଥିଲା। ଏହାପରେ ଉକ୍ତ ରାଇସ୍ ମିଲ୍ ପକ୍ଷରୁ ଗତ ୯ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟକୁ ଏକ ସ୍ୱଷ୍ଟୀକରଣ ଦିଆଯାଇଥିଲା। ତେବେ ଗତ ୧୧ତାରିଖ ପୁଣିଥରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଏକ ପ୍ରତିନିଧି ଦଳ ଉକ୍ତ ରାଇସ୍ ମିଲ୍‌କୁ ପରିଦର୍ଶନରେ ଯାଇ ପ୍ରଦୂଷଣ ନିୟନ୍ତ୍ରଣ ସ୍ଥିତି ନିରୀକ୍ଷଣ କରିଥିଲେ ଏବଂ ଏଠାରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ସନ୍ତୋଷଜନକ ନ ଥିବା ଜାଣିବାକୁ ପାଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ନ ଥିବାବେଳେ ମିଲରୁ ନିଷ୍କାସିତ କଠିନ ବର୍ଜ୍ୟବସ୍ତୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପଡ଼ିଥିବାବେଳେ ମିଲ୍‌ରୁ ନିର୍ଗତ ପାଉଁଶ(ଆଶ୍)କୁ ଖୋଲା ରଖାଯାଇଥିବା ଦେଖିବାକୁ ମିଳିଥିଲା ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ତେବେ ଏ ନେଇ ଆସନ୍ତା ୨୧ଦିନ ମଧ୍ୟରେ ସ୍ୱଷ୍ଟୀକରଣ ଦେବା ତଥା କାରଣ ଦର୍ଶାଇବାକୁ ସମ୍ପୃକ୍ତ ରାଇସ୍ ମିଲ୍‌ର ମାଲିକଙ୍କୁ ନୋଟିସ୍ କରାଯାଇଛି। ସେହିପରି ଆସନ୍ତା ୨୭ତାରିଖ ସମସ୍ତ ଆବଶ୍ୟକ କାଗଜାତ୍ ସହିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀଙ୍କଠାରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନୁରୂପଭାବେ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରତିନିଧି ଦଳ ଗତ ୧୬ତାରିଖ ଓମ୍ ଫୁଡ୍ସ ପ୍ରଡ଼କ୍ଟସ୍, ଗତ ୧୧ତାରିଖ ଶଙ୍କର ରାଇସ୍ ଇଣ୍ଡଷ୍ଟ୍ରିଜ୍, ଗତ ୪ତାରିଖ ବାଲାଜୀ ଆଗ୍ରୋ ଫୁଡ୍ସ, ଗତ ଜାନୁୟାରୀ ୧୯ତାରିଖ ବିଜଲଲକ୍ଷ୍ମୀ ରାଇସ୍ ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାନୁୟାରୀ ୨୨ତାରିଖ କ୍ରିଷ୍ଣା ମର୍ସରିଜର୍ସ ୟର୍ଣ୍ଣ କଟନ୍ ମିଲ୍‌କୁ ପରିଦର୍ଶନ କରିଥିଲେ ଏବଂ ସେଠାରେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ହୋଇ ନ ଥିବା ନିରୀକ୍ଷଣ କରିଥିଲେ। ଏହାପରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏଭଳି ନୋଟିସ୍ ନୂଆ ନୁହେଁ, ପ୍ରତିବର୍ଷ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅବମାନନା ପାଇଁ ଥରକୁ ଥର ନୋଟିସ୍ ଜାରି କରାଯାଉଛି ଏବଂ ସେହି ନୋଟିସ୍‌ରେ ସମ୍ପୃକ୍ତ ବିଭାଗ ନିଜ ଦାୟିତ୍ୱ ଓ କାର୍ଯ୍ୟାନୁଷ୍ଠାନ ସାରି ଦେଉଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉକ୍ତ ବିଭାଗର ଦକ୍ଷତା, ପାରଦର୍ଶିତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି।


Tel : 0663-2990151
Email : rospcb.sambalpur@ospcboard.org
Website : www.ospcboard.org

OFFICE OF THE REGIONAL OFFICE, SAMBALPUR
STATE POLLUTION CONTROL BOARD, ODISHA
[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]
1070, Hospital Road, Modipara, Sambalpur-768002

No. [illegible] / W-CON (Operate)18/2017-18 Date [illegible]

By Speed Post / Email

SHOW CAUSE NOTICE U/S. 33 A OF WATER (PREVENTION & CONTROL OF POLLUTION) ACT, 1974 AND U/S. 31 OF AIR (PCP) ACT, 1981 AS AMENDED THEREOF AND RULES FRAMED THEREUNDER

WHEREAS, you are operating a rice mill unit in the name and style of M/s. Navdanya Foods Pvt. Limited, At/Po: Govindpur, in the district of Bargarh for production of Boiled Rice 2176 TPM, Broken Rice: 32 TPM, Rice Bran – 160 TPM, Husk Based CPP- 400 KW & granted consent to operate (CTO) up to 31.03.2030 vide this office letter no 1645 dt. 29.03.2025 subject to strict compliance of consent conditions.

AND WHEREAS, as per the direction of Hon'ble Supreme Court of India dtd 22.02.2017 passed in WP(C) No. 375/2012, in the matter of Paryavaran Suraksha Samiti and Others vrs. Union of India and Others, you are required to operate your industry with a fully operational primary effluent treatment plant (ETP). Such mandate of a fully operation ETP has been intimated to your earlier vide the CTO order granted and though public notice published in local dailies.

AND WHEREAS, a public complaint was received from social media through Dist. Administration, Bargarh regarding water pollution caused by your unit and pollute the nearby nallah.

AND WHEREAS, your unit was inspected on dtd. 22.01.2026 by the Board Officials and a Show Cause Notice was issued to you vide letter no. 661 dtd. 07.02.2026 basing upon the non-compliances observed.

AND WHEREAS, you have submitted its compliance to the Board vide its letter dtd. 09.02.2026. Once again your unit was inspected on dtd. 11.02.2026 by the Board Officials under CICG inspection schedule and observed that though you have installed an ETP of 150 KLD capacity for treatment of effluent generated from your unit, the treated water of ETP does not meet the prescribed standard of the Board (copy enclosed).

ନବଦାନ୍ୟ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ହୋଇଥିବା ନୋଟିସ୍‌ର କପି।

# ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଭା



କାର୍ଯ୍ୟକ୍ରମରେ ସଂଘର ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ରବିବାର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଙ୍କ ଅଧୀନରେ ରହିଥିବା ୪ଜିଲା ତଥା ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ାର କର୍ମଚାରୀ, ସଂଘର ନିର୍ଦ୍ଦେଶକ, ଉପଦେଷ୍ଟା ମଣ୍ଡଳୀ ଏଥିରେ ଯୋଗଦାନ କରିଥିଲେ। ସଂଘର ସଭାପତି ଅବିନାଶ ପତି ସଭାରେ ଅଧ୍ୟକ୍ଷତା କରି କର୍ମଚାରୀଙ୍କ ଅଧିକାର, ସୁରକ୍ଷା, ବ୍ୟାଙ୍କର ସାମୁହିକ ଉନ୍ନତି ଏବଂ ସଂଘର ଏକତା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଆସନ୍ତା ୨ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ କ୍ରମାଗତ ତୃତୀୟଥର ପାଇଁ ଅବିନାଶ ପତି ସଭାପତି, ବୁଲବୁଲ ଦେବତା ଉପସଭାପତି, ପ୍ରଦୀପ୍ତ କୁମାର ସାହୁ ସାଧାରଣ ସମ୍ପାଦକ, ଭାଗ୍ୟଶ୍ରୀ ମହାନନ୍ଦ ସହସମ୍ପାଦକ ଏବଂ ବିକାଶ ରଞ୍ଜନ ଶତପଥୀ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନେ ସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ପୂରଣରେ ନିଷ୍ଠାର ସହିତ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ। ବ୍ୟାଙ୍କର ଆର୍ଥିକ ସୁଦୃଢ଼ତା, କର୍ମଚାରୀଙ୍କ କଲ୍ୟାଣ, ପାରସ୍ପରିକ ସହଯୋଗ, ଏକତା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଇତିଶ୍ରୀ ସ୍ୱାଇଁ, ପୁନମ ଅଗ୍ରୱାଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବୁଲବୁଲ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

ପଦ୍ମପୁର,୨୨।୨(ପ୍ରଦୀପ୍ତ ଦାଶ)

ବ୍ରାହ୍ମଣ ସମାଜ ପଦ୍ମପୁରର ଆୟୋଜନରେ ରବିବାର ସ୍ଥାନୀୟ ନେହେରୁଗଳି ସ୍ଥିତ ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପଠାରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସମୁଦାୟ ୩ ଜଣ ବଟୁ ଉପବୀତ ଧାରଣ ପୂର୍ବକ ବ୍ରତୋପନୟନ ସଂସ୍କାର ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ସଦାନନ୍ଦ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଶୁରାମ ପାଠୀ ତାଙ୍କ ସ୍ତ୍ରୀ ସୁଷମା ପାଠୀ ମୁଖ୍ୟ କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅତ୍ରାହି ଭଂଜନ ପାଣିଗ୍ରାହୀ ମୁଖ୍ୟ ପୂଜକ ଦାୟିତ୍ୱ ନିର୍ବାହ କରିଥିବା ବେଳେ କୀର୍ତ୍ତି ମହାପାତ୍ର, ସନ୍ତୋଷ ମିଶ୍ର, ନୀଳ ମିଶ୍ର, ଗଣ ମହାପାତ୍ର ବିଷ୍ଣୁ ଦାଶ, ପୂଜା କର୍ମରେ ସହଯୋଗ କରିଥିଲେ। ପଦ୍ମପୁର ନଗରର ସମସ୍ତ ବ୍ରାହ୍ମଣ ପରିବାର ତଥା ବଟୁମାନଙ୍କ ବନ୍ଧୁ ବାନ୍ଧବ ପରିବାରର ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରସାଦ ସେବନ ସହ ବଟୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



ସାମୂହିକ ବ୍ରତୋପନୟନରେ ବଟୁମାନଙ୍କ ସହିତ ପଣ୍ଡିତମାନେ।

# ସମ୍ବଲପୁରୀ ଭାଷା ଅସ୍ମିତାର ପରିଚୟ


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶାବାସୀଙ୍କ ମାତୃଭାଷା ସମ୍ବଲପୁରୀ ଅଟେ। ଏହି ଭାଷାରେ ସୃଷ୍ଟି ସାହିତ୍ୟ ଆମ ପାଇଁ ଅମୁଲ୍ୟ ସମ୍ପଦ ଏବଂ ଅସ୍ମିତାର ପରିଚୟ ବହନ କରିଥାଏ। ଏଣୁ ଏହାର ସଂରକ୍ଷଣ ଓ ପରିପ୍ରଚାର ସାମାଜିକ ତଥା ପ୍ରଶାସନିକ ସ୍ତରରେ ହେବାର ଆବଶ୍ୟକତା ରହିଛି ବୋଲି ଶନିବାର ସମ୍ବଲପୁରୀ ସାହିତ୍ୟ ପରିଷଦ, ବରଗଡ଼ର ସାରସ୍ୱତ ସଭାରେ ମତ ପ୍ରକାଶ ପାଇଛି। ଏହି ମର୍ମରେ ବରଗଡ଼ ସହର ମଧ୍ୟସ୍ଥ କୌଣସି ଏକ ସ୍ଥାନରେ ସମ୍ବଲପୁରୀ ଭାଷା ପ୍ରତିଷ୍ଠାନ ସ୍ଥାପନ କରିବା ସହ ପରିଷଦ ପାଇଁ ଏକା ସ୍ଥାୟୀ ସଭା ଘର ନିର୍ମାଣ କରିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହା ସହିତ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଲିଖିତ ମହାକାବ୍ୟ ସମ୍ବଲପୁରୀ ମହାଭାରତର ପ୍ରକାଶନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉ ବୋଲି ଦାବି ହୋଇଥିଲା। ଉକ୍ତ ସଭାରେ ଡଃ ସୁବାସ ମେହେର ଅଧ୍ୟକ୍ଷତା କରିଥିବା ବେଳେ ତେଜରୁ ବାରିକ ସଂଯୋଜନା, ଦିଲ୍ଲୀପ କୁମାର ଦେବତା ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ, ଦୁର୍ବାଦଳ ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ଗୌର ଚରଣ ପ୍ରଧାନ ଓ କଥାକାର ନରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ଅଧ୍ୟାପକ ସୁକୁମାର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ଗବେଷକ ଉତ୍ପନ୍ନ କୁମାର ଭୋଇ, ପ୍ରଫେସର ଟେକଚାନ୍ଦ ଦୁଆନ, ଗୀତିକାର ଅର୍ଜୁନ ମେହେର ଆଶ୍ରିତ,କବି ରୋହିତ ମେହେରଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ତତ ସହିତ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଓ କବି ତ୍ରିଲୋଚନ ପଣ୍ଡାଙ୍କ ଜୀବନୀ ଓ ସାହିତ୍ୟ ଆଲୋଚନା କରାଯାଇଥିଲା। ପରିଷଦ ତରଫରୁ କରାଟ କଳାପଟା ସାହିତ୍ୟର ସଂଯୋଜକ ମକରଧଜ ସାହୁଙ୍କୁ ଓ ଶ୍ରୀରାମ କଲେଜ ତରଫରୁ ଡା ଆଦିତ୍ୟ ପ୍ରସାଦ ଖାଡ଼ଙ୍ଗା, ମା ଏକ ଟଙ୍କିଆ ଜଳଖିଆ ଅନୁଷ୍ଠାନର ପ୍ରତିଷ୍ଠାତା ଉମେଶ ପ୍ରଧାନଙ୍କୁ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାରେ କବି ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ରାଜେଶ କାରିଆ,ମୁନିରାମ କୁମ୍ଭାର, କେଦାରନାଥ ସାହୁ, ସୁଭାସ ଚନ୍ଦ୍ର ଭୁଏ, ଦିଲୀପ ସାହୁ, କୁମୁଦ ବାରିକ, ଶେଖ ଜଲିଲ, ପରାଗ ସାହୁ, ଅହଲ୍ୟା ପ୍ରଧାନ, ଯୋଗେଶ୍ୱର ତାଣ୍ଡି, ହାରାଧନ ପଟେଲ, ଡିଲେଶ୍ୱର ସାହୁ, ମାନସ ଦାଶ,ମାରଖୁଲୁ ହରିପାଲ ପ୍ରମୁଖ ଯୋଗଦେଇ କବିତା ପାଠ ଏବଂ ସାହିତ୍ୟ ଚର୍ଚ୍ଚା କରିଥିଲେ। ଶ୍ରୀରାମ କଲେଜ ପ୍ରତିଷ୍ଠାତା ଗିରିଜେଶ ଖାଡ଼ଙ୍ଗାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାବେଶରେ ଅନୁଷ୍ଠାନର ଛାତ୍ରୀଛାତ୍ର ନୃତ୍ୟ ପ୍ରଦର୍ଶନ କରିବା ସହ କର୍ମଚାରୀଗଣ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କବି ରଞ୍ଜିତ ପ୍ରଧାନ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। କବୟିତ୍ରୀ ମଞ୍ଜୁଲତା ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ଏଟିଏମ୍ କାର୍ଡ ବଦଳାଇ ୪୦ ହଜାର ନେଇଗଲେ

ବରପାଲି,୨୨।୨(ଚିତ୍ତରଞ୍ଜନ ସାହୁ)

ବରପାଲି ଥାନାରେ ଜୈନେକ ବ୍ୟକ୍ତିଙ୍କ ଏଟିଏମ୍ ବଦଳାଇ ୪୦ ହଜାର ଟଙ୍କା ଚୋରି ହୋଇଥିବା ରବିବାର ଅଭିଯୋଗ ହୋଇଛି। ବରପାଲି ବ୍ଲକ ବିଶିପାଲି ଗ୍ରାମର ଭୀଷ୍ମ ପୋଡ଼ ଗତ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ବରପାଲି ସୋହେଲା ରୋଡ଼ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରୁ ୧୦ ହଜାର ଟଙ୍କା ବାହାର କରୁଥିଲେ। ଏହି ସମୟରେ ତାଙ୍କ ଏଟିଏମ୍ କାର୍ଡ ମେଶିନ ଭିତରେ ରହି ଯାଇଥିଲା। ଯେତେ ଚେଷ୍ଟା କଲେ ମଧ୍ୟ ସେ ସେହି କାର୍ଡକୁ ବାହାର କରି ପାରି ନ ଥିଲେ। ଫଳରେ ତାଙ୍କ ପଛରେ ଥିବା ଜଣେ ଅଜଣା ବ୍ୟକ୍ତି ସେହି କାର୍ଡକୁ ବାହାର କରି ଚଞ୍ଚକତା କରି ଅନ୍ୟ ଏକ କାର୍ଡ ଭିଷ୍ମଙ୍କୁ ଦେଇ ଦେଇଥିଲେ। ସେ କାର୍ଡକୁ ନ ଦେଖି ଘରକୁ ଫେରି ଆସିଥିଲେ। ଗତ ଶନିବାର ତାଙ୍କ ମୋବାଇଲକୁ ଟଙ୍କା ବାହାର କରାଯାଇଥିବା ମେସେଜ ଆସିଥିଲା। ସେ ଯାଇ ଚେକ କରିବାରୁ ଶୁକ୍ରବାର ଓ ଶନିବାର ଦୁଇଥରରେ ୪୦ ହଜାର ଟଙ୍କା ବାହାର କରାଯାଇଥିବା ଜାଣିବାକୁ ପାଇଲେ। ପରେ ସେ ବ୍ୟାଙ୍କକୁ ଯାଇ ସେହି ଏଟିଏମ କାର୍ଡକୁ ବନ୍ଦ କରିଥିଲେ। ଅଭିଯୋଗ ପାଇ ବରପାଲି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ତରଙ୍ଗେଲ ଗାଁରେ ୨୧ବର୍ଷ ପରେ ଟୋକିପର୍ବ

ଲାଞ୍ଜିଗଡ଼, ୨୨।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ତରଙ୍ଗେଲ ଗାଁରେ ଆଦିବାସୀଙ୍କ ନିଆରା ପରମ୍ପରା ଟୋକିପର୍ବ ବା ମେରିଆ ପର୍ବ ୨୧ବର୍ଷ ପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନେ ନିଜର ଧରଣୀପେନୁ ତଥା ପ୍ରକୃତି ରାଣୀ ବଣ, ପାହାଡ଼, ଝରଣାକୁ କେଉଁ ପୁରାତନ କାଳରୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ପୂର୍ବରୁ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁଥିବା ବେଳେ ୧୨ମାସରେ ୧୩ପର୍ବ ପାଳନ କରିଥାନ୍ତି । ଏଥିମଧ୍ୟରୁ ଅନ୍ୟତମ ଟୋକି ପର୍ବ ବା ମେରିଆ ପର୍ବ। ଏହି ଟୋକି ମରା ପର୍ବ ତଥା ମେରିଆ ପର୍ବ ରବିବାର ଶାନ୍ତିଶୃଙ୍ଖଳାର ସହିତ ଉଦ୍‌ଯାପିତ ହୋଇଯାଇଛି। ଏନେଇ ତରଙ୍ଗେଲ ଗାଁ ଉତ୍ସବ ମୁଖର ହୋଇଉଠିଛି। ଏହି ଅବସରରେ ଗାଁ ଧରଣୀପେନୁ ଦେବୀ ସମେତ ସମସ୍ତ ଦେବାଦେବୀଙ୍କ ଶକ୍ତିପୀଠଗୁଡିକରେ ରୀତିନୀତି ଅନୁଯାଇ ଆଦିବାସୀଙ୍କ ମନ୍ତ୍ରପାଠରେ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀଙ୍କ ବିଶ୍ୱାସ ରହିଆସିଛି, ଏହି ପର୍ବରେ ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ଶହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ। ଏନେଇ ମୁଖ୍ୟ ପୂଜକ ତଥା ଗାଁ ଯାନୀ ଶମ୍ଭାରା ମାଝୀ, ପାଠ ଯାନୀ, ସନା ମାଝୀ ସମେତ ଗାଁ ମୁଖିଆ ଶୁକ୍ରୁ ମାଝୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରପାଠରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଆଦିବାସୀଙ୍କ ନିଶାନ ବୀର ବାଦ୍ୟରେ ଗାଁଟି ଗର୍ଜିଉଠିଥିଲା। ଅତିଥିଙ୍କୁ ସମ୍ମାନର ସହିତ ଖଟିଆ ଉପରେ ବସାଇ କାନ୍ଧରେ ବୋହି ମନ୍ଦିର ବେଢ଼ା ଚାରିପାର୍ଶ୍ୱରେ ପରିକ୍ରମା କରିଥିଲେ।

# ସଂଗୃହୀତ ପାର୍କିଂ ରାଶିକୁ ରେଡକ୍ରସ୍ ପାଣ୍ଠିକୁ ପ୍ରଦାନ

ପଦ୍ମପୁର,୨୨।୨(ପ୍ରଦୀପ୍ତ ଦାଶ)

ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ସମୟରେ ଜନସାଧାରଣଙ୍କ ଯାତାୟାତର ଭିଡ଼କୁ ଶୃଙ୍ଖଳିତ କରିବା ପାଇଁ ଟାଉନ କ୍ଲବ୍ ତରଫରୁ ଯାନବାହନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଥିଲା ଏବଂ ସେଥିରୁ ୪୦ ହଜାର ଟଙ୍କା ସଂଗ୍ରହ ହୋଇଥିଲା। ସଂଗୃହୀତ ପାର୍କିଂ ରାଶିକୁ ରେଡ୍‌କ୍ରସ ପାଣ୍ଠିକୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ସେହି ରାଶିକୁ ଗତ ଶୁକ୍ରବାର ରେଡ୍‌କ୍ରସ ପାଣ୍ଠିକୁ ପ୍ରଦାନ କରାଯାଇଛି। ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲାଙ୍କ ଉପସ୍ଥିତିରେ ରେଡ୍‌କ୍ରସ ପାଣ୍ଠିକୁ ୪୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ପ୍ରଦାନ ସମୟରେ ଟାଉନ କ୍ଲବ ସଭାପତି ପ୍ରୀତେଶ ବହିଦାର, ଉପସଭାପତି ଅଶୋକ ମିଶ୍ର, ନରେଶ ସୁନ୍ଦର ସାହୁ, ଆଦିତ୍ୟ ରଥ, ହରି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶିକ୍ଷଣ ମହା ଅଭିଯାନ ଜିଲା ଯୋଜନା ବୈଠକ

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲା ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ମହାଅଭିଯାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ବୈଠକରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ବଜେଟ୍‌କୁ ଯୁଗାନ୍ତକାରୀ ବଜେଟ୍ ବୋଲି ଅଭିହିତ କରିଥିଲେ। ଏହା ସହିତ ବଜେଟ୍‌ର ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ସେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ ମହା ଅଭିଯାନର ଅନ୍ୟତମ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ସୋସିଆଲ ମିଡ଼ିଆର ଉପଯୋଗ ବିଷୟରେ ଆଲୋକପାତ କରିଥିଲେ। ଜିଲା ଭାଜପା ପ୍ରଭାରୀ ବାସୁଦେବ ବାରିକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୋଏ, ଜିଲା ସାଧାରଣ ସମ୍ପାଦକ ସୁବ୍ରତ ହୋତା, ଜିଲା ସଂଯୋଜକ ଅବନୀକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଦଳର ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ବିଭିନ୍ନ ମୋର୍ଚ୍ଚାର ନେତୃବୃନ୍ଦ ଉପସ୍ଥିତ ଥିଲେ।


ବୈଠକରେ ଭାଜପା ନେତୃବୃନ୍ଦ।

# ଲରମ୍ଭାକୁ ହରାଇ ବଲାଙ୍ଗୀର ଚାମ୍ପିୟନ

ସୋହେଲା,୨୨।୨
(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାରେ ଏଏଫ୍‌ସିସି ବଲାଙ୍ଗୀର ୭ ଉଇକେଟରେ ଲରମ୍ଭାକୁ ହରାଇ ଚାମ୍ପିୟାନ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ଲରମ୍ଭା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨୩ ରନ କରିଥିଲା। ଜବାବ୍‌ରେ ବଲାଙ୍ଗୀର ଦଳ ତିନି ଉଇକେଟ ହରାଇ ୧୨୪ ରନ କରି ଚାମ୍ପିୟାନ ହୋଇଛି। ଆଜିର ମ୍ୟାଚରେ ବଲାଙ୍ଗୀର ଦଳର ଟୁନା ମିଶ୍ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ବଲାଙ୍ଗୀର ଦଳର ସିଦ୍ଧେଶ୍ୱର ବାଗ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଥ୍‌ଲେଟିକ ଆସୋସିଏଶନର ସଭାପତି ସତ୍ୟନାରାୟଣ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ମା ଶ୍ରୀମତୀ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଯୋଗଦେଇ ପୁରସ୍କାର ଦେଇଥିଲେ। ବିଜୟୀ ଦଳକୁ ୨୦ ହଜାର ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଜେତା ଦଳକୁ ୧୫ ହଜାର ନଗଦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାଚକୁ ଓସିଏ ଅମ୍ପାୟାର ଅକ୍ଷୟ ସାହାଣୀ, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ। ପ୍ରଦୀପ୍ତ ଦାଶ ତୃତୀୟ ଅମ୍ପାୟାର, ଅନ୍ତର୍ଯ୍ୟାମୀ ପଧାନ ଚତୁର୍ଥ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳ।

# ପୂର୍ବ ଶତ୍ରୁତାରୁ ହତ୍ୟା କରିଥିଲେ ପୁରୁଣା ବନ୍ଧୁ

## ଭାଗୀରଥି ମୃତ୍ୟୁ ଘଟଣା

ରାଉରକେଲା, ୨୨।୨(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ସିଭିଲଟାଉନଶିପ୍‌ସ୍ଥିତ ଏକ ଘରୁ ଶନିବାର ସକାଳେ ଜଣେ ଔଷଧ କମ୍ପାନୀ ମ୍ୟାନେଜର ଭାଗୀରଥି ସ୍ୱାଇଁଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମାମଲାରେ ପୋଲିସ ମୃତକଙ୍କ ଜଣେ ପୁରୁଣା ବନ୍ଧୁଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳରାମ ଦାସ(୩୩)। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯୮/୨୬) ରୁଜୁ କରିଛି।

ଥାନାଧିକାରୀ ସୁରଜ ଝାଙ୍କରଙ୍କ ସୂଚନା ଅନୁଯାୟୀ, ଭାଗୀରଥି ଓ ବଳରାମ ପୂର୍ବରୁ ବନ୍ଧୁ ଥିଲେ। ଉଭୟ ଗୋଟିଏ କମ୍ପାନୀରେ କାମ କରୁଥଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଫଳରେ ଅଭିଯୁକ୍ତ ବଳରାମ ଚାକିରିରୁ ରିଜାଇନ୍ କରି ଅନ୍ୟ ଏକ କମ୍ପାନୀରେ ଯୋଗ ଦେଇଥିଲେ। ହେଲେ ଭାଗୀରଥି ପୁରୁଣା କମ୍ପାନୀରେ ମ୍ୟାନେଜର ପଦବୀରେ ରହିଥିଲେ। ଏଥିରେ ବଳରାମ ପ୍ରତିଶୋଧପରାୟଣ ହୋଇପଡିଥିଲେ। ଭାଗୀରଥି ପ୍ରାୟ ୨ଦିନ ତଳେ ରାଉରକେଲା ସିଭିଲଟାଉନଶିପ୍‌ସ୍ଥିତ ଏଲ୍‌ଆଇସି ଅଫିସ୍ ନିକଟରେ ଥିବା ଭଡ଼ାଘରକୁ ଆସିଥିଲେ। ସେଠାରେ ୩/୪ ଜଣ ସାଙ୍ଗ ମିଳିତ ହୋଇ ଶୁକ୍ରବାର ରାତିରେ ଭୋଜି କରିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ବଳରାମ ଉତ୍ତ୍ୟକ୍ତ ହୋଇ ହାତରେ ପିନ୍ଧିଥିବା କଡାରେ ଭାଗୀରଥିଙ୍କୁ ଆଘାତ କରିଥିଲେ। ଫଳରେ ଭାଗୀରଥିଙ୍କ ମୃତ୍ୟୁ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଥାନାଧିକାରୀ ଝାଙ୍କର କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ସକାଳେ ଭାଗୀରଥିଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ମୁଣ୍ଡରେ ଗଭୀର କ୍ଷତ ଥିବା ବେଳେ ପାଟିରୁ ରକ୍ତ ବାହାରିଥିଲା। ଏହା ହତ୍ୟା ଘଟଣା ସନ୍ଦେହ କରି ପୋଲିସ ସେହି ରୁମ୍‌ରେ ରହୁଥିବା ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକ ବିବାହିତ ବୋଲି ଜଣାପଡ଼ିଛି।

# ଓଡ଼ିଆ ନାଟକ 'ସିକ୍ସ ସିଜିନ୍ସ' ଉନ୍ମୋଚିତ



ଅତିଥିମାନେ ନାଟକକୁ ଉନ୍ମୋଚନ କରୁଛନ୍ତି।

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ନୂଆଦିଲ୍ଲୀର ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଆୟୋଜିତ ଆନ୍ତର୍ଜାତିକ ନାଟକ ମହୋତ୍ସବ ଭାରଙ୍ଗମ-୨୦୨୬ର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଓଡ଼ିଆ ଶିଶୁନାଟକ (ଇଂଲିଶ ଅନୁବାଦିତ) 'ସିକ୍ସ ସିଜିନ୍ସ'କୁ ଏନ୍‌ଏସ୍‌ଡିର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ଉନ୍ମୋଚନ କରିଛନ୍ତି। ଏନ୍‌ଏସ୍‌ଡି ଆୟୋଜିତ ଭାରତୀୟ ରଙ୍ଗ ମହୋତ୍ସବର ୨୫ବର୍ଷ ଇତିହାସରେ ଏନ୍‌ଏସ୍‌ଡି ଦ୍ୱାରା ଉନ୍ମୋଚିତ ଏହା ହେଉଛି ପ୍ରଥମ ଓଡ଼ିଆ ନାଟକ ବୋଲି ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ କହିଥିଲେ। ଉତ୍ସବରେ ନାଟକର ସମାଲୋଚକ ଭାବେ ଯୋଗ ଦେଇଥିବା ବିଶିଷ୍ଟ ଲେଖକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ଅବସରପ୍ରାପ୍ତ ଅଧିକାରୀ ଡ. ଅଶୋକ ଚୌଧୁରୀ ଓ ସାହିତ୍ୟିକ ତଥା ଗୋଆ ସରକାରଙ୍କ ଉପଦେଷ୍ଟା ଡ. ଚାରୁଦତ୍ତ ପାଣିଗ୍ରାହୀ ଏହି ନାଟକ ସଂକଳନରେ ଥିବା ଛଅଟି ନାଟକ, ବ୍ରୋକନ ଟ୍ରଫି, ଦି ଗୋଟେ, ସ୍ଲିପେରୀ ପାଥ୍, ଚିଲଡ୍ରେନ ଡେ, ଦି ପପେଟ ଏବଂ ଦି ରିଅଲ ଚାଇଲ୍ଡ ଉପରେ ବିଶଦ ଆଲୋଚନା କରିଥିଲେ। ଛଅଟି ଋତୁ ଯେପରି ଆମ ମନ ଓ ଶରୀରରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ, ଠିକ୍ ସେହିପରି କୈଶୋର ଅବସ୍ଥାରେ ପିଲାମାନଙ୍କ ମନ ଓ ଶରୀରକୁ ପ୍ରଭାବିତ କରୁଥିବା ଭିନ୍ନ ଭିନ୍ନ ମାନସିକ ଅବସ୍ଥାକୁ ଆଧାର କରି ରଚିତ ନାଟକଗୁଡିକ ନିଶ୍ଚିତ ଚଞ୍ଚଳ ମନା ପିଲାମାନଙ୍କୁ ସତ୍‌ପଥଗାମୀ କରାଇବ ବୋଲି ସେମାନେ କହିଥିଲେ। ଏନ୍‌ଏସ୍‌ଡିର ସମାଜ ସମ୍ପର୍କ ଅଧିକାରୀ ତଥା ପ୍ରକାଶନ ମୁଖ୍ୟ ଡ. ପ୍ରକାଶ ଝା ମଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଆର୍‌ଏମ୍ ଋଣ ସମବାୟ ସମିତିର ୫୧ତମ ବୈଠକ

ରାଉରକେଲା,୨୨।୨(ଦିନେଶ ମିଶ୍ର)

ସେକ୍ଟର-୨ସ୍ଥିତ ଏକ ମଣ୍ଡପରେ ରବିବାର କୋଲ୍ଡ ରୋଲିଂ ମିଲ୍ ଋଣ ସମବାୟ ସମିତିର ୫୧ତମ ସାଧାରଣ ବୈଠକ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆର୍‌ଏସ୍‌ପିର ଜିଏମ୍ ଡି. ବାନାର୍ଜୀ ମୁଖ୍ୟ ଅତିଥି, ଆର୍‌ଏସ୍‌ପିର ଏଜିଏମ୍ ପ୍ରଶାନ୍ତ ଭୂସ୍ୱାମୀ ଓ ବିପିନ ରାଉତ, ଆର୍. କେ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅଜୟ ମଲ୍ଲିକ ୨୦୨୫-୨୬ର ବଜେଟ୍ ଓ ୨୦୨୬-୨୭ରେ ଅଗ୍ରୀମ ବଜେଟ୍ ଉପସ୍ଥାପନା କରିଥିଲେ। ଏଥିସହିତ ୨୦୧୮ରୁ ୨୦୨୨ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ। କମିଟି ସଦସ୍ୟ ଏସ୍. କିସ୍କୁ, ନିର୍ମଳ ଚନ୍ଦ୍ର ମଲ୍ଲିକ, ଲଳିତ ସୁନ୍ଦର ଜେନା, ମନୋଜ ଦାସ, ବିକ୍ରମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥିଗଣ।

# ସାହିତ୍ୟ ସମାଜବାଦୀ, ମାନବବାଦୀ ହେବା ଆବଶ୍ୟକ



ସଭାମଞ୍ଚରେ ଉପସ୍ଥିତ ଅତିଥିଗଣ।

## କୋଏଲ ସାହିତ୍ୟ ସଂସଦର ୨୯ତମ ବାର୍ଷିକୋତ୍ସବ

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷରେ ରବିବାର କୋଏଲ ସାହିତ୍ୟ ସଂସଦର ୨୯ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସାମ୍ପ୍ରତିକ ସମୟରେ ଯେଉଁ ସମୟରେ ସମାଜରେ ପ୍ରତ୍ୟେକ ଦିନ ଅପରାଧ, ଅନୀତି ଓ ଅତ୍ୟାଚାର ବଢି ଚାଲିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଫକୀରମୋହନଙ୍କ ସାହିତ୍ୟଠାରୁ ସକ୍ରେଟିସ ସାହିତ୍ୟ ପର୍ଯ୍ୟନ୍ତ ରଚିତ ସାହିତ୍ୟ ଭଳି ବର୍ତ୍ତମାନର ସାହିତ୍ୟିକ ତାଙ୍କ ସାହିତ୍ୟକୁ ସମାଜବାଦ ଓ ମାନବବାଦ ହିତରେ ରଚନା କରିବା ଆବଶ୍ୟକ। ସାହିତ୍ୟ ନାରୀ ସମାଜର ସୁରକ୍ଷା ଉପରେ ହେବା ଜରୁରୀ। ସମୟ ଥିଲା ସତୀଦାହ ପ୍ରଥା ଉପରେ ସାହିତ୍ୟ ସୃଜନ ପୂର୍ଣ୍ଣଚ୍ଛେଦ ଲଗାଇବାରେ ସଫଳ ହୋଇଥିଲା। ଏଣୁ ଆଜିର ସାହିତ୍ୟ ନାରୀମାନଙ୍କ ଅଧିକାର ଏବଂ ସୁରକ୍ଷା ଉପରେ ରଚିତ ହେବା ଜରୁରୀ। ଏଥିସହ ବିଶ୍ୱ, ରାଜ୍ୟ, ପ୍ରାଦେଶିକ ସାହିତ୍ୟ ଏବଂ ସାହିତ୍ୟକାର ଏଥିପାଇଁ ଏକାଠି ହେବା ଆବଶ୍ୟକ ବୋଲି କଟକର ବରିଷ୍ଠ ଭାରତୀୟ ଜୀବନ ବୀମା ନିଗମର ଅଧିକାରୀ ଅଭୟ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତପ୍ରକାଶ କରିଥିଲେ। ସାହିତ୍ୟିକ ମନୋଜ କୁମାର ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୂତନ ସାହିତ୍ୟ ପତ୍ରିକା, ସମ୍ପାଦକ, ଲେଖକ ଓ ପାଠକ ନବସୃଜନର ଆବଶ୍ୟକତାର ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ବିଭୂ ନାୟକ ମଞ୍ଚ ପରିଚାଳନା ଏବଂ ସଭାପତି ଦୀପକ କୁମାର ଜେନା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବାବାଜି ଦାସ, ବିଜୟ କୁମାର ସାହୁ ଏବଂ ଶ୍ୱେତ କୁମାର ବେହେରାଙ୍କୁ ଯଥାକ୍ରମେ ୫ମ ସ୍ତମ୍ଭ ସେବା ସମ୍ମାନ, ୫ମ ସ୍ତମ୍ଭ ପ୍ରେରଣା ସମ୍ମାନ ଓ ୫ମ ସ୍ତମ୍ଭ କବିତା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ କରାଯାଇଥିଲା। ସମ୍ପାଦକ କେଳୁ ଚରଣ ବଡଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ସ୍ଥିତ ଯାଜ୍ଞସେନୀ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୭ରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସହରର ଅସହାୟ ଏବଂ ଗରିବ ବର୍ଗର ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପତ୍ର ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦିକା ନୀନାରାଣୀ ଜେନାଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଏହି ଶିବିର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିଏଚ୍‌ଆର ଏଣ୍ଡ ଏଲ ଏଣ୍ଡ ଡି ବିଭାଗର ସିଜିଏମ୍ ପ୍ରମୋଦ କୁମାର ସାହୁ, ଉଦ୍ୟାନ ବିଭାଗ ସିଜିଏମ୍ ବିଜୟ କୁମାର ଯୋଜୋ, ଲାୟନ୍ସ କ୍ଲବ ସଭାପତି ଏଲ.ଏନ୍ ଦେବଦତ୍ତ ମିଶ୍ର, କେଟିଏଚ୍ ହସ୍ପିଟାଲର ପ୍ରତିଷ୍ଠାତା ତଥା ଡାକ୍ତର ଯୁ. ସି. ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଡା. ମିଳନ ଶତପଥୀ, ଡା. ଦୀପ୍ତିରଞ୍ଜନ ତ୍ରିପାଠୀ ଏବଂ ଡା. ବ୍ରିଜେଶ ମୁଖାର୍ଜୀ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୀନା ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା।

# ଜୋର୍ ଧରିଲା ଗ୍ରେଟର ରାଉରକେଲା ଦାବି

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗରକୁ ଗ୍ରେଟର ରାଉରକେଲା କରିବାକୁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଇଞ୍ଜିନିୟର୍ସ ଆସୋସିଏଶନ ପକ୍ଷରୁ ରବିବାର କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ରାଜସ୍ୱ ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ସାକ୍ଷାତ ସମୟରେ ସଂଘର ଇଂ. ଚିତ୍ତ ବରାଳ, ଇଂ. ନଳିନୀ ଧଳ ଏବଂ ଇଂ. ସୁପ୍ରତୀକ ମିଶ୍ର ଓ ବିମଳ ବିଶି ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ କର୍ମକର୍ତ୍ତା ଉପବାଚସ୍ପତିଙ୍କୁ ଭେଟି ଦାବି ଜଣାଉଛନ୍ତି।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

ରାଉରକେଲା,୨୨।୨ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ସମ୍ପନ୍ନ ଏକ ସମୟୋଚିତ ଏବଂ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଯୋଗୁ ଜଣେ ଆର୍‌ଏସ୍‌ପି କର୍ମଚାରୀ ଚାଲିବାରେ ପୁନଃ ସକ୍ଷମ ହୋଇଛନ୍ତି। ୨୦୨୫ ଡିସେମ୍ବରରୁ ଡି୮-ଡି୯ ସ୍ତରରେ ମେରୁଦଣ୍ଡ ଯକ୍ଷ୍ମା ପାଇଁ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିବା ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ସି.ଏସ୍. ପ୍ରସାଦଙ୍କଠାରେ ଏକ ଗୁରୁତର ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେଇଥିଲା। ପ୍ରସାଦ ହଠାତ୍ ଠିଆ ହୋଇ ନ ପାରିବା ସହ ଉଭୟ ପାର୍ଶ୍ୱ ଅଙ୍ଗରେ ଗୁରୁତର ଦୁର୍ବଳତା ଅନୁଭବ କରିବା ପରେ ସେ ଗତ ଜାନୁଆରୀ ୧୭ ତାରିଖରେ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ, ଯାହା ମେରୁଦଣ୍ଡ ଯକ୍ଷ୍ମା ରୋଗର ଏକ ଗୁରୁତର ଜଟିଳ ଅବସ୍ଥା ଥିଲା। ଏପରି ଗମ୍ଭୀର ସ୍ୱାସ୍ଥ୍ୟ ସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେହିଦିନ ରେଡିଓଲୋଜିର ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ତାପସ କରଙ୍କ ସହାୟତାରେ ଏକ ଏମ୍‌ଆର୍‌ଆଇ ସମ୍ପାଦିତ ହୋଇଥିଲା। ପରେ ସ୍କାନ୍‌ରେ ପ୍ରଭାବିତ ସ୍ଥାନରେ ପୂଜ ଏବଂ ରକ୍ତ ଜମା ହୋଇଥିବା ଜଣାପଡ଼ିଥିଲା। ମେରୁଦଣ୍ଡ ଉପକରଣ ସହିତ ଜରୁରୀକାଳୀନ ଅସ୍ତ୍ରୋପଚାର ଏବଂ ମେରୁଦଣ୍ଡ କେନାଲର ଡିକମ୍ପ୍ରେଶନର ତୁରନ୍ତ ଯୋଜନା କରାଯାଇଥିଲା। ଏହି ଜଟିଳ ପ୍ରକ୍ରିୟାକୁ ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓ ସଫଳତାର ସହ ଅସ୍ତ୍ରୋପଚାର କରିଥିଲେ। ଆନାସ୍ଥେସିଆର ଅତିରିକ୍ତ ସିଏମ୍‌ଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ସହକାରୀ ସିଏମ୍‌ଓ ଡକ୍ଟର ସି. କେ. କାସି ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ପ୍ରସାଦଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହୋଇଥିଲା। ଫିଜିଓଥେରାପିଷ୍ଟ ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଦଳଙ୍କ ସଂରଚିତ ଫିଜିଓଥେରାପି ସହାୟତାରେ ତିନି ସପ୍ତାହ ମଧ୍ୟରେ ସେ ବାଡ଼ି ଧରି ଚାଲିପାରିଥିଲେ। ସେ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି।



ଅସ୍ତ୍ରୋପଚାର ପରେ ଡାକ୍ତରଙ୍କ ଗହଣରେ ରୋଗୀ।

# ରେଳ ଧାରଣାରେ କଟି ଛାତ୍ର ମୃତ

ହେମଗିର,୨୨।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ କନକତୁରାଠାରେ ରବିବାର ରେଳ ଧାରଣାରେ କଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ବରଗଡ଼ ଜିଲା ଖର୍ସଲ ଗ୍ରାମର ପରେଶ ପଟେଲ(୧୭)। ଘଟଣା ସ୍ଥଳରେ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମିଳିଥିବା ସୂଚନା ଅନୁସାରେ ପରେଶ ତାଙ୍କ ଭିଣୋଇ ଘର କନକତୁରାଠାରେ ରହି ଯୁକ୍ତ ୨ରେ ପାଠ ପଢୁଥିଲେ।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ରାଉରକେଲା,୨୨।୨(ଦିନେଶ ମିଶ୍ର)

ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ବାସନ୍ତୀ ସାଂସ୍କୃତିକ ପରିଷଦ ପରିସରରେ ଚଳିତ ବର୍ଷ ଉତ୍କଳ ଦିବସ ପାଳନ ନେଇ ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଏପ୍ରିଲ ପହିଲାରେ ହେବାକୁ ଥିବା ଉତ୍କଳ ଦିବସ ପାଳନରେ ସମ୍ମିଳନୀ ପକ୍ଷରୁ ବିଶାଳ ଶୋଭାଯାତ୍ରା, ସାଧାରଣ ସଭା, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କରାଯିବା ସହ ଏକ ସ୍ମରଣିକା ପ୍ରକାଶ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସମ୍ମିଳନୀ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ଦଶପଲାଠାରେ ଅନୁଷ୍ଠିତ ରାଜ୍ୟ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ନିର୍ବାଚନରେ ରାଉରକେଲାର ସୁଦାମ ଦାଶ ଓ ଅକ୍ଷୟ କୁମାର ଦାସ ଯଥାକ୍ରମେ ଉପସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଉଭୟଙ୍କୁ ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦାଶ, ତପସ୍ୱିନୀ ବହିଦାର, ଅନୀଲ କୁମାର ଦାଶ, ବିଜୟ କୁମାର ବରାଳ, ଭଗବାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ରବିବାର ଉଦ୍‌ଘାଟିତ ୭୫ତମ ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଟ୍ରଫି ସହ ଉପସ୍ଥିତ ଅତିଥିଗଣ।



ଅତିଥିମାନେ ହକି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ପ୍ରଦୂଷଣମୁକ୍ତ ପୃଥିବୀ ପାଇଁ ରସାୟନ ବିଜ୍ଞାନର ଭୂମିକା ରହିଛି

## ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ସଂପାନ

ସମ୍ବଲପୁର,୨୨।୨(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ ରବିବାର ଅନ୍ତର୍ଜାତୀୟ ସଂପାନ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାମ୍ପ୍ରତିକ କାଳରେ ରସାୟନ ବିଜ୍ଞାନର ଅଗ୍ରଗତି ଶୀର୍ଷକ ସଂପାନ ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ। ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସ୍ୱାଗତ ସମ୍ଭାଷଣ ଦେଇ ଅଧ୍ୟକ୍ଷା ପ୍ରଫେସର ମେହେର ସାମ୍ପ୍ରତିକ କାଳରେ ରସାୟନ ବିଜ୍ଞାନ କ୍ଷେତ୍ରରେ ବିଭିନ୍ନ ଗବେଷଣାର ପ୍ରାସଙ୍ଗିକତା ତଥା ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସ୍ୱାଇଁ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ସାମ୍ପ୍ରତିକ କାଳରେ ଆନ୍ତର୍ଜାତିକ କ୍ଷେତ୍ରରେ ରସାୟନ ବିଜ୍ଞାନ ଗବେଷଣା ଓ ପ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ନନ୍ଦ ନିଜ ବକ୍ତବ୍ୟରେ ପ୍ରଦୂଷଣମୁକ୍ତ ପୃଥିବୀ ପାଇଁ ରସାୟନ ବିଜ୍ଞାନର ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ।


ଆୟୋଜିତ ଅନ୍ତର୍ଜାତୀୟ ସଂପାନରେ ଅତିଥି, ବକ୍ତାଙ୍କ ସହ ଛାତ୍ରୀମାନେ।

ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାଷ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ତରୀଣ ଗୁଣବତ୍ତା ଆଶ୍ୱସନା ପ୍ରକୋଷ୍ଠ ଅଧିକାରୀ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ସଂପାନର ଆବଶ୍ୟକତା ଓ ବ୍ୟାବହାରିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ଶ୍ରୀକାନ୍ତ ସାହୁ ଏହି ସମ୍ପାନର ଉଦ୍ଦେଶ୍ୟ ଜ୍ଞାପନ କରିଥବା ବେଳେ ଡ. ସନ୍ଧ୍ୟାମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ। ଦ୍ୱିଦିବସୀୟ ଆଲୋଚନା ଚକ୍ରରେ ଆଭାସୀ ତଥା ପ୍ରତ୍ୟକ୍ଷ ଭାବରେ ବହୁ ଖ୍ୟାତି ସମ୍ପନ୍ନ ରସାୟନ ବିଜ୍ଞାନୀ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ଜାତୀୟ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ ପ୍ରଫେସର ବିଷ୍ଣୁପ୍ରସାଦ ବିଶ୍ୱାଳ, ଶିବନାଦର ବିଶ୍ୱବିଦ୍ୟାଳୟର ଡ. ଅନିମେଶ ସାମନ୍ତ, ଜର୍ଜିଆର ଅଗଷ୍ଟା ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବଶଙ୍କର ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ହୀରକ ଚକ୍ରବର୍ତ୍ତୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବାଶିଷ ବେହେରା, ଜର୍ମାନୀସ୍ଥିତ ଚେମନିଜ୍ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷକ ଡ. ଗୋପାଳ ଦାସ ଅଧିକାରୀ, ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ପ୍ରଦୀପ କୁମାର ସାମନ୍ତରା ନିଜ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ନରେଶ ମହାଲିଙ୍ଗ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସହ ଆବାହକ ପ୍ରଫେସର ମଧୁସ୍ମିତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ ଯୁଗ୍ମ ସଙ୍ଗଠନ ସମ୍ପାଦକ ପ୍ରଫେସର ସୂର୍ଯ୍ୟକାନ୍ତ ଦେହୁରୀ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଗବେଷକ ତଥା ଛାତ୍ରୀଛାତ୍ରମାନେ ଏହି ସମ୍ପାନରେ ଭାଗ ନେଇଥିଲେ। ଏହି ଉତ୍ସବ ଅବସରରେ ଛାତ୍ରୀ ତଥା ଗବେଷକମାନେ ୫୦ରୁ ଉର୍ଦ୍ଧ୍ୱ ଗଣେଷଣା ପତ୍ର ପାଠ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ସସ୍ମିତ କୁମାର ପଣ୍ଡା, ସ୍ନେହାଂଶୁ ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ସଦାନନ୍ଦ ଦାସ, ଦିଲେନ୍ଦ୍ରୀ ମାଝୀ ସମ୍ପାନର ସଫଳତା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଡୁମାଲ ପରିଷଦର ବାର୍ଷିକ ଅଧିବେଶନ


ସଭାରେ ମଞ୍ଚାସୀନ ଅତିଥିମାନେ।

ରେଢ଼ାଖୋଲ,୨୨।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଡୁମାଳ ପରିଷଦର ବାର୍ଷିକ ଅଧିବେଶନ କଳିନ୍ଦରସ୍ଥିତ ଆମ୍ବତୋଟାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମାଜର ଅଧିଷ୍ଠାତ୍ରୀ ଦେବୀ ମା' ଉମା ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ପୂର୍ବତନ ସଭାପତି ଗୌରୀ ଶଙ୍କର ପାତ୍ରଙ୍କର ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜର କାର୍ଯ୍ୟକାରୀ ସଭାପତି ନୀଳ ମାଧବ ମେଣ୍ଡୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତିଗତ ନୀତି ଏବଂ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରସଙ୍ଗ ଉପରେ ସଭାପତି ଏବଂ ସମ୍ପାଦକ ଆଲୋକପାତ କରିବା ସହିତ ଜାତିର ସଂସ୍କୃତି ପରମ୍ପରା ଐତିହ୍ୟକୁ ବଜାୟ ରଖିବା ପାଇଁ ଏହି ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଭକ୍ତ କର୍ଣ୍ଣ ସଭାପତି, ସୁରେଶ ମହାକୁଡ଼ ଉପସଭାପତି, କ୍ଷୀରୋଦ କୁମାର ଖିଲାରୀ ସମ୍ପାଦକ, ଅକ୍ଷୟ ମହାକୁଡ ସହସମ୍ପାଦକ ଓ ଦୟାନିଧି ମହାକୁଡଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ କମିଟି ସଦସ୍ୟ ଭାବେ ଦୁଷ୍ମନ୍ତ କର୍ଣ୍ଣ, ହୃଷୀକେଶ ପ୍ରଧାନ, ଭକ୍ତ ଚରଣ ମହାକୁଡ, ଶଙ୍କର୍ଷଣ ମହାକୁଡ, ସରୋଜ ମହାକୁଡ, ଭରତ କର୍ଣ୍ଣ, ବିନୋଦ ପାତ୍ର, ଜ୍ଞାନ ଭୋଇ, ବିଜୟ କର୍ଣ୍ଣ, ବିଦ୍ୟାଧର ନାୟକ, ପୁରୁଷୋତ୍ତମ କର୍ଣ୍ଣ ପ୍ରମୁଖ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ମହାକୁଡ଼ ଏବଂ ଜାତି ଭାଇମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରେଢ଼ାଖୋଲ କେନ୍ଦ୍ରର ନୁଆସାହି, ଡିମିରିକୁଦା, ସାଲେଇସିଂ, ପାଟୁଲିପାଲି, ଖଦୀପ, ରଥସାହି, ଯଦୁମଣିପାଟଣା, ପିଟାନାଳି, ଶୁଣ୍ଠିମୁଣ୍ଡା, କଳିନ୍ଦର ଏବଂ ଆଖପାଖ ଅଞ୍ଚଳର ଡୁମାଳ ସମାଜ ଭାଇମାନେ ଯୋଗ ଦେଇଥିଲେ।

# ବିବାହିତ ଯୁବକ ଯୁବତୀଙ୍କୁ ନେଇ ଫେରାର

**■ଥାନାରେ ଏତଲା ଦେଲେ ସ୍ତ୍ରୀ**

ରେଢ଼ାଖୋଲ,୨୨।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ଅଞ୍ଚଳରେ ଜଣେ ବିବାହିତ ଯୁବକ ସ୍ତ୍ରୀ ଓ ପିଲାଙ୍କୁ ଛାଡ଼ି ଜଣେ ଯୁବତୀଙ୍କୁ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିବାହିତ ଯୁବକଙ୍କ ସ୍ତ୍ରୀ ଚାରମାଳ ଥାନାରେ ଏତଲା ଦେଇଛନ୍ତି। ଏତଲାକ୍ରମେ ଚାରମାଳ ଥାନାରେ ଏକ ମାମଲା(ନଂ.୩୦/୨୬) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଚାରମାଳ ଥାନା ଅନ୍ତର୍ଗତ କୁସୁରଡା ଗ୍ରାମର ୪୦ବର୍ଷୀୟ ଯୁବକ ଜଣକ ୨୦୧୦ ମସିହାରେ ନିଜ ଗ୍ରାମର ଜଣେ ଯୁବତୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଦୁଇଲକ୍ଷ ଟଙ୍କା ଯୌତୁକ ଦାବି କରି ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଇତମଧ୍ୟରେ ପଡ଼ୋଶୀ ଯୁବତୀଙ୍କ ସହିତ ସମ୍ପୃକ୍ତ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଗତ ମାସରେ ଘର ଛାଡ଼ି ଫେରାର ହୋଇ ଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ଉଭୟଙ୍କୁ ଭୁବନେଶ୍ୱରରେ ଏକାଠି ରହୁଥିବା ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ଭୁବନେଶ୍ୱର ଯାଇ ଉଭୟେ ରହୁଥିବା ହୋଟେଲରେ ପହଞ୍ଚିଥିଲେ। ସେଠାରେ ସ୍ତ୍ରୀଙ୍କୁ ଦେଖି ସମ୍ପୃକ୍ତ ଯୁବକ ଓ ତାଙ୍କ ସହ ଥିବା ଯୁବତୀ ମିଶି ମାଡ଼ ମାରିଥିଲେ। ଏଥିରେ ନିରାଶ ହୋଇ ପୀଡିତା ମହିଳା ଜଣଙ୍କ ଚାରମାଳ ଫେରି ଆସି ରବିବାର ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଯୁବକଙ୍କ ଏକ ୧୪ ବର୍ଷର ଝିଅ ଓ ୭ ବର୍ଷର ପୁଅ ଅଛନ୍ତି।

# ସମାଜ ପ୍ରତି ରହିଥିବା ଅବଦାନର ସ୍ମୃତିଚାରଣ

## ହୀରାଖଣ୍ଡ ନାଗରିକ ପରିଷଦର ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭା ପରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)

ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ନିକଟରେ ମୃତ୍ୟୁବରଣ କରିଥିବା ତିନି ଦିବଙ୍ଗତ ସଦସ୍ୟ ଡା. ରାସେଶ୍ୱରୀ ପାଣିଗ୍ରାହୀ, ଶିବ ପ୍ରସାଦ ମେହେର ଓ ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରବିବାର ଗୁରୁପଡ଼ାସ୍ଥିତ ବରିଷ୍ଠ ନଗରିକ କଲ୍ୟାଣ କେନ୍ଦ୍ରରେ ସଭାପତି ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିବଂଗତ ସଦସ୍ୟମାନଙ୍କ ସମାଜ ପ୍ରତି ରହିଥିବା ଅବଦାନର ସ୍ମୃତଚାରଣ କରିଥିଲେ। ପ୍ରାରମ୍ଭରେ ସଦସ୍ୟମାନଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗତିକମାନଙ୍କ ଜୀବନ ଶୈଳୀ ଓ କାର୍ଯ୍ୟଧାରା ଉପରେ ଆଲୋଚନା କରାଯାଇଥିଲା। ସେ ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ଓ ନୀରାମୟ ଜୀବନ ଧାରଣର ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ନିଜ ବକ୍ତବ୍ୟରେ ଡା ପାଣିଗ୍ରାହୀଙ୍କ ଧିଧାୟିକା ସମୟର ଉପଲବ୍ଧି ଉପରେ ଆଲୋକପାତ କରିଥିଲେ।

# ସମ୍ବଲପୁର ପ୍ରେସ କ୍ଲବ ସାଧାରଣ ପରିଷଦ ବୈଠକ

**■ମାର୍ଚ୍ଚ ୧ ରେ ହେବ ନିର୍ବାଚନ**

ସମ୍ବଲପୁର,୨୨।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପ୍ରେସ କ୍ଲବ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରେସ କ୍ଲବର ଦିବଙ୍ଗତ ସଦସ୍ୟ ମାନଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକଙ୍କ ଦ୍ୱାରା ବିଗତ ଦିନର ଖର୍ଚ୍ଚ ବିବରଣୀ ଉପସ୍ଥାପନ କରାଯିବା ସହ ସାଧାରଣ ପରିଷଦ ବୈଠକରେ ଏହା ଉପରେ ଆଲୋଚନା କରାଯାଇଥିଲା। ବିଗତ ଦିନରେ ସମ୍ବଲପୁର ପ୍ରେସ କ୍ଲବରେ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ପ୍ରେସ କ୍ଲବର ସଦସ୍ୟ ମାନଙ୍କ ବିକାଶ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ଟଙ୍କାକୁ ଫିକ୍ସ ଡିପୋଜିଟ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହାସହ ଆଗାମୀ ନିର୍ବାଚନ ମାର୍ଚ୍ଚ ୧ରେ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଜିଲା ଓକିଲ ସଂଘର ଚାରିଜଣିଆ କମିଟିର ସହଯୋଗ ନେବାକୁ ବୈଠକରେ ସ୍ଥିର ହୋଇଥିଲା। କାର୍ଯ୍ୟସୂଚୀ ସ୍ଥିର କରାଯିବା ସହ ପ୍ରତି ଦୁଇବର୍ଷରେ ନିର୍ବାଚନ ନିଶ୍ଚିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ନିର୍ବାଚନ ପୂର୍ବରୁ ୩ଦିନ ଭିତରେ କୋଷାଧ୍ୟକ୍ଷଙ୍କଠାରେ ସଦସ୍ୟତା ନବୀକରଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ୭୨୯୭ ଗ୍ରାହକଙ୍କ ଶୂନ୍ୟ ବିଦ୍ୟୁତ୍ ବିଲ୍


ସୋଲାର ପ୍ୟାନେଲ।

ସମ୍ବଲପୁର,୨୨।୨(ଭବାନୀ ଶଙ୍କର ଭୋଇ)

ଟିପିଡବ୍ଲ୍ୟୁଓଡିଏଲର ୧୩ ହଜାରରୁ ଅଧିକ ଗ୍ରାହକ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଃଶୁଳ୍କ ବିଜୁଳି ଯୋଜନା ଏବଂ ଉଲା ମଡେଲ ଅଧୀନରେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିଛନ୍ତି। ସୋଲାର ପ୍ୟାନେଲ ସ୍ଥାପନ କରି ପ୍ରାୟ ୫୬ପ୍ରତିଶତରୁ ଉର୍ଦ୍ଧ୍ୱ ଗ୍ରାହକ ଅର୍ଥାତ ୭,୨୯୭ ଜଣଙ୍କ ଗତ ଜାନୁଆରୀ ମାସରେ ବିଦ୍ୟୁତ ବିଲ୍ ଶୂନ୍ୟ ହୋଇଛି। ଏକ କିଲୋୱାଟ-ୟୁଟିଲିଟି ଲେଡ ଏଗ୍ରିଗେଶନ ମଡେଲ ଅଧୀନରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଉଛି। ଗତ ଡିସେମ୍ବର ୨୦୨୫ରେ ଶୂନ୍ୟ ବିଦ୍ୟୁତ୍ ବିଲ ପାଇଥିବା ଗ୍ରାହକଙ୍କ ସଂଖ୍ୟା ୧୭୭ ଥିବାବେଳେ ଜାନୁଆରୀ ୨୦୨୬ରେ ଏହି ସଂଖ୍ୟା ପାଞ୍ଚ ଗୁଣରୁ ଅଧିକ ବୃଦ୍ଧି ପାଇ ୯୭୯ ଜଣରେ ପହଞ୍ଚିଛି । ପ୍ରାୟ ୨ ଲକ୍ଷ ଟଙ୍କାର ମୂଲ୍ୟର ୩ କିଲୋୱାଟ ସୋଲାର ପ୍ୟାନେଲ ସ୍ଥାପନ କଲେ ଜଣେ ଗ୍ରାହକଙ୍କୁ ପ୍ରାୟ ୧.୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳୁଛି। ସେହିଭଳି ପ୍ରାୟ ୧.୪୦ ଲକ୍ଷ ଟଙ୍କା ମୂଲ୍ୟର ୨ କିଲୋୱାଟ ସୋଲାର ପ୍ୟାନେଲ ସ୍ଥାପନ ଦ୍ୱାରା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିତ ଭାବରେ ପ୍ରାୟ ୧.୧୦ ଲକ୍ଷ ଟଙ୍କାର ସହାୟତା ମିଳୁଛି। ସେହିପରି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପ୍ରଚଳିତ ସ୍ୱତନ୍ତ୍ର ଏକ କିଲୋୱାଟ-ୟୁଟିଲିଟି ଲେଡ ଏଗ୍ରିଗେଶନ ମଡେଲ ଅଧୀନରେ ଜଣେ ଯୋଗ୍ୟ ଗ୍ରାହକ କେବଳ ୫,୬୨୨ ଟଙ୍କା ପ୍ରଦାନ କରି (ସୋଲାର ପ୍ୟାନେଲ ବାବଦ ୧୮୭୫ ଟଙ୍କା ଏବଂ ସୋଲାର ମିଟର ବାବଦକୁ ୩,୭୪୭ ଟଙ୍କା ଅନ୍ତର୍ଭୁକ୍ତ) ନିଜ ଘର ଛାତ ଉପରେ ସ୍ଥାପନ କରିପାରିବେ। କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ସ୍ଥାପନ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ସମସ୍ତ ଯନ୍ତ୍ରପାତି ଉପରେ ପାଞ୍ଚ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ ଉପରେ ୨୫ ବର୍ଷର ୱାରେଣ୍ଟି କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି । ଯାହା ଦୀର୍ଘକାଳୀନ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରୁଛି । ସମସ୍ତ ସୋଲାର ପ୍ୟାନେଲକୁ ସ୍ମାର୍ଟ ମିଟର ସହ ସଂଯୋଗ କରାଯାଇଥାଏ। ଗ୍ରାହକମାନେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପୋର୍ଟାଲ ମାଧ୍ୟମରେ ସ୍ୱାଧୀନ ଭାବେ ସେମାନଙ୍କ ଅଗ୍ରଗତି ଟ୍ରାକ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଛାତ ଉପରେ ସୋଲାର ପ୍ୟାନେଲ**

# ରାସେଶ୍ୱରୀଙ୍କୁ କୁଲତା ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୨।୨(ଭବାନୀ ଶଙ୍କର ଭୋଇ)

ପୂର୍ବତନ ବିଧାୟିକା ସମାଜସେବୀ ସ୍ୱର୍ଗୀୟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ରବିବାର କୁଲତା ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ଉପସଭାପତି ଦେବୋତ୍ତମ ପ୍ରଧାନଙ୍କର ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଭକ୍ତବନ୍ଧୁ ପ୍ରଧାନ ଏବଂ ଜଟାଭୂଷଣ ସାହୁ ଡା. ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ହାରାଧନ ପ୍ରଧାନ,ସମାରୁ ବାରିକ, ଦେବଦତ୍ତ ସାହୁ, ଦେବାର୍ଚ୍ଚନ ଭୋଇ, ସୁଦାମ ଭୋଇ, ସରୋଜ ପ୍ରଧାନ, କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଙ୍ଗାଲି ଯାମିନୀ ଅଡ଼ାଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ସରକାରୀ ପଲିଟେକନିକ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଏମ୍‌ପି ପ୍ରତିନିଧି ନବୀନ ପ୍ରଧାନ ମୁଖ୍ୟ ଅତିଥି ଓ ରାଜ୍ୟ ମହିଳା କମିଶନ ସଭ୍ୟ ମୁକ୍ତା ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଦର ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଡେପୁଟି କାଲେକ୍ଟର, ସମ୍ବଲପୁର ସବ୍‌ଡିଭିଜନ, ପ୍ରିନ୍ସିପାଲ ପୋଲିଟେକ୍ନିକ କଲେଜ, ସମସ୍ତ ପ୍ରୋଗ୍ରାମ ଅଫିସର ଜିଲା ସମାଜ ମଙ୍ଗଳ ବିଭାଗ, ସମ୍ବଲପୁର, ଜିଲା ନାରୀ ସଶକ୍ତି କେନ୍ଦ୍ରର ଜିଲା ସଂଯୋଜକ ଏବଂ ଅନ୍ୟ ଅଧିକାରୀ ଯୋଗଦେଇଥିଲେ। ଆଇନଜୀବୀ ପ୍ରମୋଦ ସରାଫ, ଓକିଲ ଓ ଜେଜେବି ସଭ୍ୟା ବାଣୀ ମହାପାତ୍ର, ସମ୍ବଲପୁର ଉକ୍ତ କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଯୋଗଦେଇ, ବାଲ୍ୟ ବିବାହ ନିଷେଧ ଆଇନ, ଘରୋଇ ହିଂସା ଆଇନ, ପୋକ୍‌ସୋ ଆଇନ, ପିସିଏନ୍‌ଡିଟି ଆଇନ, ମହିଳା ଚାଲାଣ ରୋକିବା ଆଇନ ବିଷୟରେ ସଚେତନତା କରିଥିଲେ। ଏହି ଅବସରରେ ସଚେତନତା ଦସ୍ତଖତ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବିକାଶ କର୍ଯ୍ୟାଳୟର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲା ପ୍ରୋଟେକ୍ସନ ଅଧିକାରୀ ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦସ୍ତଖତ ଅଭିଯାନରେ ଭାଗ ନେଇଥିବା ମହିଳାମାନେ।

# ଯୁବଗୋଷ୍ଠୀଙ୍କୁ ଭାଷା ଆନ୍ଦୋଳନରେ ସାମିଲ କର

ସମ୍ବଲପୁର,୨୨।୨(ବି.ଶଙ୍କର)

କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ ସମ୍ବଲପୁର ସ୍ଥିତ ସାମ୍ବାଦିକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ପାଇବା ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ହେବ। ଆନ୍ଦୋଳନର ସଫଳତା ପାଇଁ ଏଥିରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଜରୁରୀ। ସୁପ୍ତକୁ ଜାଗ୍ରତ କରିବା ପାଇଁ ଚେତନା ଆବଶ୍ୟକ। ଲେଖିକା ଲେଖକ ଲେଖା ସଙ୍ଗେ ସଙ୍ଗେ ସଙ୍ଗଠିତ ହୋଇ ଆନ୍ଦୋଳନରେ ସାମିଲ ହେବା କଥା । ଲକ୍ଷ୍ୟ ହାସଲ ପାଇଁ ଆମକୁ ରଚନାତ୍ମକ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବିଧାୟିକା ଡ଼ାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। କଲମ


ଚତୁର୍ଥ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ସହ ସମ୍ମାନିତ କବୟିତ୍ରୀ ଓ କବିମାନେ।

**କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ**

ଅନୁଷ୍ଠାନ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅନୁଷ୍ଠାନ ବିଗତ ତିନି ବର୍ଷରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲମ ପରିବାର ଟ୍ରଷ୍ଟ ଉପଦେଷ୍ଟା ଡ. ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା । ଭାଷା ଆନ୍ଦୋଳନଥି ଆମର ଏକତା କେତେ ଦୂର ଶୀର୍ଷକ ଆଲୋଚନା ଚକ୍ରରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ଅଧାପକ ତଥା ସାହିତ୍ୟିକ ମୋହନ ସାହୁ ଅଲୋଚକଭାବେ ଯୋଗଦେଇଥିଲେ। ଏହାପରେ ପୁତୁଲ ସୁପ୍ରିୟା ଦାସଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏହଥିର ଶତାଧିକ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟିକ ଅନୀଲ କୁମାର ଦାସ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଉପସଭାପତି ଜୟକୃଷ୍ଣ ବେହେରା ଅତିଥି ସ୍ୱାଗତ କରିଥିଲେ ।

# ରାସ୍ତା ଶୋଚନୀୟ: ଲୋକେ ହନ୍ତସନ୍ତ

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସିଂହାଣୀମୁଣ୍ଡା- କୁଶଙ୍ଗ କଲେଜ ଆରଡି ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରାୟ ୨ ବର୍ଷ ହେବ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ, ମେଟାଲ ଉଠି ଯାଇଥିଲେ ମଧ୍ୟ ଏହାର ମରାମତି ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଫଳରେ ଏହି ରାସ୍ତାରେ କୁଶଙ୍ଗ କଲେଜକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ସମେତ ବ୍ଲକ ମୁଖ୍ୟାଳୟ ଯିବାଆସିବା କରୁଥିବା ବିଭିନ୍ନ ଗ୍ରାମର ଜନସାଧାରଣ ନାହିଁ ନ ଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ସରଗାଡ ପଞ୍ଚାୟତ ଅଧୀନ ସିଂହାଣୀମୁଣ୍ଡାରୁ କୁଶଙ୍ଗ କଲେକ ରାସ୍ତା ପାଖାପାଖି ୪ କିମି ହେବ। ଲୋଇସିଂହା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛି ବର୍ଷ ପୂର୍ବରୁ ଉକ୍ତ ରାସ୍ତା ଉନ୍ନତୀକରଣ କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା ନିର୍ମାଣକୁ ୫



ରାସ୍ତାରୁ ଗେଟି ଉଠି ବିପର୍ଯ୍ୟସ୍ତ ହୋଇପଡ଼ିଛି।

**ସିଂହାଣୀମୁଣ୍ଡା-କୁଶଙ୍ଗ କଲେଜ ରାସ୍ତା**

ବର୍ଷ ପୁରିନାହିଁ । ହେଲେ ରାସ୍ତା ସାରା ଖାଲଖମା। ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି । ରାସ୍ତାର ଗେଟି ଉଠି ବିକ୍ଷିପ୍ତ ଭାବେ ପଡିଥିବାରୁ ଦିମୁଣ୍ଡା, ସରଗାଡ, ସିଂହାଣୀମୁଣ୍ଡା, ଠାକୁରପାଲି, ବିଅରପାଲି, ରତାଖଣ୍ଡି, ବାନିପାଲି ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ନିୟମିତ ଭାବେ ହଟହଟା ହେଉଛନ୍ତି। ଅନେକ ସମୟରେ ଛାତ୍ରୀଛାତ୍ରମାନେ ସାଇକେଲରେ ଯିବା ଆସିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ସରଗାଡ, ବାନିପାଲ, ଉପରବାହାଲ ଆଦି ପଞ୍ଚାୟତର ଜନସାଧାରଣ ବ୍ଲକ ମୁଖ୍ୟାଳୟକୁ ବିଭିନ୍ନ କାମ ନେଇ ଯିବା ବେଳେ ଅସୁବିଧା ଭୋଗୁଛନ୍ତି। ରକ୍ଷଣାବେକ୍ଷଣ କରିବା ସମୟ ଥିବା ସତ୍ତ୍ୱେ କାହିଁକି କାମ କରିଥିବା ଠିକାଦାର ମରାମତି କରୁନାହାନ୍ତି ତାକୁ ନେଇ ଲୋକେ ପ୍ରଶ୍ନ କରୁଛନ୍ତି।

## ବୁର୍ଡା-ପନେସରା ରାସ୍ତା ମରାମତିରେ ଅନିୟମିତତା

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ଲୋଇସିଂହା ଆରଡି ବିଭାଗ ଅଧୀନ ନବ ଗଠିତ ଲୋଇସିଂହା ଏନଏସିର ବୁର୍ଡା-ପନେସରା ରାସ୍ତା ମରାମତି କାମରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ପ୍ରାୟ ୩ କିମି ହେବ। ବୁର୍ଡା ବସ୍ତି କଂକ୍ରିଟକରଣ ହୋଇଥିବା ବେଳେ ବାକି ରାସ୍ତା ପିଚୁ ହୋଇଛି। ବୁର୍ଡା ବସ୍ତି ରେଳଫାଟକ ପରଠୁ ପ୍ରାୟ ୩ ଶହ ମିଟର ରାସ୍ତା ସମ୍ପୂର୍ଣ୍ଣ ଭାବେ ପିଚୁ ଢଳାଇ କରି ମରାମତି କାମ (ସିଡକ୍ରୁସି)କରାଯାଇଛି। ଏହାପରେ ପନେସରା ପର୍ଯ୍ୟନ୍ତ ରହିଥିବା ବାକି ରାସ୍ତା ମଧ୍ୟ ସ୍ଥାନେ ସ୍ଥାନେ ମରାମତି କରାଯାଇଛି। ମରାମତିକୁ ପ୍ରାୟ ଦୁଇ ସପ୍ତାହ ବିତିଛି। ହେଲେ ମରାମତି କାମର ପିଚୁ ଉଠି ଗଲାଣି। ସମ୍ପୂର୍ଣ୍ଣ ରାସ୍ତା ଶୋଚନୀୟ ହୋଇଥିବା ସ୍ଥଳେ ମଝିରେ ମଝିରେ ମରାମତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ରାସ୍ତା ନିମ୍ନମାନର ହେଉଥିବାରୁ ଏହାକୁ ନେଇ ସରପଞ୍ଚ ରମାକାନ୍ତ ବିଶ୍ୱାଳ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସେ ଜିଲା ପ୍ରଶସନର ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିଧାନ ନାଏକଙ୍କୁ ପଚାରିବାରେ ମରାମତି କାମ ସରିନାହିଁ। କିଛିଦିନ ତଳେ ସେହି ରାସ୍ତା ପରିଦର୍ଶନରେ ଯାଇଥିଲି। ଯଦି ପିଚୁ ଉଠିଥିବ ପୁଣି ମରାମତି କରାଯିବ ବୋଲି ସେ କହିଥିଲେ।

## ବେଟି ବଚାଓ ବେଟି ପଢ଼ାଓ ସଚେତନତା ସଭା

**କଣ୍ଟାବାଞ୍ଜି,୨୨।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଏକ ଦିବସୀୟ ବେଟି ବଚାଓ ବେଟି ପଢ଼ାଓ ସଚେତନତା ସଭା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁରେକେଲା ସିଡିପିଓ ବାସନ୍ତୀ ଭୋଇ ସଭାପତିତ୍ୱ କରିଥିଲେ। ସଭାରେ ଜିପିଡିଓ ଗଜାନନ ନାଏକ, ଶିକ୍ଷକ ତଥା ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପ୍ରବନ୍ଧକ ଧନଞ୍ଜୟ ପୂଝାରୀ, ଅଙ୍ଗନବାଡ଼ି ସୁପରଭାଇଜର ବୃନ୍ଦାବତୀ ଟାକ୍ରି, ଯଜ୍ଞକ ବିଶ୍ୱାଳ, ଧନ୍ଦେଇ ସାହୁ, ରଜନୀ ଭୋଇ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ କିଶୋରୀମାନଙ୍କର ସଶକ୍ତିକରଣ, ଆର୍ଥିକ ସାକ୍ଷରତା, ଡିଜିଟାଲ




ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ଆର୍ଥିକ ସାଧନ, ସୁରକ୍ଷା, ସଞ୍ଚୟ, ସାମାଜିକ ଅଧିକାର, ରାଜନୈତିକ ଅଧିକାର, ଶିକ୍ଷା ଅଧିକାର ଉପରେ ଆଲୋକପାତ କରିଥିଲେ। ସଭା ପରେ ବାଳିକାମାନଙ୍କ ମଧ୍ୟରେ ଲିଖିତ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ଟିକେଶ୍ୱରୀ ମେହେର ପ୍ରଥମ, ଜ୍ୟୋତ୍ସ୍ନାମୟୀ ସାହୁ ଦ୍ୱିତୀୟ, ଶ୍ରୀୟା ଦାସ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସଭାରେ ଶୋଭାବନ ନାୟକ, ଡମ୍ବରୁ ମେହେର, ନିବେଦିତା ବାରିକ, ରଶ୍ମିତା ଦାସ, କିଶୋରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ।

## ସମଲେଶ୍ୱରୀ ଶିଶୁ ମନ୍ଦିର ବାର୍ଷିକୋତ୍ସବ

**ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)**

ପୁଇଁନ୍ତଲା ବ୍ଲକ କୁରୁଲ ଗ୍ରାମସ୍ଥିତ ସମଲେଶ୍ୱରୀ ଶିଶୁ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ସଭାପତି ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ଯୋଗଦେଇ ଛାତ୍ରୀଛାତ୍ର ଆମର ଆଗାମୀ ପିଢ଼ି। ସେମାନେ ଆମର ଦାୟାଦ। ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିବାରେ ବାପା, ମା', ଗୁରୁଜୀ, ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ବିଇଓ ନୀଳମଣି ପଟେଲ ଛାତ୍ରୀଛାତ୍ର କିଭଳି ନୂତନ ଶିକ୍ଷା ପଦ୍ଧତି ଆପଣେଇବେ ସେନେଇ ଶିକ୍ଷକ ଓ ଅଭିଭାବକଙ୍କ ସମନ୍ୱୟ ଉପରେ ଗୁରୁତ୍ୱାରୋପ




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ଯଶୋବନ୍ତୀ ସେଠ, ସମାଜସେବୀ ମାନସିଂ ସେଟ, ପାଟଣାଗଡ଼ର ଆଇନଜୀବୀ ରାଧେଶ୍ୟାମ ମିଶ୍ର ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଭକ୍ତରାମ ପଟେଲ ବିବରଣୀ ପାଠ କରିଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରୀ ଶ୍ରିୟାସ୍ମିତ୍ରା ନାଏକ, ବୃତ୍ତି ଲାଭ କରିଥିବା ଛାତ୍ର ଶ୍ରୀୟାଂଶୁ ନାଏକ ଓ ପ୍ରହଲ୍ଲାଦ ବିଶ୍ୱାଳଙ୍କୁ ଉପଢ଼ୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସଭ୍ୟାସଭ୍ୟ, ବର୍ତ୍ତମାନର ଗୁରୁଜୀ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଶିକ୍ଷକ ରାମକୃଷ୍ଣ ଧରୁଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁରୁଜୀ, ଗୁରୁମାଙ୍କ ପରିଚାଳନାକ୍ରମେ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାକୁ ପି. ପଟେଲ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ଦମନ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ।

## ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ରଣନୀତିକୁ ନେଇ ଆଲୋଚନା



ବୈଠକରେ କଂଗ୍ରେସ ଦଳୀୟ ସଙ୍ଗଠନକୁ ନେଇ ଆଲୋଚନା କରାଯାଉଛି।

**ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)**

ପୁଇଁନ୍ତଲା ବ୍ଲକର ବେଲବାହାଲି ଠାରେ ବ୍ଲକ କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବ୍ଲକ ସଭାପତି ଉମାକାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ସାନନ୍ଦ ମିଶ୍ର ସଂଯୋଜନା କରିଥିଲେ। ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ରଣନୀତି ଉପରେ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୂର୍ବତନ ବ୍ଲକ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ଆଗ ଧାଡିର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର

**ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ**

ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ୱାର୍ଡ ସଭ୍ୟଠାରୁ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଓ ଅଧ୍ୟକ୍ଷ ପଦରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଜିଲା ସଭାପତି ଦିଲୀପ ବେହେରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଓ ଚାଷୀ ମାରଣ ନୀତି ବିରୋଧରେ କହିଥିଲେ। ଜିଲାରେ ବ୍ଲକଠାରୁ ଜିଲା ପର୍ଯ୍ୟନ୍ତ ଦଳ ଠିକ୍ ଭାବେ ପରିଚାଳନା ହେଉ ନ ଥିବା ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ପ୍ରାରମ୍ଭରେ ନବନିଯୁକ୍ତ ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଏବଂ ରାଜ୍ୟ କିଶାନ କଂଗ୍ରେସ ସଂଯୋଜକ ସାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଲଢେଇ କରିବା ପାଇଁ କର୍ମୀମାନେ ସହମତି ଦେଇଥିଲେ। ବୈଠକରେ ବରିଷ୍ଠ କଂଗ୍ରେସ ନେତା ମନୀଷ ମିଶ୍ର, ମନମୋହନ ପଟେଲ, ଅରବିନ୍ଦ ସାହୁ, ଶାନ୍ତନୁ ସିଂ, ରବି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜ୍ୟୋତିଷ ମୁଗ୍ରୀ ଧନ୍ୟବାଦ ଦେଇଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଲୋଇସିଂହାର ଭେଟେରାନ ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି । ୧୫ ରନରେ ଭେଟେରାନ ବି ଦଳକୁ ହରାଇ ଭେଟେରାନ ଏ ଦଳ ବିଜୟୀ ହୋଇଛି । ୧୫ ଓଭର ବିଶିଷ୍ଟ ମ୍ୟାଚରେ ଭେଟେରାନ ଏ ଦଳ ୮ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା । ଭେଟେରାନ ଏ ଦଳର ପ୍ରମୋଦ ଭୋଇ ଅର୍ଦ୍ଧ ଶତକୀୟ ଇନିଂସ ଖେଳିଥିବା ବେଳେ ଅମରେନ୍ଦ୍ର ବେହେରା, ପ୍ରତାପ ବହିଦାର , ନୟୁ ଖାନ, ଭୋଲାନାଥ ସାହୁ, ଦୀନବନ୍ଧୁ ମହାକୁର, ଟିକୁ ପାଣ୍ଡିଆଙ୍କ ରନ ସଂଗ୍ରହରେ ଯୋଗଦାନ ରହିଥିଲା । ଏହାର ଜବାବରେ ଗୋଟିଏ ଓଭର ବାକି ଥାଇ ସମସ୍ତ ଉଇକେଟ ହରାଇ ଭେଟାରନ ବି ଦଳ ୧୭୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଭେଟେରାନ ବି ଦଳର କୁନା ବାରିକ, ମନୋଜ ଅଗ୍ରୱାଲ, ୟାଲିନ ବାଗ, ମହେଶ କର, ରାକେଶ ମିର୍ଦ୍ଧା ପ୍ରମୁଖ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ। ଶମ୍ଭୁନାଥ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ କାନ୍ତ ମହାକୁର ଓ ପ୍ରଦ୍ୟୁମ୍ନ ସାହୁ ଖେଳ ପରିଚାଳନା କରିଥିଲେ।

## ମୋଟର ସାଇକେଲ ଧକ୍କାରେ ବୃଦ୍ଧ ମୃତ: କ୍ଷତିପୂରଣ ଦାବିରେ ଧାରଣା



ଆନ୍ଦୋଳନକାରୀମାନେ ରାସ୍ତା ଉପରେ ମୃତଦେହ ରଖି ଧାରଣା ଦେଇଛନ୍ତି।

**ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)**

ସଡକ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ରବିବାର ବଲାଙ୍ଗୀର ବିଏସ୍‌ଏନଏଲ ଅଫିସ ଆଗରେ ଧାରଣା ଦିଆଯାଇଥିଲା । ପ୍ରକାଶ ଯେ, ବଲାଙ୍ଗୀର ଇନ୍ଦିରା ନଗର ବିଏସଏନଏଲ ଅଫିସ ସମ୍ମୁଖ ରାସ୍ତାରେ ଶନିବାର ରାତିରେ ଘରକୁ ଫେରୁଥିବା ଇଚ୍ଛାପଡା ନିବାସୀ ରାଜେନ୍ଦ୍ର ରଣା (୬୧)ଙ୍କୁ ଜଣେ ମୋଟର ସାଇକେଲ ଆରୋହୀ ଧକ୍କା ଦେଇଥିଲେ। ଏଥିରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ରବିବାର ସକାଳେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।ତେବେ ପଡାବାସୀ ରାଜେନ୍ଦ୍ରଙ୍କ ମୃତଦେହକୁ ଆରଟିଓ ଛକରୁ ବସଷ୍ଟାଣ୍ଡ ପଟକୁ ଯାଉଥିବା ରାସ୍ତା ମଝିରେ ରଖି କ୍ଷତିପୂରଣ ଦାବି କରି ଧାରଣା ଦେଇଥିଲେ। ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଧାରଣା ସ୍ଥଳକୁ ଆସିଥିଲେ । ଖବର ପାଇବା ପରେ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ଲଗ୍ନଜିତ ବେହେରା ମଧ୍ୟ ଆନ୍ଦୋଳନ ସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ପୀଡିତ ପରିବାରକୁ କିଭଳି ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ମିଳିବ ସେନେଇ ତହସିଲଦାର ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଭାବପୂର୍ଣ୍ଣ ପରିବେଶରେ ୨ ଯୁବକଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)**

ଦେଶମାତୃକାର ସେବା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲୁପାଲି ଗ୍ରାମର ୨ ଜଣ ଯୁବକ ବେଣୁ ଭୁଏ ଓ ଦୀପକ ସା ବିଏସ୍‌ଏଫ ଯବାନ ଭାବେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୫ ତାରିଖରେ ଦିଲ୍ଲୀ ଚାୱଲା କ୍ୟାମ୍ପ ଟ୍ରେନିଂ ସେଣ୍ଟରରେ ସେମାନେ ଯୋଗ ଦେବେ ବୋଲି ଜଣାପଡିଛି । ଏହାପୂର୍ବରୁ ରବିବାର ଗ୍ରାମର ପ୍ରହରୀ ମଣ୍ଡପରେ ଏକ ସଭା କରାଯାଇ ଏହି ୨ ଯୁବକଙ୍କୁ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମୟରେ ସାମାଜିକ କର୍ମୀ ରଘୁନାଥ




ଗ୍ରାମର ପ୍ରହରୀ ମଣ୍ଡପରେ ବେଣୁ ଓ ଦୀପକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଦୀପକ ଓ ବେଣୁଙ୍କୁ ଗ୍ରାମବାସୀ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାଛଡା ଦେଶ ମାତୃକାର ସେବା ପାଇଁ ସୁଯୋଗ ଦେଇଥିବା ସେମାନଙ୍କ ଅଭିଭାବକଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଥିଲେ। ଗାଁରେ ଆବଶ୍ୟକ ଭିତ୍ତିଭୂମି ନ ଥିବା ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ବଳରେ ଏହି ସଫଳତା ହାସଲ କରିଥିବାରୁ ଦୀପକ ଓ ବେଣୁ ଗାଁ ପାଇଁ ଗର୍ବ ଓ ଗୌରବ ବୋଲି ଗ୍ରାମବାସୀ କହିଥିଲେ। ସମ୍ବର୍ଦ୍ଧନା ସଭା ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

## ପରୀକ୍ଷା ଛାଡ଼ି ଦାଦନମୁହାଁ ହୋଇଛନ୍ତି ଛାତ୍ରୀଛାତ୍ର

**ଲାଠୋର,୨୨।୨(ଭୁବନେଶ୍ୱର ବାରିକ)**

ପରବାରର ଆର୍ଥିକ ସଙ୍କଟ ଯୋଗୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଅଞ୍ଚଳର କେତେଜଣ ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରି ବନ୍ଧା ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଛାତ୍ରୀଛାତ୍ରଙ୍କ ମା' ବାପା ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାରୁ ସେମାନେ ତାଙ୍କ ସହ ଯିବାକୁ ବାଧ୍ୟ ହୋଇଛନ୍ତି। ଫଳରେ ଚଳିତବର୍ଷ ଚାଲିଥିବା ମାଟ୍ରିକ୍ ପରୀକ୍ଷା ଦେଇ ପାରିନାହାନ୍ତି। ଲାଠୋର ବ୍ଲକ୍

**ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରରେ**

ଅଧୀନ ବେନ୍ଦେର ହାଇସ୍କୁଲର ତାରାବତୀ ଭୁଏ, ପୂଜା ବାଗ୍, କ୍ରିଷ୍ଣା କରୁଆଁ, ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦୁଷ୍ମନ୍ତ ବରିହା, ରାହୁଲ ବରିହା, ରାକେଶ ମାଝୀ, ଶୁଭମ୍ ବରିହା, ସୁନନ୍ଦା ଧରୁଆ, କରୁଆଁଝର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅମିତ୍ ଦୀପ, ଯୁବରାଜ କୁମ୍ଭାର, ଲମ୍ବୋଧର ନାଏକ, ପରଜିନି ହାତଖୁଜିଆ, ସରେଇବାହାଲ ପଞ୍ଚାୟତ ହାଇସ୍କୁଲର ବୈଦେହୀ ଜାଲ୍ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ସେହିପରି ଲାଠୋର ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ର କୃଷ୍ଣ ନିଆଲ ମଧ୍ୟ ମା'ବାପାଙ୍କ ସହ ଦାଦନମୁହାଁ ହୋଇଛନ୍ତି। ଏ ସମ୍ପର୍କରେ ଉପରୋକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ପଚାରିବାରୁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ବୁଝାଇଲା ପରେ ମଧ୍ୟ ସେମାନେ ପରୀକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ । ସେମାନେ ପରିବାର ସହ ଦାଦନ ଖଟିବାକୁ ଯାଇଛନ୍ତି ବୋଲି ସେମାନଙ୍କ ସହ ଯୋଗାଯୋଗ କରିବା ପରେ ପ୍ରଧାନଶିକ୍ଷକମାନେ କହିଛନ୍ତି। ଉପରୋକ୍ତ ୫ଟି ହାଇସ୍କୁଲରୁ ଏତେସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ନ ଦେବା ଉଦ୍‌ବେଗର କାରଣ ହୋଇଛି। ବ୍ଲକ୍ ଅଞ୍ଚଳରେ ଆହୁରି ଅନେକ ହାଇସ୍କୁଲ ରହିଛି। ଏହାର ତଦନ୍ତ କରାଗଲେ କେତେ ସଂଖ୍ୟକ ଛାତ୍ରୀଛାତ୍ର ବାହାର ରାଜ୍ୟକୁ ମା'ବାପାଙ୍କ ସହ କାମରେ ସହଯୋଗ କରିବାକୁ ଯାଇଛନ୍ତି ସେ ସମ୍ପର୍କରେ ଜଣାପଡ଼ିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଲାଠୋର ଏକ ଦାଦନ ପ୍ରବଣ ଅଞ୍ଚଳ। ପ୍ରତିବର୍ଷ ଛାତ୍ରୀଛାତ୍ର ଅର୍ଥାଭାବରୁ ବାହାରକୁ ଯାଇ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଠୋସ୍ ପଦକ୍ଷେପ ଗ୍ରହଣ କରିବା ସହ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
OIPR-19001/19269/1/25-26/0001

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-1151/Q/25-26

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012
EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas
G-26252/25

# ୬ ଶ୍ରେଣୀ ପାଇଁ ଜଣେ ଶିକ୍ଷକ

**ଅମରପାଲି, ୨୨।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ସାହାଜଲଥା ପ୍ରାଥମିକ ବିଦ୍ୟାଳୟରେ ଦେଖା ଦେଇଛି ଶିକ୍ଷକ ସମସ୍ୟା। ଏହି ସ୍କୁଲରେ ବାଲ ବାଟିକା ସହିତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସେମାନଙ୍କୁ ପଢ଼ାଇବା ପାଇଁ ପୂର୍ବରୁ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ। ମାତ୍ର କିଛି ମାସ ପୂର୍ବରୁ ଜଣେ ଶିକ୍ଷକଙ୍କୁ ବଲାଙ୍ଗୀର ଅଞ୍ଚଳକୁ ବିଭାଗ ତରଫରୁ ବଦଳି କରି ନିଆଗଲା। ମାତ୍ର ତାଙ୍କ ସ୍ଥାନରେ ଆଉ କୌଣସି ଶିକ୍ଷକଙ୍କୁ ନିଯୁକ୍ତି



ସାହାଜଲଥା ପ୍ରାଥମିକ ବିଦ୍ୟାଳୟ।

ଦିଆଯାଇନାହିଁ। ଫଳରେ ଏବେ ଉକ୍ତ ସ୍କୁଲରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ଏପରିକି ଉକ୍ତ ଶିକ୍ଷକ ଜଣକ ବହୁ ସମୟରେ ଶାରୀରିକ ଅସୁସ୍ଥତା ମଧ୍ୟଦେଇ ଗତି କରୁଛନ୍ତି। ଛଅଟି ଶ୍ରେଣୀରେ ପାଠ ପଢ଼ାଇବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ସ୍କୁଲରେ ପାଠପଢାରେ ସମସ୍ୟା ହେଉଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ଅନ୍ୟ ସ୍କୁଲରେ ନାମ ଲେଖାଉଛନ୍ତି। ଆଗକୁ ଛାତ୍ରୀଛାତ୍ର ସଂଖ୍ୟା କମିବାର ସମ୍ଭାବନା ମଧ୍ୟ ରହିଛି। ତେବେ ଗ୍ରାମବାସୀ ସ୍କୁଲରେ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ କାହିଁକି ନିଯୁକ୍ତି ଦିଆଗଲାନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ସାହାଜଲଥା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

**ସାହାଜଲଥା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା**

# ଲୋକ ମହୋତ୍ସବ ମାଲେଶ୍ରୀ କମିଟି ବୈଠକ



ମାଲେଶ୍ରୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

**ବୀରମହାରାଜପୁର, ୨୨।୨ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ରବିବାର ଅପରାହ୍ନ ୫ଟାରେ ଲୋକ ମହୋତ୍ସବ ମାଲେଶ୍ରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ରୁ ୨୩ ପର୍ଯ୍ୟନ୍ତ ଚାରିଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଣୁ ସମସ୍ତ ସବ୍ କମିଟି କର୍ମକର୍ତ୍ତା କ'ଣ କାର୍ଯ୍ୟ କରିଛନ୍ତି ତାହାର ସମୀକ୍ଷା କରିବା ସହିତ ଯେଉଁ କମିଟିର କାର୍ଯ୍ୟ ପଛରେ ପଡ଼ିଛି ତା'ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟା ପାଞ୍ଚଟାରେ ମୈତ୍ରୀ ସଦନଠାରେ କମିଟିର ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହା ସହ ସହିତ ଅର୍ଥ, ସାଂସ୍କୃତିକ କମିଟି, ଷ୍ଟେଟ ମ୍ୟାନେଜମେଣ୍ଟ କମିଟି ସହିତ ବିଭିନ୍ନ କମିଟିର ଉପରେ ଆଲୋଚନା ହୋଇଥିଲା। ବିଶେଷ ଭାବରେ ଚଳିତବର୍ଷ ସ୍ମରଣିକାକୁ ପ୍ରଥମ ଦିନ ପ୍ରକାଶ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବ୍ଲକ ଉପାଧ୍ୟକ୍ଷ ଉପାଧ୍ୟକ୍ଷ ନାରାୟଣ ଲୁହା, କମିଟିର ସହ ସମ୍ପାଦକ ତଥା ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ଭାଜପା ଜିଲା ସଭାପତି ବେଣୁଧର ଦାସ, ଭୂଷଣ କୁମାର ପାତ୍ର, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ସୁମନ୍ତ ଜଗଦଲା, ପ୍ରଭାସ କୁମାର ପଣ୍ଡା, ଅକ୍ଷୟ କୁମାର ମିଶ୍ର, ଅକ୍ଷୟ କୁମାର ରାଏ, କିଶୋର କୁମାର ହୋତାଙ୍କ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ କମିଟି ସଂଯୋଜକ ଯୁଗଳ କିଶୋର ମିଶ୍ର ସଂଯୋଜନା କରିଥିଲେ।

# ବଜେଟରେ ଘୋଷଣା, ବ୍ୟୟବରାଦକୁ ବିଭିନ୍ନ ମହଲରେ ସ୍ୱାଗତ

**ସୋନପୁର, ୨୨।୨ (ମୃତ୍ୟୁଞ୍ଜୟ ଶତପଥୀ)**

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ସୁବର୍ଣ୍ଣପୁର ଜିଲାରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ସହ ବ୍ୟୟବରାଦ କରାଯାଇଛି। ସେହିପରି ଖଲିଆପାଲିସ୍ଥିତ ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ୩୫ କୋଟି ଟଙ୍କା ମୂଲ୍ୟର ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଯୋଜନା କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ଜିଲାବାସୀ ସ୍ୱାଗତ କରିଛନ୍ତି।

ନଦୀ, ନାଳ ଓ ଜଳାଶୟ ପରିବେଷ୍ଟିତ ସୁବର୍ଣ୍ଣପୁର ଜିଲାରେ ମତ୍ସ୍ୟ ଉତ୍ପାଦନ ଏବଂ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ଓଡିଶାରେ ଦ୍ୱିତୀୟ ମତ୍ସ୍ୟ ମହାବିଦ୍ୟାଳୟ ସୁବର୍ଣ୍ଣପୁର ଜିଲାରେ ପ୍ରତିଷ୍ଠା ପାଇଁ କିଛି ବୁଦ୍ଧିଜୀବୀ ୨୦୨୩ ମସିହାରେ ଦାବି କରିଥିଲେ। ଜିଲା ପରିଷଦ ପକ୍ଷରୁ ସର୍ବ ସମ୍ମତ ପ୍ରସ୍ତାବ ପଠାଯାଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏ ସମ୍ପର୍କରେ ଲୋକ ସଭାରେ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଥିଲେ। ନୂଆ ସରକାର ଆସିବା ପରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ବିଧାନସଭାରେ ୨୦୨୫ ଏପ୍ରିଲ ମାସରେ ଦାବି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ସୁବର୍ଣ୍ଣପୁର ଗସ୍ତ ସମୟରେ ଏମ୍‌ପି ଓ ବିଧାୟକ ଏନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଜିଲାର ବୁଦ୍ଧିଜୀବୀ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସୁବର୍ଣ୍ଣପୁର ଗସ୍ତ ସମୟରେ ସର୍କିଟ୍ ହାଉସ ଠାରେ ସାକ୍ଷାତ କରି ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ତେବେ ବଜେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହାଦ୍ୱାରା ଜିଲାରେ ମତ୍ସ୍ୟ ସମ୍ପଦର ବିକାଶ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଛାତ୍ରୀଛାତ୍ର ଏଠାରେ ରହି ପାଠ ପଢିବା ସହ ନୂତନ ମତ୍ସ୍ୟ ବିଜ୍ଞାନୀ ସୃଷ୍ଟି ହେବେ। ସେହିପରି ମାଘମେଳା ଅବସରରେ ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମାଝୀ ଖଲିଆପାଲି ସ୍ଥିତ ଭୀମ ଭୋଇଙ୍କ ପୀଠ ପରିଦର୍ଶନ କରିଥିଲେ। ସୁବର୍ଣ୍ଣପୁରରେ ଆୟୋଜିତ ସମାବେଶରେ ପୀଠ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

**ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ**

# ମାସିକ ଆଲୋଚନାଚକ୍ର, କବିତା ପାଠୋତ୍ସବ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ବୌଦ୍ଧ, ୨୨।୨ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ମାସିକ ଆଲୋଚନାଚକ୍ର ଓ କବିତା ପାଠ ରବିବାର କମିରା ଗ୍ରାମର ମହିଳା ଗୋଷ୍ଠୀ କେନ୍ଦ୍ରରେ ଏକାଡେମୀ ସଭାପତି ଧ୍ରୁବ ଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଏକାଡେମୀର ଉପଦେଷ୍ଟା ଆଇନଜୀବୀ ସୁଧିର କର୍ଣ୍ଣ ମୁଖ୍ୟ ଅତିଥି, ଯାଦବ କିଶୋର କର୍ଣ୍ଣ, ମୁଣ୍ଡାପଡା ସରପଞ୍ଚ ସୁମନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ସମ୍ମାନୀତ ଅତିଥି ଏବଂ ପ୍ରତାପ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଚରିତ୍ର ଓ ବ୍ୟବହାରରେ ସଂଯମତା ପୂର୍ବକ ସମାଜକୁ ଉତ୍ତମ ବାର୍ତ୍ତା ଲେଖା ମାଧ୍ୟମରେ ପ୍ରଦାନ କରିବା ଉଚିତ ବୋଲି ସମ୍ମାନୀତ ଅତିଥି କର୍ଣ୍ଣ ମତବ୍ୟକ୍ତ କରିଥିଲେ। ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ସାହିତ୍ୟ ଉତ୍ତମ ଫଳଦାୟୀ ବୋଲି ପୂର୍ବତନ ସରପଞ୍ଚ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସେହିପରି ଲେଖା ମାଧ୍ୟମରେ ସମାଜରେ ସଚେତନତା ସୃଷ୍ଟି କରିବା ଓ ଆନନ୍ଦ ଲାଭ କରିବା ସାହିତ୍ୟିକର ଧର୍ମ ହେବା ଉଚିତ ବୋଲି ସଭାପତି ଘିବେଲା କହିଥିଲେ। କବି ନାନ୍ଦୁଲେନ୍ଦୁ ମହାନ୍ତି, ବି.କେ ନିର୍ମଳ, ଶୁକଦେବ ପ୍ରଧାନ, ଟଙ୍କଧର ସାହୁ, ପ୍ରତାପ ରଥ, ରାଧାମୋହନ ମାହାଣା, ତପନ ନାୟକ, ସନ୍ତୋଷ ଦାସ, ବାଞ୍ଛାନିଧି ହୋତା, ମୁରଲୀ ନାୟକ ପ୍ରମୁଖ କବିତା ପାଠ କରିଥିଲେ।

# ଗୋଚର ଜମିରୁ ୪୦ ଗଛ କାଟିଦେଲା ଠିକା ସଂସ୍ଥା

**ହରଭଙ୍ଗା, ୨୨।୨ (ନରେନ୍ଦ୍ର କୁମାର ସାହୁ)**

ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମପଞ୍ଚାୟତ ଆମସରଭଟା (ଛେଲେଣ୍ଡି) ଗ୍ରାମ ଗୋଚର ଜମିରୁ ଜଣେ ଠିକାଦାର ପ୍ରାୟ ୪୦ଟି ମୂଲ୍ୟବାନ ଗଛ କାଟି ଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଆମସରଭଟା ଲକ୍ଷ୍ମୀନାଳ କୂଳରେ ଏକ ଲିଫ୍ଟ ପଏଣ୍ଟ ପ୍ରକଳ୍ପ କାମ ଚାଲୁ ରହିଛି। ନିର୍ମାଣଧୀନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ପାଇଁ ଖୁଣ୍ଟି ପୋତାଯିବା ବାହାନାରେ ଠିକାର ଜଣଙ୍କ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କାଟି ଦେଇଛନ୍ତି। ଗ୍ରାମବାସୀ ବର୍ଷ ବର୍ଷ ଧରି ଗଛଗୁଡିକର ରକ୍ଷାଣାବେକ୍ଷଣ କରିଆସୁଥିବା ବେଳେ ଠିକା ସଂସ୍ଥା ମେଶିନ ଲଗାଇ ଗଛଗୁଡିକୁ କାଟି ଦେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୁରୁଣାକଟକ ରେଞ୍ଜର ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଘଟଣା ଜଣାପଡିବା ପରେ ସେ ସଙ୍ଗେ ସଙ୍ଗେ କର୍ମଚାରୀଙ୍କୁ ପଠାଇଥିଲେ। ଫରେଷ୍ଟର ଏବଂ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡିକୁ କଟା ହୋଇଥିବା ଦେଖି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ବିନା ଅନୁମତିରେ କିପରି ଠିକାଦାର ଗଛ କାଟିଛନ୍ତି ତାର ତଦନ୍ତ କରାଯିବା ସହ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାସ କହିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

# ଆଞ୍ଚଳିକ ଦଣ୍ଡଯାତ୍ରା ପ୍ରସ୍ତୁତି ବୈଠକ

**ହରଭଙ୍ଗା, ୨୨।୨ (ନରେନ୍ଦ୍ର କୁମାର ସାହୁ)**

ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମ ଆଞ୍ଚଳିକ ଦଣ୍ଡଯାତ୍ରା ପାଇଁ ଡାକବଙ୍ଗଳାଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳକ ଘାସି ପ୍ରଧାନଙ୍କ ସଭାପତିତ୍ୱରେ ଦଣ୍ଡ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ୨୫ତାରିଖରେ ଦଣ୍ଡ ଉଠିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପାଟଭୁକ୍ତା ଶମ୍ଭୁନାଥ ଅମାତ, ଧନ୍ଵ ଅମାତ, ଶ୍ୟାମ ଅମାତଙ୍କ ସମେତ ପାଟ ଢୁଲିଆ ଲଣ୍ଡା ନାଏକ, ଅର୍ଜୁନ ବେହେରା, ସଦା ଝାଙ୍କର, ଭାସ୍କର, ଟୁନା, ପ୍ରହଲ୍ଲାଦ, ସିମୁନ, ସିପୁନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୃଢ଼ ଇଚ୍ଛାଶକ୍ତି ଲକ୍ଷ୍ୟ ହାସଲର ମୁଖ୍ୟ ମାର୍ଗ ଖୋଲିଥାଏ

**ପଦ୍ମପୁର, ୨୨।୨ (ପ୍ରଦୀପ୍ତ ଦାଶ)**



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଆଲୋକବର୍ତ୍ତିକା ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପ ଜିଲାପାଳ ସ୍ନେହା ଅରୁଗୁଳା ମୁଖ୍ୟ ଅତିଥି, ଲୋକ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଏବଂ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଖଗେଶ୍ୱର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନର ଚାରିଟି ସ୍ତମ୍ଭ ବୃତ୍ତି, ସ୍ୱାସ୍ଥ୍ୟ, ପରିବାର ଓ ଆତ୍ମବୃଦ୍ଧି ଉପରେ ମୁଖ୍ୟ ଅତିଥି ବ୍ୟାଖ୍ୟା କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ଲକ୍ଷ୍ୟ ହାସଲର ମୁଖ୍ୟ ମାର୍ଗ ଖୋଲିଥାଏ ବୋଲି ପ୍ରାଧ୍ୟାପକ ଦାସ ଉଲ୍ଲେଖ କରିଥିବା ବେଳେ ମୁଖ୍ୟବକ୍ତା ନାଗ ଆମ ସଂସ୍କୃତିକୁ କିପରି ବିକୃତ କରାଯାଉଛି ମଜାକିଆ ଶୈଳୀରେ ଉପସ୍ଥାପନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କେଶରଞ୍ଜନ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅମ୍ଫା' ପରିବେଷିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ କେଶରଞ୍ଜନ ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶକ ରମେଶ ଗୁର୍ଲାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦିକା ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅଧ୍ୟାପିକା ଡ. ଚନ୍ଦ୍ରିକା ଭୋଇ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସରିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

**ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

# ଅଭିଜିତ ପୂଜାହାରୀ ସ୍ମୃତି କମିଟି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୨୨।୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ଏବଂ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୩୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୩୦ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଥିଲା। ଚକ୍ଷୁ ଅପରେଶନ ପାଇଁ ୩ଜଣ ସମ୍ବଲପୁର ଯାଇଥିବା କମିଟି ସୂତ୍ରରୁ ପ୍ରକାଶ। ଶିବିରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର କର୍ମକର୍ତ୍ତା ଚକ୍ଷୁ ପରୀକ୍ଷା କରିଥିଲେ । କମିଟି ପରାମର୍ଶଦାତା ବୃନ୍ଦାବନ ମିଶ୍ର, ବୀରେନ୍ଦ୍ର ପୋଡ, ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ଉପଦେଷ୍ଟା କମିଟି ପ୍ରମୋଦ ପଣ୍ଡା, ସୌମିତ୍ରୀ ପତି, ନିଳମଣୀ ସାହୁ, ଶେଷଦେବ ମଣ୍ଡଳ, ବିନିକା ମା' ଦ୍ୱାରୀଦେବି ଯୁବକ ସଂଘ ସଭାପତି ଗନ୍ଧର୍ବ ମାହାର, ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀଙ୍କ ସମେତ ସ୍ମୃତି କମିଟି କର୍ମକର୍ତ୍ତା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ

**ସୋନପୁର, ୨୨।୨ (ମୃତ୍ୟୁଞ୍ଜୟ ଶତପଥୀ)**



ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ପଶ୍ଚିମ ଓଡ଼ିଶା ସମେତ ଓଡିଶାର ପଡୋଶୀ ରାଜ୍ୟର ପ୍ରାୟ ୪ କୋଟି ଲୋକ କୋସଲି ଭାଷକୁ ସେମାନଙ୍କର ମାତୃଭାଷାରୂପେ ବ୍ୟବହାର କରୁଛନ୍ତି। ସୀତାକାନ୍ତ ମହାପାତ୍ର କମିଟି କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ସୁପାରିଶ କରିଛନ୍ତି। ମାତ୍ର ତାହା କାର୍ଯ୍ୟକାରୀ କରାଯାଉନି। ସାମ୍ବିଧାନିକ ମାନ୍ୟତା ଅଭାବରେ ଉକ୍ତ ଅଞ୍ଚଳର ଶିଶୁମାନେ ନିଜ ମାତୃଭାଷାରେ ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି। ସେହି ଦୃଷ୍ଟିରୁ କୋସଲି/ସମ୍ବଲପୁରୀ ଭାଷାକୁ ଯଥାଶୀଘ୍ର ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯିବା ଉଚିତ ବୋଲି ଶନିବାର ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ବିଶିଷ୍ଟ ଅତିଥି ଓ ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ମିଳିତ ଉଦ୍ୟମରେ ସ୍ଥାନୀୟ ସୁବର୍ଣ୍ଣା ସମ୍ମିଳନୀ କକ୍ଷରେ ଏକାଡେମୀର ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳି ନଥିବାରୁ ଅଞ୍ଚଳର ଶିଶୁମାନେ ନିଜ ମାତୃଭାଷାରେ ପାଠ ପଢି ପାରୁନାହାନ୍ତି। ଏହାଦ୍ୱାରା ସେମାନଙ୍କ ବୌଦ୍ଧିକ ବିକାଶ ହେଉ ନାହିଁ। ଅଧିକାଂଶ ପିଲା ମୋଟେ ପଢିବାକୁ ଯାଉନାହାନ୍ତି। କିମ୍ବା ଅଧାରୁ ପାଠପଢା ଛାଡି ଦେଉଛନ୍ତି। ସରକାରୀସ୍ତରରେ ଏ ପ୍ରକାର ତ୍ରୁଟି ବିଚ୍ୟୁତି କେନ୍ଦ୍ର ସରକାରଙ୍କ ୨୦୨୦ ଶିକ୍ଷା ନୀତିର ମଧ ବିରୁଦ୍ଧାଚରଣ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ୟୋମକେଶ ଦାଶ, ଭଗବତୀ ରାୟଗୁରୁ, ଡ. ଦେବାଶିଷ ପାଣିଆ ଓ ପ୍ରଦୀପ ପୁରୋହିତ ଯୋଗଦାନ କରି କେନ୍ଦ୍ର ସରକାର ଯଥାଶିଘ୍ର କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଶିକ୍ଷାବିତ୍ ତଥା ଭାଷାକର୍ମୀ ଅଖୋଜ ଷାଣ୍ଡ, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ସୁନନ୍ଦା ସାହୁ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀପ କୁମାର ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

**ସୁବର୍ଣ୍ଣପୁରରେ ବିଶ୍ୱ ମାତୃଭାଷା ଦିବସ ପାଳିତ**

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

# ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ବାହା ନୃତ୍ୟ

## ଚମ୍ପାଗଡ଼ରେ ସାନ୍ତାଳୀ ସାଗୁନ ବାହା ବୋଙ୍ଗା ପର୍ବ ପାଳିତ

ବନ୍ଧମୁଣ୍ଡା,୨୨।୨(ସୁବ୍ରତ ଦେ)

ବନ୍ଧମୁଣ୍ଡାର ଚମ୍ପାଗଡ଼ସ୍ଥିତ ପଣ୍ଡିତ ରଘୁନାଥ କ୍ଲବ ପରିସରରେ ରବିବାର ସାନ୍ତାଳୀ ସମାଜର ପ୍ରମୁଖ ପର୍ବ ସାଗୁନ ବାହା ବୋଙ୍ଗା ବହୁ ଆନନ୍ଦ ଓ ପାରମ୍ପରିକ ରୀତିନୀତି ସହିତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ଗାଁର ମୁଖିଆ ଗୁରୁଚରଣ ମାରାଣ୍ଡୀ ଓ ପୂଜାରୀ ମଙ୍ଗଳ ମାରାଣ୍ଡୀଙ୍କ ଦ୍ୱାରା କରାଯାଇଥିଲା। ସେମାନେ ଜାହେର ଏରା, ଗୋସାଇ ଏରା, ମାରାଙ୍ଗବୁରୁ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା ପାରମ୍ପରିକ ବିଧି ବିଧାନ ଅନୁଯାୟୀ କରି ଗାଁ, ପରିବାର ଓ ସମାଜର ସୁଖସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପାରମ୍ପରିକ ବାଦ୍ୟଯନ୍ତ୍ରର ମଧୁର ଧ୍ୱନିରେ ସାନ୍ତାଳୀ ମହିଳା, ଯୁବତୀ ଓ ଯୁବକମାନେ ଆକର୍ଷଣୀୟ ଲୋକନୃତ୍ୟ ଓ ଗୀତ ପ୍ରସ୍ତୁତ କରିଥିଲେ। ରଙ୍ଗିନ ପାରମ୍ପରିକ ପୋଷାକରେ ଯୁବତୀ ଓ ମହିଳାମାନେ ବାହା ନୃତ୍ୟ ପରିବେଷଣ କରିଥିଲେ; ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଦିବାସୀ ସମାଜର ଲୋକେ ନୃତ୍ୟ ଦଳ ସହିତ ଘରେ ଘରେ ଯାଇ ପହଞ୍ଚିଥିଲେ। ଏହି ଦୃଶ୍ୟ ସାମାଜିକ ଏକତା ଓ ପାରମ୍ପରିକ ମୂଲ୍ୟବୋଧର ଜୀବନ୍ତ ଚିତ୍ର ପ୍ରଦର୍ଶନ କରୁଥିଲା। ଏହି ଅବସରରେ ଫାଗୁ ମୁର୍ମୁ, ଫାଗୁ ମାରାଣ୍ଡୀ, ସାକ୍ରୋ ମାରାଣ୍ଡୀ, ସୀତା ମୋନି ମାଝୀ, ସୀଘୁ ଟୁଡୁ, ବିଶୁ କିସ୍କୁ, ଠାକୁରା ମୁର୍ମୁ, ଚେତନ ମୁର୍ମୁ ପ୍ରମୁଖଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ସମଗ୍ର ଆୟୋଜନ ଏହି ସନ୍ଦେଶ ଦେଇଗଲା ଯେ, ଆଧୁନିକତାର ଏହି ଯୁଗରେ ମଧ୍ୟ ଆଦିବାସୀ ସମାଜ ନିଜ ସଂସ୍କୃତି, ପାରମ୍ପରିକତା ଓ ପ୍ରକୃତିସଂଲଗ୍ନ ମୂଲ୍ୟବୋଧକୁ ସୁରକ୍ଷିତ ରଖି ଆଗକୁ ବଢୁଛି।



ଆଦିବାସୀ ମହିଳା, ଯୁବତୀ ଓ ଯୁବକମାନେ ବାହା ନୃତ୍ୟ ପରିବେଷଣ କରୁଛନ୍ତି।

# ମାତୃଭାଷା ସୁରକ୍ଷା ପାଇଁ ଶପଥପାଠ

## ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ

କୁତ୍ରା,୨୨।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ଗ୍ରାମସ୍ଥିତ ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏହା ଆମର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମାତୃ ଭାଷାର ସୁରକ୍ଷା ତଥା ଏହାର ପ୍ରଚାର ଓ ପ୍ରସାର ସମସ୍ତ ମାତୃଭାଷା ପ୍ରେମୀଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ମାତୃଭାଷା ଆଧାରିତ ବକ୍ତୃତା, ପ୍ରବନ୍ଧ ଲିଖନ, ହସ୍ତାକ୍ଷର ତଥା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାତୃଭାଷାର ସୁରକ୍ଷା ପାଇଁ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କରିଶ୍ମା କେରକେଟା ଓ ସୁମିତ୍ରା ବାର୍ଲା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଅଭ୍ୟାସ ବର୍ଗ




ଅଭ୍ୟାସ ବର୍ଗରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ସୁନ୍ଦରଗଡ,୨୨।୨ (ଜୟ ନାରାୟଣ ମେଣ୍ଟୁଲି)

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ସୁନ୍ଦରଗଡ ଜିଲା ଶାଖାର ନୂତନ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ପାଇଁ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଏକ ଦିବସୀୟ ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷେତ୍ରିୟ ସଙ୍ଗଠନ ସମ୍ପାଦକ ବଦ୍ରିନାରାୟଣ ମହାରଣା ଯୋଗଦେଇ ସଙ୍ଗଠନର କାର୍ଯ୍ୟକାରିତା, ସଭ୍ୟାସଭ୍ୟଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାନ୍ତିୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସମ୍ବଲପୁର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଉପଦେଷ୍ଟା ରାଧାମାଧବ ବହିଦାର ସଂଘର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବୀନ କୁମାର ପଟେଲ ଓ ଉପଦେଷ୍ଟା ଚିନ୍ମୟ ପଟେଲ ଯୋଗଦେଇ ଗ୍ରାହକ ସୁରକ୍ଷା ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ସୁଧାଂଶୁ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ରାଉତ, ସୁରେଶ ପୃଷ୍ଟି, ଶ୍ରୀବସ ଚୌଧୁରୀ, ମୀନକ୍ଷି ନାଏକ, ପ୍ରଜ୍ଞା ପୁରୋହିତ, ସୁପ୍ରିମା ଚୌଧୁରୀ, ସଚିନ ବିଶ୍ୱକର୍ମା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ ।

# ଜଗନ୍ନାଥ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ




ମନ୍ଦିର ପରିସର ସଫେଇ କରାଯାଉଛି।

ବନ୍ଧମୁଣ୍ଡା,୨୨।୨( ସୁବ୍ରତ ଦେ)

ବନ୍ଧମୁଣ୍ଡା ଡିଜେଲ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସକାଳେ ସାମାଜିକ ଅନୁଷ୍ଠାନ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ରାଉରକେଲା ଶାଖା ପକ୍ଷରୁ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ସଫେଇ ଅଭିଯାନରେ ସ୍ଥାନୀୟ ଲୋକେ ମିଶି ମନ୍ଦିର ପ୍ରାଙ୍ଗଣ, ଚାରିପାଖ ରାସ୍ତା ଓ ପରିବେଶକୁ ସଫା କରିଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି କରିବା ସହ ଧାର୍ମିକ ସ୍ଥଳଗୁଡ଼ିକୁ ସଫା ଓ ସୁନ୍ଦର ରଖିବାର ସନ୍ଦେଶ ପ୍ରସାର କରିବା। ଉପସ୍ଥିତ ସଦସ୍ୟମାନେ ଏକ ସ୍ୱରରେ କହିଥିଲେ, ସ୍ୱଚ୍ଛ ମନ୍ଦିର ସ୍ୱଚ୍ଛ ସମାଜ ଆମ ସମସ୍ତଙ୍କ ଦାୟିତ୍ୱ। ଅଭିଯାନର ଶେଷରେ ସମସ୍ତେ ଭବିଷ୍ୟତରେ ଏପରି ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମକୁ ନିୟମିତ ଭାବେ ଜାରି ରଖିବାର ସଂକଳ୍ପ ନେଇଥିଲେ। ଏହି ଅବସରରେ ରମନ ଚାଟାର୍ଜୀ, ଆଚାର୍ଯ୍ୟ ବିନୟ, ବିଦ୍ୟା ପ୍ରସାଦ, ଲକ୍ଷଣ ଲୋହାର, ରଞ୍ଜନ ମହାପାତ୍ର, ରାହୁଲ ପ୍ରସାଦ ବିଶ୍ୱକର୍ମା, ମନୋଜ କହ୍ନାଇ, ଜିତେନ୍ଦ୍ର ଜାନା, ଜଗଦୀଶ ସତପଥୀ, ବିଜୟ ସୁରେନ, ଲାବଣ୍ୟା କୁମାର ଓ ଆଶୀଷ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ରାଜପଥ ୧୦ରେ ଜଳିଗଲା ଟ୍ରେଲର

ସୁନ୍ଦରଗଡ଼,୨୨।୨ (ଜୟ ନାରାୟଣ ମେଣ୍ଟୁଲି)

ବିଜୁ ଏକ୍ସପ୍ରେସ ୱେ ରାଜ୍ୟ ରାଜପଥ ୧୦ର ସ୍ଥାନୀୟ ଅନ୍ନପୂର୍ଣ୍ଣା ହୋଟେଲ ନିକଟରେ ରବିବାର ଏକ ଟ୍ରେଲର ହଠାତ୍ ନିଆଁ ଲାଗି ପୋଡ଼ିଯାଇଛି। ଓଡି-୧୬-ଇ-୭୦୦୩ନମ୍ବର ବିଶିଷ୍ଟ ଏହି ଟ୍ରେଲର ଗ୍ୟାରେଜରୁ ବାହାରି ସୁନ୍ଦରଗଡରୁ ଏମସିଏଲ କୋଇଲାଖଣି ଅଭିମୁଖେ ବାହାରି ଥିଲା। ହେଲେ ସର୍ଟସର୍କିଟ ଯୋଗୁ ଟ୍ରେଲରରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଯାଇଥିଲା। ହେଲେ ଗାଡ଼ିରେ ଥିବା ଚାଳକ ଓ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା | ପ୍ରେମିକ ଗିରଫ

ବଣାଇଁ/ଲହୁଣୀପଡା, ୨୨।୨ (ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଭଗବାନ ସାହିରେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏହି ଘଟଣାରେ ମହୁଲପଦା ପୋଲିସ ରବିବାର ପ୍ରେମିକଙ୍କୁ ଗିରଫ କରି ବଣାଇଁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶୁକ୍ରା ମୁଣ୍ଡା। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ.୧୨/୨୬ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ମୃତା ମହିଳା ଗୁରୁବାରୀ ମୁଣ୍ଡା(୪୦)ସ୍ୱାମୀ ସୋମା ମୁଣ୍ଡାଙ୍କ ପାଖରେ ନ ରହି ଅଲଗା ରହୁଥିଲେ। ଗୁରୁବାରୀଙ୍କ ସହ ଶୁକ୍ରାଙ୍କ ପ୍ରେମ ସମ୍ପର୍କ ଥିଲା। ଏଥିରେ ତିକ୍ତତା ଦେଖାଦେବା କାରଣରୁ ଶୁକ୍ରା ଶନିବାର ରାତିରେ ନିଜ ଘରକୁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶୁକ୍ରା ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳୁ ମୃତଦେହ ଦେଖି ମହିଳାଙ୍କ ସ୍ୱାମୀ ସୋମା ପୋଲିସକୁ ଖବର ଦେଇଥିଲେ। ମହୁଲପଦା ଥାନା ଅଧିକାରୀ ଶିବଶଙ୍କର ଅଲଦା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏତଲାକାରୀ ଅର୍ଥାତ୍ ମୃତା ମହିଳାଙ୍କ ସ୍ୱାମୀ ସୋମାଙ୍କ ବୟାନକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ଶୁକ୍ରାଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଶେଷରେ ସବୁ କିଛି ସ୍ପଷ୍ଟ ହୋଇଥିଲା।

# ଅଭିଜିତ ପୂଜାହାରୀ ସ୍ମୃତି କମିଟି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ବିନିକା, ୨୨।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ଏବଂ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଓ ପରାମର୍ଶ ଶିବର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବରରେ ୩୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୩୦ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଥିଲା। ଚକ୍ଷୁ ଅପରେଶନ ପାଇଁ ୩ଜଣ ସମ୍ବଲପୁର ଯାଇଥିବା କମିଟି ସୂତ୍ରରୁ ପ୍ରକାଶ। ଶିବିରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟା କର୍ମକର୍ତ୍ତା ଚକ୍ଷୁ ପରୀକ୍ଷା କରିଥିଲେ । କମିଟି ପରାମର୍ଶଦାତା ବୃନ୍ଦାବନ ମିଶ୍ର, ବୀରେନ୍ଦ୍ର ପୋଢ, ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ଉପଦେଷ୍ଟା କମିଟି ପ୍ରମୋଦ ପଣ୍ଡା, ସୌମିତ୍ରୀ ପତି, ନିଳମଣୀ ସାହୁ, ଶେଷଦେବ ମଣ୍ଡଳ, ବିନିକା ମା' ଦ୍ୱାରୀଦେବି ଯୁବକ ସଂଘ ସଭାପତି ଗନ୍ଧର୍ବ ମାହାର, ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀଙ୍କ ସମେତ ସୃତି କମିଟି କର୍ମକର୍ତ୍ତା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଆଞ୍ଚଳିକ ଦଣ୍ଡଯାତ୍ରା ପ୍ରସ୍ତୁତି ବୈଠକ

ହରଭଙ୍ଗା,୨୨।୨(ନରେନ୍ଦ୍ର କୁମାର ସାହୁ)

ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମ ଆଞ୍ଚଳିକ ଦଣ୍ଡଯାତ୍ରା ପାଇଁ ଡାକବଙ୍ଗଳାଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳକ ଘାସି ପ୍ରଧାନଙ୍କ ସଭାପତିତ୍ୱରେ ଦଣ୍ଡ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ୨୫ତାରିଖରେ ଦଣ୍ଡ ଉଠିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପାଟଭୁକ୍ତା ଶମ୍ଭୁନାଥ ଅମାତ, ଧଜ୍ୱ ଅମାତ, ଶ୍ୟାମ ଅମାତଙ୍କ ସମେତ ପାଟ ତୁଲିଆ ଲଣ୍ଡା ନାଏକ, ଅର୍ଜୁନ ବେହେରା, ସଦା ଝାଙ୍କର, ଭାସ୍କର, ଟୁନା, ପ୍ରହଲ୍ଲାଦ, ସିମୁନ, ସିପୁନ ପ୍ରମୁଖ ଉପସ୍ଥିତ ଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com

Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

# ଦୃଢ଼ ଇଚ୍ଛାଶକ୍ତି ଲକ୍ଷ୍ୟ ହାସଲର ମୁଖ୍ୟ ମାର୍ଗ ଖୋଲିଥାଏ | ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପଦ୍ମପୁର,୨୨।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଆଲୋକବର୍ତ୍ତିକା ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପ ଜିଲାପାଳ ସ୍ନେହା ଅରୁଗୁଳା ମୁଖ୍ୟ ଅତିଥି, ଲୋକ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଏବଂ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଖଗେଶ୍ୱର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନର ଚାରିଟି ସ୍ତମ୍ଭ ବୃତ୍ତି, ସ୍ୱାସ୍ଥ୍ୟ, ପରିବାର ଓ ଆତ୍ମବୃଦ୍ଧି ଉପରେ ମୁଖ୍ୟ ଅତିଥି ବ୍ୟାଖ୍ୟା କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ଲକ୍ଷ୍ୟ ହାସଲର ମୁଖ୍ୟ ମାର୍ଗ ଖୋଲିଥାଏ ବୋଲି ପ୍ରାଧ୍ୟାପକ ଦାସ ଉଲ୍ଲେଖ କରିଥିବା ବେଳେ ମୁଖ୍ୟବକ୍ତା ନାଗ ଆମ ସଂସ୍କୃତିକୁ କିପରି ବିକୃତ କରାଯାଉଛି ମଜାକିଆ ଶୈଳୀରେ ଉପସ୍ଥାପନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କେଶରଞ୍ଜନ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅମ୍ବା' ପରିବେଷିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ କେଶରଞ୍ଜନ ପ୍ରଧାନ ଓ ସଙ୍ଗୀତ ନିର୍ଦ୍ଦେଶକ ରମେଶ ଗୁର୍ଲାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦିକା ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅଧ୍ୟାପିକା ଡ. ଚନ୍ଦ୍ରିକା ଭୋଇ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସରିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

**ଚୋରା ବାଇକ୍ ଜବତ, ୩ ଅଭିଯୁକ୍ତ ଗିରଫ**

ବ୍ରଜରାଜନଗର,(ବିଜୟ ବରାଡ଼): ପୋଲିସ ବାଇକ୍ ଚୋରି ଅଭିଯୋଗରେ ବ୍ରଜରାଜନଗର ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୩ ଚୋରା ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବନ୍ଧ ବାହାଲର ମନୋଜ ବାରିକ (୨୭), ରାମପୁରର ସମୀର ଖାନ୍ (୪୪) ଓ ଓପିଏମ୍ କଲୋନୀର ବିଶାଲ ବାଗ (୩୦)। ଏ ନେଇ ବ୍ରଜରାଜ ନଗର ଥାନାରେ ନଂ.୪୫/୨୬ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବ ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ତଦନ୍ତ ଦାବିକଲେ ବୁଦ୍ଧିଜୀବୀ

**ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ବେଆଇନ ନିଯୁକ୍ତି ପ୍ରସଙ୍ଗ**

ଦେବଗଡ଼,୨୨।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ବେଆଇନ ନିଯୁକ୍ତି ପ୍ରସଙ୍ଗରେ ଭିଜିଲାନ୍ସ ତଦନ୍ତ ଦାବି ଉଠିଛି। ଦେବଗଡ଼ ସହରର ବୁଦ୍ଧିଜୀବୀମାନେ ଏହି ବେଆଇନ ନିଯୁକ୍ତି ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ନ କରିବା, ସମ୍ପୃକ୍ତ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ବେଆଇନ ନିଯୁକ୍ତିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ କଣ ପାଇଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି। କାହା ଚାପରେ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ତାହା ସନ୍ଦେହ ଘେରରେ। ଏନେଇ ଜନପ୍ରତିନିଧି ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ମଧ୍ୟ ଚୁପ ରହିଛନ୍ତି। ସୂଚନା ଥାଉକି, ଦେବଗଡ ଶିକ୍ଷା ବିଭାଗରେ ବଦଳି, ଡେପୁଟେଶନ, ନୂତନ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି। ନିଜର ପସନ୍ଦ ସ୍ଥାନକୁ ଯିବା ପାଇଁ ପ୍ରଚୁର ଟଙ୍କା କାରବାର ଚାଲିଛି। କହିବାକୁ ଗଲେ ଟଙ୍କା ଦିଅ ନିଜ ପସନ୍ଦ ସ୍ଥାନକୁ ବଦଳି ହୋଇ କି ଡେପୁଟେଶନ ଯାଅ। ଏପରିକି ଯେଉଁ ସ୍କୁଲରେ ଶିକ୍ଷକ ଆବଶ୍ୟକ ନାହିଁ, ଟଙ୍କା ଦେଲେ ସେଠାକୁ ଶିକ୍ଷକଙ୍କୁ ବଦଳି କରାଯାଉଛି। ଫଳରେ କେଉଁଠି ଶିକ୍ଷକ ଅଭାବ ରହିଛନ୍ତି ତ କେଉଁଠି ଅଧିକ ଶିକ୍ଷକ ରହିଛନ୍ତି। ଶିକ୍ଷା ବିଭାଗରେ ପୁନଃଥାଇଥାନ ପାଇଁ ୨୫ ଜଣ ନିଯୁକ୍ତି ହୋଇଛନ୍ତି। ୧୯ ଜଣଙ୍କୁ ପିଅନ ଓ ୬ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି। ଯିଏ ମୋଟା ଅଙ୍କର ଟଙ୍କା ଦେଇଛନ୍ତି ସିଏ କିରାଣି ହୋଇଛନ୍ତି। ଯିଏ କମ ଦେଇଛନ୍ତି, ସେ ପିଅନ। ଶିକ୍ଷା ବିଭାଗର ଅଜବ ନୀତି। ହେଲେ ଏଇଠି କଥା ଉଠୁଛି ଯେ କେଉଁଗାଇଡ ଲାଇନରେ ୬ ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି। କଣ ରହିଛି ନିୟମ, ନିୟମରେ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ ହେଉଛି। ମୋଟା ଅଙ୍କର ଟଙ୍କା କାରବାର ହୋଇ ନିୟମ ଉଲ୍ଲଂଘନ କରାଯାଇ ଏମିତି କରିଥିବା ଅଭିଯୋଗ ହେଉଛି। ଏପଟେ ଏସବୁ ଦୁର୍ନୀତି ଦାୟିତ୍ୱରେ ଥିବା ଜଣେ କିରାଣିଙ୍କ ଦ୍ୱାରା ହୋଇଛି ବୋଲି ଅଭିଯୋଗ ହେଉଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ ଓ ଭିଜିଲାନ୍ସ ତଦନ୍ତ କରିଲେ ହିଁ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

**ସେମାନେ ଯାହା କୁହନ୍ତି....**

**ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ**



ଶିକ୍ଷା ବିଭାଗ ଏକ ମନ୍ଦିର। କିନ୍ତୁ ଦିନକୁ ଦିନ ହ୍ରାସ ପାଉଛି ସରକାରୀ ସ୍କୁଲରେ ପାଠ ପଢା। ପୁଣି ଶିକ୍ଷା ବିଭାଗରେ ଚାଲିଥିବା ଦୁର୍ନୀତି ଉପରେ ଖବର ଦେଖି ପଢ଼ି ବହୁତ ଦୁଃଖ ଲାଗୁଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କିମ୍ବା ଭିଜିଲାନ୍ସ ତଦନ୍ତ ହେବା ନିହାତି ଦରକାର ଓ ଯଦି ଘଟଣାରେ ସତ୍ୟ ଅଛି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ ଆଗାମୀ ଦିନରେ ଏହିପରି ଦୁର୍ନୀତି ବଢ଼ି ଚାଲିବ।

**ମନୋଜ କୁମାର ପାଢ଼ୀ, ବରିଷ୍ଠ ଆଇନଜୀବୀ**

**ପ୍ରଶାସନର ଉଦାସୀନତା ପାଇଁ ଦୁର୍ନୀତି ଚରମ ସୀମାରେ**



ବିଲେଇ ଅଣ ପୁରୁଷା ଦେଖି ମୂଷା କରମ କରୁଛି ବସି ନ୍ୟାୟରେ ଦେବଗଡ ଜିଲା ଶିକ୍ଷା ବିଭାଗର ଅଧିକାରୀଙ୍କ ଅପାରଗତା। ହେଉ କି ଜାଣିଶୁଣି ପ୍ରୋତ୍ସାହନ ଯୋଗୁ ଜଣେ ସାମାନ୍ୟ କିରାଣିଙ୍କ ରାଜ ଚାଲିଛି। ଯଦି ଗଣମାଧ୍ୟମରେ ପ୍ରକାଶ ହୋଇଥିବା ଘଟଣା ସତ ହେଲେ ଶିକ୍ଷା ବିଭାଗ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଶିକ୍ଷା ବିଭାଗର ଅଧିକାରୀ ଓ ଜିଲା ପ୍ରଶାସନର ଉଦାସୀନତା ଯୋଗୁଁ ଶିକ୍ଷା ବିଭାଗରେ ଦୁର୍ନୀତି ବଢ଼ି ଚାଲିଛି।

**ମାର୍କଣ୍ଡେଶ୍ୱର ଶତପଥୀ, ବରିଷ୍ଠ ନାଗରିକ,ଦେବଗଡ଼**

**ଭିଜିଲାନ୍ସ ତଦନ୍ତ ହେବା ଦରକାର**



ଦେବଗଡ ଜିଲା ଶିକ୍ଷା ବିଭାଗ ଅଧିନରେ ହୋଇଥିବା ନିଯୁକ୍ତି ବାବଦରେ ଗଣମାଧ୍ୟମରେ ପ୍ରକାଶ ହୋଇଛି। କେଳେଙ୍କାରୀ ଉପରେ ଅବଗତ ହେଲି। ଏହି ଘଟଣା ଯଦି ସତ୍ୟ ହେଲେ ଅତି ସାଂଘାତିକ ଅଟେ। ଏଭଳି ଦୁର୍ନୀତିର ପର୍ଦ୍ଦାଫାଶ ହେବା ଆବଶ୍ୟକ। ତେଣୁ ଏହି ଦୁର୍ନୀତି ପାଇଁ ଭିଜିଲାନ୍ସ ତଦନ୍ତ ହେବା ଦରକାର। ଯଦି ଏହି ଘଟଣା ସମାଧାନ ନ ହୁଏ,ତେବେ ଆଗାମୀ ମାଟ୍ରିକ ପରୀକ୍ଷାରେ ଏହାର ପ୍ରଭାବ ପକାଇବ।

**ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍, ଦେବଗଡ଼**

# ଶିବିରରେ ୩୦ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼,୨୨।୧(ଶଶାଙ୍କ ଶେଖର ଝାଙ୍କର)




ରକ୍ତଦାନ ଶିବିରରେ ଉପସ୍ଥିତ ପୋଲିସ ଅଧିକାରୀ।

ପୋଲିସ ତରଫରୁ ଦେବଗଡ ଥାନାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚୋପଦାର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା ସାମିଲ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ପୋଲିସ ଏଭଳି ଏକ ପଦକ୍ଷେପ ନେଇଥିବା ବେଳେ ଆସନ୍ତା ଦିନରେ ଜିଲାର ପ୍ରତ୍ୟେକ ଥାନାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି। ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଦେବଗଡ ଥାନା ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏସଆଇ ବିନୟ କୁମାର ପରିଡା, ଏସଆଇ ଅସିତ ସାହୁଙ୍କ ସମେତ ଥାନାର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍ଯାପିତ

ଲଖନପୁର,୨୨।୨(ଗୌତମ ସାହୁ)



ନବ ନିର୍ମିତ ଶନି ମନ୍ଦିର।

ଲଖନପୁର ବ୍ଲକ ବିଜାପାଲି ମହାସିଂ ଛକରେ ନବ ନିର୍ମିତ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସ ଆନନ୍ଦ ଉଲ୍ଲାସର ସହିତ ରବିବାର ଉଦ୍ଯାପିତ ହୋଇଯାଇଛି। ଗତ ଗୁରୁବାର ବିଜାପାଲି ପୋଖରୀରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପବିତ୍ର କଳସ ଯାତ୍ରା, ଶୁକ୍ରବାର ପୂଜାରମ୍ଭ ସହିତ ମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି ବିଗ୍ରହଙ୍କ ମନ୍ଦିର ପ୍ରବେଶ ନୀତି ସମ୍ପନ୍ନ ହୋଇଥିଲା। ମୁଖ୍ୟ କର୍ତ୍ତା ମନୋଜ ବାରିକ ଥିବା ବେଳେ ସହ କର୍ତ୍ତା ଜଗମୋହନ ପଧାନ, ମୁକେଶ ବାରିକ, ସରୋଜ ଖମାରୀ, ପଞ୍ଚୁରାମ ସାହୁ, ଦୀପକ ବେହେରା, ତହସିଲ ଭୋଇ, ବିଷ୍ଣୁ ବାରିକ, ଚନ୍ଦ୍ରମଣି ଭୋଇ, ସୁବାସ ବାରିକ, ସୁବର୍ଣ୍ଣ ଦାସ, ଜଗଦୀଶ ବିଶ୍ୱାଳ, ସୁରେନ୍ଦ୍ର ସାହୁ, ବାସୁଦେବ ବାରିକ, ସ୍ୱପତ୍ନୀକ କର୍ତ୍ତା ଓ ଜୟପ୍ରକାଶ ମହାପାତ୍ର, ମିଥୁନ ଦାସ, ସଂଜୁକୁମାର ନନ୍ଦେ, କୃପାଚାର୍ଯ୍ୟ ମିଶ୍ର, ରାଜକୁମାର ଦାସ ପ୍ରମୁଖ ପୂଜକ ଦାୟି ନିର୍ବାହ କରିଥିଲେ।ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ପ୍ରକାର ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟି ଗୋଚର ହୋଇଥିଲା।

# ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୨୨।୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣୀ କଲ୍ୟାଣ ମଣ୍ଡପରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଶ୍ୱାଳ ଶିବିରରେ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ। ଶିବିରରେ ୧୪ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ହୋଇଥିଲା। ବିଧାୟକଙ୍କ ଅଭିଯୋଗ ଶୁଣାଣିରେ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ କରି କେତେକେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ଟାଇଁସର ଗ୍ରାମରେ ଏକ ମଣ୍ଡପ ଗୃହ ନିର୍ମାଣ, ଅସୁରଖୋଲ ଗ୍ରାମର ରାସ୍ତା, ଫୁଲପଥରଖୋଲ ଗ୍ରାମର ପାନୀୟ ଜଳ ସମସ୍ୟା, କଣ୍ଟେଇକୋଳି ଗ୍ରାମର ରାସ୍ତା ଏବଂ କେ.ଫର୍ମ ପଟ୍ଟା ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ଏସବୁର ସମାଧାନ ପାଇଁ ଅଭିଯୋଗ କରାଯାଇଥିଲା । ବିଧାୟକ ବିଶ୍ୱାଳ ଅଭିଯୋଗ ଶୁଣିବା ସହିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ବିଧାୟକଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ନଗେନ ପଣ୍ଡା ସାମିଲ ଥିଲେ।

# ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

ଦେବଗଡ,୨୨।୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ କଂସର କ୍ଲଷ୍ଟର ଅନ୍ତର୍ଗତ ହେଠଖମାର ପ୍ରାଥମିକ ବିଦ୍ୟାଳୟର ମୃତ ଶିକ୍ଷକ ଯୁଧିଷ୍ଠିର ଦୀପଙ୍କ ଏକାଦଶାହ ଅବସରରେ ଶନିବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କ ବାସଭବନ ବାରକୋଟ ବ୍ଲକ ଅନ୍ତର୍ଗତ ବସାଲଇ ଗ୍ରାମକୁ ଯାଇ ସ୍ୱର୍ଗତ ଯୁଧିଷ୍ଠିର ଦୀପଙ୍କ ବିଧବା ପତ୍ନୀ ପୂର୍ଣ୍ଣିମା ଦୀପଙ୍କୁ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ସଂଗୃହୀତ ହୋଇଥିବା ନଗଦ ୨୦୦୦୦/ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ର ସଭାପତି ତ୍ରିନାଥ ଖୁଣ୍ଟିଆ, ତିଲେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଡୋଳାଧର ସ୍ୱାଇଁ, ସୌମିତ୍ରୀ ମହାପାତ୍ର, ଅକ୍ଷୟ କୁମାର ଗୁରୁ, କଂସର ସିଆରସିସି ଅଜୟ କୁମାର ସାହୁ ଉପସ୍ଥିତ ଥିଲେ। ସୂଚନା ଥାଉକି, ଗତ ୧୧ ତାରିଖରେ ସ୍ୱର୍ଗତ ଯୁଧିଷ୍ଠିର ଦୀପଙ୍କ ଏକ ସଡକ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା।

# ବିମଳ ହୋତା ଗଳି ରାସ୍ତାରେ ଆବର୍ଜନା

ସମ୍ବଲପୁର, ୨୨।୨ (ଭବାନୀ ଶଙ୍କର ଭୋଇ)



ଗଳି ରାସ୍ତାରେ ଆବର୍ଜନା ଜମା ହୋଇରହିଛି।

ସମ୍ବଲପୁର ମହାନଗର ନିଗମର ୱାର୍ଡ ନମ୍ବର ୨୭ ବିମଳ ହୋତା ଗଳିରେ ଆବର୍ଜନା ଜମା ହୋଇରହିଛି। ଆବର୍ଜନା ଯୋଗୁ ଗଳିରେ ରହୁଥିବା ବାସୀନ୍ଦାଙ୍କ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡାବାସୀ ମହାନଗର ଅଫିସରେ ଅଭିଯୋଗ କରୁଛନ୍ତି। ମହାନଗର ନିଗମ ପକ୍ଷରୁ କିଛି ଦନ ଗଳିକୁ ସଫାସୁତୁରା ରଖାଯାଉଥିବା ବେଳେ ପରେ ଯଥା ପୂର୍ବଂ ତଥା ପର ହେଉଛି। ଗଳି ଭିତରେ କେତେକ ସ୍ଥାନରେ ପାଚେରି ଭାଙ୍ଗିବା ପରେ ଲୋକେ ସେଠାରେ ଆବର୍ଜନା ଗଦା କରୁଛନ୍ତି। ଏହାକୁ ଗୋରୁ, କୁକୁର ରାସ୍ତା ଉପରକୁ ଟାଣି ଆଣୁଛନ୍ତି। ମହାନଗର ନିଗମ ବାହାରେ ଆବର୍ଜନା ପକାଇବା ସମ୍ପୂର୍ଣ୍ଣ ବନ୍ଦ କରିଥିବା ବେଳେ ଆଗରୁ ରଖାଯାଇଥିବା ଡଷ୍ଟବିନଗୁଡ଼ିକୁ ମଧ୍ୟ ଉଠାଇ ନିଆଯାଇଛି । ଏଣିକି ଲୋକେ ନିଜ ଘରେ ଆବର୍ଜନାକୁ ସୁଖା ଏବଂ ଓଦା ଭିନ୍ନ ଡଷ୍ଟବିନରେ ରଖି ଆବର୍ଜନା ଗାଡିରେ ଦେବା ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ଗଳିରେ ଆବର୍ଜନା ରାସ୍ତା କଡରେ ପଡୁଛି । ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କୁ ପଚାରିବାରୁ ଭଙ୍ଗା ପାଚେରି ଯୋଗୁ ସେଠାରେ ଲୋକେ ଆବର୍ଜନା ପକାଉଥିବା ଅଭିଯୋଗ ହେଉଛି। ତେବେ ଜମି ମାଲିକ ପାଚେରି ଦେଇ ନ ଥିବାରୁ ତାଙ୍କ ଠିକଣା ଖୋଜା ଯାଉଛି। ଠିକଣା ମିଳିବା ପରେ ତାଙ୍କୁ ନିଜ ଜମିକୁ ସୁରକ୍ଷିତ ଏବଂ ସଫା ରଖିବାକୁ ନୋଟିସ କରାଯିବ ବୋଲି କହିଛନ୍ତି। ଡାକବାଜି ଯନ୍ତ୍ର ଜରିଆରେ ଲୋକଙ୍କୁ ଘର ଆବର୍ଜନା ବାହାରେ ନ ଫିଙ୍ଗି ସଂଗ୍ରହ ଗାଡିରେ ଦେବାକୁ ମହାନଗର ନିଗମ ପକ୍ଷରୁ ସଚେତନ କରାଯାଉଛି ବୋଲି ସାହୁ କହିଛନ୍ତି।

# ମା’ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଦେବଗଡ,୨୨।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ଖପରସାହିରେ ନବ ନିର୍ମିତ ମା’ମହାମାୟୀ ମନ୍ଦିର ଓ ମା’ଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମ ପାଇଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟ ହୋଇଥିଲା। ଶତାଧିକ ମହିଳା ଓ ଯୁବତୀ ଏକ ଭବ୍ୟ କଳସ ଶୋଭାଯାତ୍ରାରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପାରମ୍ପରିକ ପୂଜାର୍ଚ୍ଚନା, ହୋମଯଜ୍ଞ, ଚଣ୍ଡିପାଠ ସହିତ ମନ୍ଦିର ପ୍ରତିଷ୍ଠା ପରେ ମା’ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇ ବିଗ୍ରହ ସ୍ଥାପନ କରାଯାଇଥିଲା। ହୋମ କାର୍ଯ୍ୟରେ ଉମାଶଙ୍କର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ପବନୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବିଭିନ୍ନ ସଂର୍କିତନ୍ୟ ଦଳ ସାମିଲ ହୋଇ ସଂର୍କିତନ ପରିବେଷଣ କରିଥିଲେ। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ପରିଚାଳନାରେ ମା’ଙ୍କ ପୂଜା କରୁଥିବା ଦେହୁରାଣୀ ମିନା ସାହୁ, ପ୍ରସନ୍ନ ବେହେରା, କୁମାରୀ ବେହେରା, ହୃଷିକେଶ ଦେହୁରୀ, ସନାତନ ସ୍ୱାଇଁ, ଝସକେତନ ନାଥ ଓ ଶିବ ଶଙ୍କର ଭୁକ୍ତାଙ୍କ ସମେତ ଅନେକ ସଦସ୍ୟାସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ସଞ୍ଚାର କଳା ମାଧ୍ୟମରେ ଲୋକମାନଙ୍କୁ ସଚେତନ

**ନିଆଁ ନିବାରଣ ସମ୍ପର୍କିତ କାର୍ଯ୍ୟକ୍ରମ**

ଲଖନପୁର,୨୨।୨(ଗୌତମ ସାହୁ)




ବିଜୟୀ ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଭୁକ୍ତ ବେଲପାହାଡ଼ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ନିଆଁ ନିବାରଣ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ କଦମଡିହି ଓ ଭିକମପାଲି ସେକ୍ସନଠାରେ ସଞ୍ଚାର କଳା ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଶନିବାର ମହା ସିଂଠାରେ ଅନୁଷ୍ଠିତ ସାଂସ୍କୃତିକ ମଞ୍ଚ କାର୍ଯ୍ୟକ୍ରମ ଜଳନ୍ଧର ମହାରାଜଙ୍କ ଦରବାରରେ ମଧ୍ୟ ଏହି ସଚେତନତା ବାର୍ତ୍ତା ଦିଆଯାଇଥିଲା। ରବିବାର ବନାଞ୍ଚଳ ଦ୍ୱାରା ଗ୍ରୀଣ୍ଡୋଲା ଖେଳ ପଡ଼ିଆଠାରେ ଏକ ସଚେତନତା ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବଂଜାରୀ ସରପଞ୍ଚ ସୀମା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ସମିତି ସଭ୍ୟ ପ୍ରତିମା ବଢ଼େଇ ଓ ଗ୍ରିଣ୍ଡୋଲା ବନ ସୁରକ୍ଷା ସମିତିର ସଭାପତି ଧନେଶର ବଢେଇ ଉପସ୍ଥିତ ଥିଲେ। ଏହି ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ମୋଟ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲରେ କାଉଧର ଓ ବରତାବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କାଉଧର ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ଜାହାଜ ପଡ଼ା ଓ ସୁଲଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାହାଜ ପଡ଼ା ଦଳ ଟାଇ ବ୍ରେକର ଦ୍ୱାରା ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲ ମ୍ୟାଚରେ ଜାହାଜ ପଡ଼ା ଦଳ ୧-୦ ଗୋଲରେ କାଉଧର ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ। ଉପ ବିଜେତା ଦଳ କାଉଧର ଦଳକୁ ଟ୍ରଫି ସହିତ ୩ ହଜାର ଟଙ୍କା ଓ ବିଜୟୀ ଦଳ ଜାହାଜ ପଡ଼ା ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଜିଲା ପରିବେଶ ସମିତିର ସଭାପତି ପ୍ରହ୍ଲାଦ ନାୟକ ମୁଖ ଅତିଥି ଭାବରେ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ତଥା ଜିଲା ପରିବେଶ ସମିତିର ଆଜିବନ ସଦସ୍ୟ ବିଜୟ ବେହେରା, ବେଲପାହାଡ଼ ଜୁନିଅର କଲେଜର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ ଉପସ୍ଥିତ ଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫେସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

# ଆଖିରେ ଲୁହ, ମନରେ କୋହ

ଝାରସୁଗୁଡ଼ା ଜିଲା ସଦର ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥରେ ରବିବାର ଏକ ଦ୍ରୁତଗାମୀ ଟ୍ରେଲର ଏବଂ ପୋଲିସ ଗାଡ଼ି ମୁହାଁମୁହିଁ ଧକ୍କା ହେବାରୁ ୫ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କେଉଁ ପୋଲିସ କର୍ମଚାରୀ ଦିନକ ପରେ ବିବାହ ବାର୍ଷିକୀ ପାଳନ କରିଥାନ୍ତେ ତ କିଏ ୨ବର୍ଷ ପରେ ଅବସର ନେଇଥାନ୍ତେ। କିନ୍ତୁ ଏହି ଦୁର୍ଘଟଣାରେ ସବୁ କିଛି ଚୂରମାର ହୋଇଗଲା। ମୃତକମାନଙ୍କ ସମ୍ପର୍କୀୟ, ଆତ୍ମୀୟସ୍ୱଜନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସମସ୍ତଙ୍କ ଆଖିରେ ଭରିଯାଇଛି ଲୁହ ଓ ମନରେ କୋହ। ଏଭଳି ମର୍ମନ୍ତୁଦ ଦୁର୍ଘଟଣା ପରେ ଅଞ୍ଚଳ ସ୍ତବ୍ଧ ହୋଇଯାଇଛି।

– ରିପୋର୍ଟ: ଆଶିଷ ରଞ୍ଜନ ଦାଶ, ଝାରସୁଗୁଡ଼ା

## ଦୁଇ ବର୍ଷ ପରେ ଅବସର ନେଇଥାନ୍ତେ ନିରଞ୍ଜନ


ନିରଞ୍ଜନଙ୍କ ଫାଇଲ ଫଟୋ।

ସୁନ୍ଦରଗଡ଼ ଟିଙ୍ଗେରକେଲା ଗ୍ରାମର ନିରଞ୍ଜନ କୁଜୁର ଝାରସୁଗୁଡ଼ା ରିଜର୍ଭ ପୋଲିସରେ ଏସ୍ଆଇ ଭାବେ କାର୍ଯ୍ୟ କରୁଥିଲେ। ରବିବାର ଭୋରରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ନିରଞ୍ଜନ। ବ୍ୟବଚ୍ଛେଦ ପରେ ନିରଞ୍ଜନଙ୍କ ମୃତଦେହକୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ରିଜର୍ଭ ପଡିଆକୁ ଯେତେବେଳେ ଅଣାଯାଇଥିଲା, ସେତେବେଳେ ସମସ୍ତ ପୋଲିସ ଅଧିକାରୀ, ରିଜର୍ଭ ଇନ୍ସପେକ୍ଟର, ରିଜର୍ଭ କନଷ୍ଟେବଲ ସମସ୍ତେ ନିରଞ୍ଜନଙ୍କୁ ବହୁତ ମନେ ପକାଇ କାନ୍ଦୁଥିଲେ। କାରଣ ସେ ସବୁବେଳେ ଡିଉଟି କରିବା ପାଇଁ ତତ୍ପର ଥିଲେ। କାହାକୁ ଜ୍ୱର, ଥଣ୍ଡା ହେଉଥିଲେ ତାଙ୍କ କାମରେ ସହାୟତା କରୁଥିଲେ, ତେଣୁ ରିଜର୍ଭ ପୋଲିସ ଟିମ ଆଜି ନିରଞ୍ଜନଙ୍କୁ ଝୁରୁଛନ୍ତି ହେଲେ ନିରଞ୍ଜନ ଚାଲି ଯାଇଛନ୍ତି ଅଫେରା ରାଇଜକୁ ।

## ଶୋକାକୁଳ ହେଲା ଡିଏଚ୍ଏଚ୍, ରିଜର୍ଭ ପୋଲିସ ପଡ଼ିଆ


ପୋଲିସ ପକ୍ଷରୁ ଦିଆଯାଇଥିବା ଶ୍ରଦ୍ଧାଞ୍ଜଳି ।

ଝାରସୁଗୁଡ଼ାରେ ହୋଇଥିବା ମର୍ମନ୍ତୁଦ ଦୁର୍ଘଟଣା ପରେ ଜିଲାର ରାଜନେତା, ଓକିଲ, ସରକାରୀ ଅଧିକାରୀ, ଜନସାଧାରଣ, ମୃତକ ଏବଂ ଦୁର୍ଘଟଣାରେ ଶିକାର ହୋଇଥିବା ପରିବାରଙ୍କ ଗହଳିରେ ଜିଲା ମୁଖ୍ୟ ଡାକ୍ତରଖାନା ପରିସର ଭର୍ତ୍ତି ହୋଇଯାଇଥିଲା। ଏହା ପରେ ମୃତକ ପୋଲିସ କର୍ମଚାରୀଙ୍କୁ ରିଜର୍ଭ ପଡ଼ିଆକୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଦେବା ସମୟରେ ଝାରସୁଗୁଡ଼ା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସହିତ ସମସ୍ତ ଏସ୍‌ଡିପିଓ, ଆଇଆଇସି ତଥା ଜିଲାର ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଦୁର୍ଘଟଣାରେ ପୁଅ ଦେବଦତ୍ତଙ୍କୁ ହରାଇବା ପରେ ମାଁ ଆଖିରୁ ଲୁହ ଥମୁ ନ ଥିବା ବେଳେ ତାଙ୍କୁ ଦେଖି ସମସ୍ତେ କାନ୍ଦି ପକାଇଥିଲେ।

## ଦିନକ ପରେ ଥିଲା କାଶୀରାମଙ୍କ ତୃତୀୟ ବିବାହ ବାର୍ଷିକୀ


କାଶୀରାମ ଏବଂ ସ୍ତ୍ରୀ ଯମୁନା।

ଝାରସୁଗୁଡା/ ଲଖନପୁର,
(ଆଶିଷ ରଞ୍ଜନ ଦାଶ /ଗୌତମ ସାହୁ/)

ଜାତୀୟ ରାଜପଥ ୪୯ରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଞ୍ଚ ଜଣ ପୋଲିସ କର୍ମଚାରୀଙ୍କ ମଧ୍ୟରେ ରହିଛନ୍ତି ଲଖନପୁର ବ୍ଲକ ସରେଇପାଲି ଗ୍ରାମର କାଶୀରାମ ଭୋଇ। ବାପା ଟିକେଶ୍ୱର ଏବଂ ମାଁ ନିରାସୀ ଭୋଇଙ୍କ ଏକ ମାତ୍ର ପୁଅ କାଶୀରାମ ଥିବାବେଳେ ଦୁଇ ଝିଅ ଅଛନ୍ତି। ଗତ ୨୦୨୩ ଫେବୃଆରୀ ୨୩ ତାରିଖ ଦିନ କାଶୀରାମଙ୍କ ବାହାଘର ବରଗଡ଼ ଜିଲା ସୋହେଲା ଚିଚିଣ୍ଡା ଗାଁରେ ହୋଇଥିଲା। ବିବାହ ତୃତୀୟ ବାର୍ଷିକୀ ଗୋଟିଏ ଦିନ ପୂର୍ବରୁ ସ୍ତ୍ରୀ ଯମୁନାକୁ ଛାଡି ଚାଲିଗଲେ କାଶୀରାମ। ପୁଅ ଭରସାରେ ଥିବା ପରିବାର ବର୍ତ୍ତମାନ ବେସାହାରା ହୋଇଥିବା ବେଳେ ଜନ୍ମମାଟି ସରେଇପାଲି ସହିତ ସହପାଠୀ, ବନ୍ଧୁ, ଗ୍ରାମବାସୀ ଝୁରୁଛନ୍ତି କାଶୀରାମଙ୍କୁ। ନିଜ ଗାଁକୁ ମର ଶରୀର ପହଞ୍ଚିବା କ୍ଷଣି କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ସମ୍ପୂର୍ଣ୍ଣ ପରିବେଶ। ଅଶ୍ରୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ମୃତକଙ୍କ ପରିବାରକୁ ପୂର୍ବତନ ବିଧାୟିକାଙ୍କ ସମବେଦନା


ଦୀପାଳି ଦାସ ସମବେଦନା ଦେଉଛନ୍ତି।

ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଜଣ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ରିଜର୍ଭ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ମୃତ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସମୟରେ ଦୀପାଳି ପହଞ୍ଚି ମୃତ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି ।

## ଚିକିତ୍ସାଳୟରେ ଜଗିଲେ ବିଧାୟକ, ଜିଲାପାଳ ଓ ଏସ୍‌ପି



ବିଧାୟକ, ଜିଲାପାଳ ଓ ଏସ୍‌ପି ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଗି ରହିଛନ୍ତି।

ଏହି ହୃଦୟ ବିଦାରକ ଦୁର୍ଘଟଣାର ଖବର ପାଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୪ଘଣ୍ଟା କାଳ ଉପସ୍ଥିତ ରହିଥିଲେ। ବିଧାୟକ, ଜିଲାପାଳ, ଏସ୍‌ପି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସଙ୍କଟାପନ୍ନ ଥିବା ଦୁଇ କର୍ମଚାରୀଙ୍କୁ ବରଗଡ଼ ବିକାଶ ହସ୍ପିଟାଲକୁ ପଠାଇଥିବା ବେଳେ ହସ୍ପିଟାଲରେ ରହିଥିବା ଆକାଶ ନାଇକ ଉତ୍ତମ ଚିକିତ୍ସା ପାଇଁ ସିଡିଏମ୍‌ଙ୍କୁ କହିଥିଲେ। ଏହା ସହିତ ମୃତକ ପୋଲିସ କର୍ମଚାରୀଙ୍କ ଅନ୍ତିମ ସଂସ୍କାରର ବ୍ୟବସ୍ଥା କରାଇଥିଲେ। ଏହା ସହିତ ଝାରସୁଗୁଡା ବିଧାୟକ ତ୍ରିପାଠୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏହି ଦୁର୍ଘଟଣା ବିଷୟରେ ଅବଗତ କରାଇ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ।

## ଶୋକାକୁଳ ପରିବେଶରେ ଦେବଦତ୍ତଙ୍କ ଅନ୍ତିମ ସଂସ୍କାର

ଝାରସୁଗୁଡ଼ା/ ଲଖନପୁର,
(ଆଶିଷ ରଞ୍ଜନ ଦାଶ /ଗୌତମ ସାହୁ)


ଦେବଦତ୍ତଙ୍କ ଫାଇଲ ଫଟୋ

ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ଝାରସୁଗୁଡ଼ା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଲଖନପୁର ଥାନା ଅନ୍ତର୍ଗତ ସୁନାରୀ ପଞ୍ଚାୟତ ଟାଙ୍ଗରପାଲି ଗାଁର ଦେବଦତ୍ତ ସା(୪୨)ଙ୍କ ମୃତ୍ୟୁ ନେଇ ଗାଁ ସହିତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦେବଦତ୍ତଙ୍କ ସ୍ତ୍ରୀ ଓ ଦୁଇ ପୁଅ ଥିବା ବେଳେ ପ୍ରଥମ ପୁଅ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଛୋଟ ପୁଅର ବୟସ ପ୍ରାୟ ପାଞ୍ଚ ବର୍ଷ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ। ଅନ୍ତିମ ଯାତ୍ରାରେ ଶତାଧିକ ଗ୍ରାମବାସୀ, ବାଲ୍ୟବନ୍ଧୁ, ଅଞ୍ଚଳବାସୀ ସାମିଲ ଥିଲେ।

# ୬୦ ଘର ଡୁମାଲ ସମାଜ ସାଙ୍ଗଠନିକ ବୈଠକ

ବଲାଙ୍ଗୀର,୨୨।୨
(ବୀରେନ୍ଦ୍ର କୁମାର ଝାଙ୍କର)


ବୈଠକରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ।

ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ରାଣୀପାଲି ଆମ୍ବ ବଗିଚାରେ ରବିବାର ୬୦ଘର ଡୁମାଲ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ଜାତି ସ୍ତରରେ ସଙ୍ଗଠିତ ହୋଇ ନିଜ ସମ୍ପ୍ରଦାୟର ବିକାଶ ସହ ଜାତି ଭିତରେ ଥିବା କୁସଂସ୍କାରକୁ ଦୂର କରିବାକୁ ମିଶ୍ର କହିଥିଲେ। ବିଶେଷକରି ଶିକ୍ଷା କ୍ଷେତ୍ରରେ ସଚେତନତା ଆଣି ନିଜର ଜାତି ସମାଜର ଝିଅପୁଅମାନଙ୍କୁ ଉଚ୍ଚ ଶିକ୍ଷିତ କରାଇବା କ୍ଷେତ୍ରରେ ଡୁମାଲ ସମାଜ ଯେଉଁ ଆଖିଦୃଶିଆ କାମ କରୁଛି ତାକୁ ପ୍ରଶଂସା କରିଥିଲେ। ଏହାସହିତ ସାମାଜିକ ଏକତା ସହ ଉତ୍ତର ଦାୟିତ୍ୱ ବିଶେଷ କରି ରାଜନୈତିକ ସ୍ତରରେ ଏକତାବଦ୍ଧ ହୋଇ ଅଞ୍ଚଳର ସାମଗ୍ରିକ ବିକାଶରେ ଯୋଗଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ୬୦ଘର ଡୁମାଲ ସମାଜ ସଭାପତି ଶରତ ମହାକୁରଙ୍କୁ ମୁଖ୍ୟଅତିଥି ମିଶ୍ର ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତନ ସଭାପତି ଲମ୍ବୋଦର ମହାକୁର ନିଜ ବିଦାୟୀ ଭାଷଣରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବୈଠକରେ ବଲାଙ୍ଗୀର ଜିଲାର ବିଭିନ୍ନ କେନ୍ଦ୍ରରୁ ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷମାନେ ଉପସ୍ଥିତ ଥିଲେ । ସୁବଳ ଖମାରୀ, ନାରାୟଣ କମ୍ପ, ପିଙ୍କୁ ମହାକୁର, ବୁଡୁ କରନ, ମଧୁସୂଦନ କ୍ଷେତୀ, ଜନାର୍ଦ୍ଦନ ମେର୍ଲି, ବୁଦ୍ଧଦେବ ମହାକୁର, ଯୋଗ ଦେଇଥିଲେ। ସଞ୍ଜୟ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶଙ୍କର୍ଷଣ ଭୋଇ ଧନ୍ୟବାଦ ଦେଇଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଟିଟିଲାଗଡ,୨୨।୨(ଶରତ ମିଶ୍ର)

ସ୍ଥାନୀୟ ଡିଏଭି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପ୍ରଧାନ ଯୋଗ ଦେଇଥିଲେ । ଅଧ୍ୟକ୍ଷ ପ୍ରଧାନ ମାତୃଭାଷାର ସୁରକ୍ଷା ଓ ସମ୍ମାନ ଉପରେ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ । ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ଡୋଳାମଣି କୁମ୍ଭାର ଯୋଗଦେଇ ମା', ମାତୃଭାଷା ଓ ମାତୃଭୂମିର ସୁରକ୍ଷା ଉପରେ କହିଥିଲେ । ଇଂରାଜୀ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ଶତପଥୀ, ହିନ୍ଦୀ ବିଭାଗର ଦିଲୀପ କୁମାର, ଶିକ୍ଷା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିପିନ ରାଉତ ଓ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଦିଲେଶ୍ୱରି ମେହେର ଯୋଗଦେଇ ମାତୃଭାଷା ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ ।

# ଉପଯୋଗ ହେଉନି ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା

ସମ୍ବଲପୁର,୨୨।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ବିକାଶର ନୂତନ ସୋପାନକୁ ନେବାକୁ ଉଦ୍ୟମ ହେଉଛି। ହେଲେ ଯୋଜନାଗୁଡିକ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାର ନ ଥିବାରୁ ତାହା ଲୋକଙ୍କ କାମରେ ଲାଗି ପାରୁନାହିଁ। ସମ୍ବଲପୁରରେ ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ସହରରେ ବୁଦ୍ଧିଜୀବୀ ମହଲରେ ଦାବି ହୋଇ ଆସୁଥିଲା। ସମ୍ବଲପୁର ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲା। ମହାନଗର ନିଗମ ଅଞ୍ଚଳରେ ୬ଟି ଛକରେ ଏହି ଅତ୍ୟାଧୁନିକ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ଲଗାଯାଇଛି। ସମ୍ବଲପୁରର ଲକ୍ଷ୍ମୀ ଟକିଜ ଛକ, ଜିଲା ସ୍କୁଲ ଛକ, ଜେଲ ଛକ, ଧନୁପାଲି ଛକ, ଗଙ୍ଗାଧର ମେହେର ଛକ, ମୁଦିପଡା ଛକ ଭଳି ବ୍ୟବସ୍ଥବହୁଳ ଛକଗୁଡିକରେ ଟ୍ରାଫିକ ସିଗନାଲ ବ୍ୟବସ୍ଥା ଲଗାଯାଇଛି। ମହାନଗର ନିଗମ ପକ୍ଷରୁ ଛକ ଗୁଡିକରେ ଟ୍ରାଫିକ ସିଗନାଲ କାର୍ଯ୍ୟ କରାଯାଇଛି। ଟ୍ରାଫିକ ସିଗ୍ନାଲ ଲାଗିବା ଦ୍ୱାରା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହ ଯାତାୟତ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରାଯାଇ ପାରିବ ବୋଲି ଆଶା କରାଯାଉଥିଲା । ତେବେ ସହରରେ ଅଇଁଠାପାଲି ଛକରେ ଟ୍ରାଫିକ ସମସ୍ୟା ସବୁଠାରୁ ଗୁରୁତର ରହିଥିବା ବେଳେ ସେଠାରେ କିନ୍ତୁ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ପାରିନାହିଁ । ଅଇଁଠାପାଲିର ଉଭୟ ତଳଛକ ଏବଂ ଉପର ଛକରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ଚାଲିଥିବା କୁହାଯାଉଛି। ଅନ୍ୟପକ୍ଷରେ ଜେଲ ଛକର ଟ୍ରାଫିକ ସିଗନାଲ ବ୍ୟବସ୍ଥା ଲଗାଯାଇଛି। କିନ୍ତୁ ସେଠାରେ ବର୍ତ୍ତମାନ ମଧ୍ୟ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ବ୍ୟବହାର ହେଉନାହିଁ। ସେହିପରି ଜିଲାସ୍କୁଲ ଛକରେ ମଧ୍ୟ ଲାଗିଥିବା ଟ୍ରାଫିକ ସିଗନାଲ ବ୍ୟବସ୍ଥା ମଧ୍ୟ କାମରେ ଲାଗୁନାହିଁ । ଏହାକୁ ନେଇ ସାମାଜିକ ଗଣମାଧ୍ୟରେ ଜୋର ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଅଇଁଠାପାଲିରେ ଫ୍ଲାଏଓଭର ନିର୍ମାଣ କାମ ଯୋଗୁ ଟ୍ରାଫିକ ସିଗନାଲ ଲଗାଯାଇ ନ ଥିବା ବେଳେ ଜେଲଛକ ଏବଂ ଜିଲାସ୍କୁଲ ଛକରେ ଅଧିକ ଟ୍ରାଫିକ ସମସ୍ୟା ନଥିବାରୁ ସେଠାରେ ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ମହାନଗର ନିଗମ ପକ୍ଷରୁ କୁହାଯାଇଛି ।

# ରାଞ୍ଚି ଚାମ୍ପିୟନ, ଟାଟା ଦଳ ରନର ଅପ୍

### ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ

ସମ୍ବଲପୁର,୨୨।୨(ବି.ଶଙ୍କର)



ଅତିଥିଙ୍କ ସହ ଚାମ୍ପିୟନ ରାଞ୍ଚି ଦଳର ଖେଳାଳିମାନେ।

ସର୍ବଭାରତୀୟ ୧୪ତମ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ହାୱା ମଇଦାନରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଏସ୍‌ଓସି ଜାମସେଦପୁର ଟାଟା ଏବଂ ରାଞ୍ଚି ସୋନେଟ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ରାଞ୍ଚି ଦଳ ଟସ୍ ଜିଣି ଏସଓସି ଜାମସେଦପୁର ଟାଟା ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଦଳ ୧୯.୫ ଓଭରରେ ୧୦ ଉଇକେଟ ହରାଇ ୧୫୬ ରନ କରିଥିଲା। ଦଳର ସ୍ମୃତି ଆର ବେହେରା ୧୮ ବଲରେ ୩୧ ରନ ଓ ମିମାଂଶ ସାହୁ ୩୦ ବଲରେ ୩୧ ରନ କରିଥିଲେ। ରାଞ୍ଚି ବୋଲର ଟି.କୁମାର ୩ଟି ଏବଂ ରଞ୍ଜନ ସବକୋଟା ଓ ଅଭିନାଶ ସିଂ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୫୭ ରନର ବିଜୟ ଲକ୍ଷ୍ୟ ନେଇ ରାଞ୍ଚି ଦଳର ଖେଳାଳିମାନେ କ୍ରିଜକୁ ଓହ୍ଲାଇଥିଲେ। ଦଳର ଖେଳାଳିମାନେ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଦଳ ୧୫.୫ ଓଭରରେ ୪ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ୬ ଉଇକେଟରେ ବିଜୟୀ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସ୍ପୋର୍ଟିଂ ୟୁନିଅନ୍ କ୍ରିକେଟ୍ କ୍ଲବ ବରିଷ୍ଠ ସଦସ୍ୟ ସଞ୍ଜୟ ମିଶ୍ର, ପ୍ରଣବ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ରାଞ୍ଚି ସାନେଟ୍ କ୍ରିକେଟ୍ କ୍ଲବ୍ ଖେଳାଳି ଶ୍ରେୟଶ ରାଜ ଶ୍ରେଷ୍ଠ ଖେଳାଳି, ସମ୍ବଲପୁର ରେଲୱେ କ୍ରିକେଟ୍ କ୍ଲବର ପ୍ରତୀକ ପାଣ୍ଡେ ସିରିଜର ଶ୍ରେଷ୍ଠ ଖେଳାଳି, ରାଞ୍ଚି ଖେଳାଳି ଶ୍ରୀଶ ରାଜ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଏବଂ ରେଲୱେ କ୍ରିକେଟ୍ କ୍ଲବର ପ୍ରତୀକ ପାଣ୍ଡେଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ସଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ଜଗଦୀଶ ବେହେରାଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଟୁର୍ନାମେଣ୍ଟ ଚେୟାରମ୍ୟାନ ସଞ୍ଜିବ ପ୍ରସାଦ ଅତିଥି ସ୍ୱାଗତ ଓ ସାଧାରଣ ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଗଣନାଥ ଆଚାର୍ଯ୍ୟ ଓ ପ୍ରଭାତ ପତି, କୋଷାଧ୍ୟକ୍ଷ ସଂଜୟ ମେହେର, ଉପଦେଷ୍ଟା ପ୍ରଭାତ ପଣ୍ଡା, ଅନିଲ ମିଶ୍ର ଓ ଲକ୍ଷ୍ମଣ ପାଣିଗ୍ରାହୀ ପ୍ରମୁଖ ୫ଦିନ ବ୍ୟାପି ଚାଲିଥିବା ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ ।

# ପାରାଦୀପ ପରିବା ମାର୍କେଟରେ ବଡ଼ ଅଗ୍ନିକାଣ୍ଡ

## ୯୧ ଦୋକାନ ଜଳଗିଲା

ପାରାଦୀପ,୨୨।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପରେ ବଡ଼ପଡ଼ିଆ ମୁଖ୍ୟ ପରିବା ମାର୍କେଟରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯୧ଟି ପରିବା ଦୋକାନ ପୋଡି ଯାଇଥିବା ଜଣାପଡ଼ିଥିବା ବଣିକ ସଂଘ ସଭାପତି ଅମିୟ ପାଣି କହିଛନ୍ତି। ବିଭିନ୍ନ ଆସବାବପତ୍ର ସମେତ ବହୁ ପରିବା ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଅଗ୍ନିଶମ ବିଭାଗ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ୮ଟି ନିଆଁଲିଭା ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବାକୁ ରବିବାର ଭୋର ପର୍ଯ୍ୟନ୍ତ ସମୟ ଲାଗିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ମଶା ଧୂପ କିମ୍ବା ବିଦ୍ୟୁତ୍ ଶର୍ଟସର୍କିଟରୁ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ଅଗ୍ନିକାଣ୍ଡରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଥିବା ପୌର ପରିଷଦ ପକ୍ଷରୁ ଆକଳନ କରାଯାଇଛି।

ପାରାଦୀପର ସବୁଠାରୁ ବଡ଼ ଓ ମୁଖ୍ୟ ପରିବା ବଜାର ମଧ୍ୟରେ ପ୍ରାୟ ୨୦୦ରୁ ଅଧିକ ବ୍ୟବସାୟୀ ଅସ୍ଥାୟୀ ପିଣ୍ଡିରେ ପରିବା ବ୍ୟବସାୟ କରନ୍ତି। ସେମାନଙ୍କ ପାଇଁ ସ୍ଥାୟୀ ଶେଡ୍ ଏପର୍ଯ୍ୟନ୍ତ ହୋଇନାହିଁ। କାରଣ ବନ୍ଦର ଜାଗାରେ ଏପରି ସ୍ଥାୟୀ ଶେଡ୍ କରିବା ପାଇଁ କେତେକ ପ୍ରତିବନ୍ଧକ ରହିଛି। ପୌରପରିଷଦ ମଧ୍ୟ ଏପର୍ଯ୍ୟନ୍ତ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ କରିନାହାଁନ୍ତି। ଫଳରେ ସବୁ ବ୍ୟବସାୟୀ ବାଉଁଶଭାରା ଉପରେ ପଲିଥିନ ଶେଡ୍ କରି ବ୍ୟବସାୟ କରୁଥିଲେ। ନିଆଁ ଲାଗିଲା ପରେ ତାହା ପଲିଥିନ ଯୋଗୁ ବ୍ୟାପୀ ଯାଇଥିଲା।

ଘଟଣା ପରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ବ୍ୟବସାୟୀଙ୍କୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି। ମଧ୍ୟାହ୍ନ ସମୟରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ବିପନ୍ନ ବ୍ୟବସାୟୀଙ୍କ ପ୍ରତି କିଛି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ମନ୍ତ୍ରୀ ଯିବାର ୧୦ ମିନିଟ ପରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ପ୍ରଥମେ ପ୍ରଭାବିତ ବ୍ୟବସାୟୀଙ୍କୁ ପୌରପରିଷଦ ପକ୍ଷରୁ ଯଥା ସମ୍ଭବ ସହାୟତା ପାଇଁ ଆଲୋଚନା କରାଯାଇଛି। ଯେହେତୁ ବନ୍ଦର ଜାଗାରେ ଉକ୍ତ ମାର୍କେଟ ଚାଲିଛି ସେଥିପାଇଁ ସେମାନଙ୍କୁ ସ୍ଥାୟୀ ଶେଡ ମିଳିବାରେ ଅସୁବିଧା ହେଉଛି। ଏନେଇ ସେ ନିଜେ ବନ୍ଦର ପ୍ରଶାସନ ସହ ଆଲୋଚନା କରି ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚେଷ୍ଟା କରିବେ ବୋଲି ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ୧୪ରେ ସମାନ ଜାଗାରେ ଅଗ୍ନିକାଣ୍ଡ ଘଟି ୪ ଦୋକାନ ପୋଡ଼ି ଯାଇଥିଲା।



ଅଗ୍ନିକାଣ୍ଡରେ ମାର୍କେଟରେ ଦୋକାନ, ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି।

### ଜୀବନ ବଞ୍ଚାଇ ନିଜେ ଜଳିଗଲା କୁକୁର

ଉକ୍ତ ପରିବା ମାର୍କେଟରେ ସନ୍ତୋଷ ସାହୁଙ୍କ ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ସନ୍ତୋଷ ତାଙ୍କର ଏକ ପୋଷା କୁକୁର ସହ ରାତିରେ ଶୋଇଥିଲେ। ନିଆଁ ଲାଗିବା ପରେ କୁକୁର ବିକଟାଳ ଭାବେ ଭୁକିଥିଲା। ଏହି ଶବ୍ଦରେ ସନ୍ତୋଷଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠିବା ବେଳକୁ ଚାରିଆଡ଼େ ନିଆଁ ଜଳୁଥିବା ଦେଖିଥିଲେ। ଏନେଇ ସନ୍ତୋଷ ତୁରନ୍ତ ଦୋକାନରୁ ବାହାରକୁ ଚାଲି ଆସିବା ସହ ଅନ୍ୟମାନଙ୍କୁ ଡାକି ବାହାରକୁ ବାହାର କରିଥିଲେ। ଫଳରେ ସମସ୍ତେ ରକ୍ଷା ପାଇଯାଇଥିବାବେଳେ ଉକ୍ତ କୁକୁରଟି ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଛି।

# ରାଜ୍ୟ ସଭା ପ୍ରାର୍ଥୀ ଚୂଡ଼ାନ୍ତ, କେନ୍ଦ୍ରୀୟ ମୋହର ଅପେକ୍ଷାରେ

## ଭାଜପା କୋର୍ କମିଟି ବୈଠକ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ପାଖେଇ ଆସୁଛି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଚଳିତମାସ ୨୬ରେ ବିଜ୍ଞପ୍ତି, ମାର୍ଚ୍ଚ ୫ରେ ନାମାଙ୍କନପତ୍ର ଦାଖଲ କରିବାକୁ ରହିଥିବାବେଳେ ୧୬ରେ ନିର୍ବାଚନ ହେବ। ଏହି ଦୃଷ୍ଟିରୁ ପ୍ରାର୍ଥୀ ଘୋଷଣା ନେଇ ହାତରେ ଆଉ ମାତ୍ର ୧୧ଦିନ ରହିଛି। ଏଥର ରାଜ୍ୟରେ ଭାଜପା ସରକାର ଥିବାରୁ ରାଜ୍ୟ ସଭା ନିର୍ବାଚନକୁ ନେଇ ଭାଜପାରେ ଅଧିକ ଉତ୍ସୁକତା ଦେଖିବାକୁ ମିଳିଛି। ତେବେ ରାଜନୈତିକ ଗଣିତ ଟିକେ ଜଟିଳ ଥିବାରୁ ରବିବାର ରାଜ୍ୟ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ତଥା କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶାରେ ଭାଜପା ସଙ୍ଗଠନକୁ କିଭଳି ମଜଭୁତ କରାଯାଇପାରିବ ଏବଂ ଦଳ ଭିତରେ ଥିବା ରାଜ୍ୟ ସଭା ଆଶାୟୀଙ୍କ ଭିତରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ଲାଗି ଥିବା ଗଣିତ ସଂଖ୍ୟାରେ ୪ଟି ଆସନରୁ ଭାଜପାକୁ ଦୁଇଟି ଆସନ ସହଜରେ ମିଳୁଥିବାବେଳେ ତୃତୀୟ ଆସନ କିଭଳି ଅକ୍ତିଆର କରାଯିବ, ଏଥିପାଇଁ କେତେ ସଦସ୍ୟଙ୍କ ଭୋଟ ଆବଶ୍ୟକ ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହିତ ଚୂଡ଼ାନ୍ତ କରାଯାଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସଭା ପଦବୀ ଦୌଡ଼ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି ଓ ଉପସଭାପତି ଗୋଲଖ ମହାପାତ୍ରଙ୍କ ନାମ ରହିଥିବାବେଳେ ରାଜ୍ୟ ଭାଜପା ମହିଳା ସଭାନେତ୍ରୀ ମୌସୁମୀ ବିଶ୍ୱାଳଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହାବ୍ୟତୀତ ଦଳ ପକ୍ଷରୁ ତୃତୀୟ ଆସନରେ ମଧ୍ୟ ବୁଝାମଣା ହୋଇପାରେ ବୋଲି ଜଣେ ବରିଷ୍ଠ ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି। ତେବେ ନାମ ସ୍ପଷ୍ଟ କରାଯାଉ ନ ଥିବାବେଳେ ଆନୁମାନିକ ଭାବେ କୁହାଯାଉଛି ଯେ, ବିଜେଡି ସହ ଭିତିରି ବୁଝାମଣା ହେବାର ସବୁ ସମ୍ଭାବନା ରହିଛି।

କୋର୍ କମିଟି ବୈଠକ ପୂର୍ବରୁ ମନମୋହନଙ୍କ ସୂଚନା ଅନୁଯାୟୀ, ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହାପରେ ଦଳର ନିୟମ ଅନୁଯାୟୀ, ସଂସଦୀୟ ବୋର୍ଡକୁ ପ୍ରାର୍ଥୀମାନଙ୍କ ନାମ ଯିବ। ବୋର୍ଡ ନିଗମ ନେଇ କୋର୍ କମିଟିରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ମନମୋହନ ଇଙ୍ଗିତ ଦେଇଥିଲେ।

ଅନ୍ୟପକ୍ଷରେ ରାଜ୍ୟ ସରକାରକୁ ୨୦ମାସ ବିତିଥିବାବେଳେ ଏପର୍ଯ୍ୟନ୍ତ ଖାଲି ପଡ଼ିଥିବା ବିଭିନ୍ନ ନିଗମ ପଦ ଏବଂ ଅନ୍ୟାନ୍ୟ ଉପଦେଷ୍ଟା ପଦ ପୂରଣ ହୋଇନାହିଁ। ଏହି ବୈଠକ ପରେ ଉକ୍ତ ଖାଲି ପଦ ପୂରଣ ହେଉଛି କି ନାହିଁ ତାହା ଦେଖିବାର ରହିଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଦୁଇ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର,ସହ ପ୍ରଭାରୀ ଲତା ଉସେଣ୍ଡି ଓ ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶୈଳବାଳାକୁ ନେଇ ଉଚିତ୍ ପଦକ୍ଷେପ ନେବୁ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

କଟକସ୍ଥିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସରକାର ଠିକ୍ ସମୟରେ ଉଚିତ ପଦକ୍ଷେପ ନେବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ରବିବାର ମନ୍ତ୍ରୀ କହିଛନ୍ତି, ଏନେଇ ଶନିବାର ମହାବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ଯେଉଁ ଉଦ୍‌ବେଗ ପ୍ରକାଶ ପାଇଥିଲା ତାକୁ ନେଇ ବିଭାଗୀୟ ଅଧିକାରୀସ୍ତରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସୋମବାର ମଧ୍ୟ ବୈଠକ ଅନୁଷ୍ଠିତ ହେବାର ରହିଛି। ତେବେ ଶୈଳବାଳାର ଉନ୍ନତୀକରଣ ପାଇଁ ଯେଉଁ ଭିତ୍ତିଭୂମି ଓ ଆନୁଷଙ୍ଗିକ ଆବଶ୍ୟକ ରହିଛି ତାହାକୁ ଗୁରୁତ୍ୱ ଦେଇ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରାଯିବାର ରହିଛି। ତେବେ ମହାବିଦ୍ୟାଳୟକୁ ଉନ୍ନତୀକରଣ କରିବା ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ମଧ୍ୟରେ ବହୁ ଫରକ ରହିଛି। ଉନ୍ନତୀକରଣ ଲାଗି ୫୦ରୁ ୬୦କୋଟି ଆବଶ୍ୟକ, ମାତ୍ର ବିଶ୍ୱବିଦ୍ୟାଳୟ ପାଇଁ ୩୫୦କୋଟି ଟଙ୍କାର ଆବଶ୍ୟକତା ସହିତ ରିକରିଂ ଖର୍ଚ୍ଚ ମଧ୍ୟ ରହିଛି। ସେହି ଦୃଷ୍ଟିରୁ ସରକାର ବିଚାର କରୁଛନ୍ତି, ଠିକଣା ସମୟରେ ଏହାର ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ରେଡ୍ ଫ୍ଲାଗ୍ କେସ୍‌ରେ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

## ଛାତ୍ରୀ ଗଣବଳାତ୍କାର ମାମଲା

- ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ
- ପୀଡ଼ିତାଙ୍କ ବୟାନର ଅଡିଓ ଭିଡିଓ କରିବ ସିଏଡବ୍ଲ୍ୟୁସି

କେନ୍ଦ୍ରାପଡ଼ା,୨୨।୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ଘରୋଇ ଇଂଲିଶ ମିଡିୟମ୍ ସ୍କୁଲରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ରାଜ୍ୟ ପୋଲିସ ଗୁରୁତର ଭାବେ ଗ୍ରହଣ କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାକୁ ରେଡ୍ ଫ୍ଲାଗ୍ କେସ୍ ଭାବେ ରବିବାର ଗ୍ରହଣ କରିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି, ଏହି ମାମଲା ଏବେ କ୍ରାଇମବ୍ରାଞ୍ଚର ବରିଷ୍ଠ ଅଧିକାରୀଙ୍କ ଅଧୀନରେ ତଦନ୍ତ ଚାଲିବ। କ୍ରାଇମ୍ ଏଗେନେଷ୍ଟ ଓମ୍ୟାନ (ସିଏଡବ୍ଲ୍ୟୁ) ୱିଙ୍ଗ୍ ଏଥିରେ ସାମିଲ ହେବେ। ଏସ୍‌ପି ଅଥବା ଏଏସ୍‌ପି ଏହାର ତଦନ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ। ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗପତ୍ରର ଦାଖଲ ପରଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦିଆଯିବ। ସେହିପରି ନ୍ୟାୟିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପିପି) ଅଥବା ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଏଥିରେ ସାମିଲ ହେବେ। ପୋଲିସ ପୀଡିତାଙ୍କୁ ସୁରକ୍ଷା ଦେବା ସହିତ ନିୟୋଜିତ ସିଏଡବ୍ଲ୍ୟୁ ୱିଙ୍ଗ୍ ପୀଡିତାଙ୍କ ବୟାନର ଅଡିଓ ଭିଡିଓ ରେକର୍ଡିଂ କରିବେ। ପ୍ରତ୍ୟେକ ୧୫ ଦିନ ମଧ୍ୟରେ ମାମଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ତଦନ୍ତ ପରିସରକୁ ଆହୁରି ବ୍ୟାପକ କରାଯିବ। ଆବଶ୍ୟକସ୍ଥଳେ ଡିଏନ୍‌ଏ ଟେଷ୍ଟ ଆଦି କରାଯିବା ବ୍ୟବସ୍ଥା ରହିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

ଏଥିସହ ସେ ସୂଚନା ଦେଇଛନ୍ତି, ରାଜକନିକାର ଏହି ନାବାଳିକା ଛାତ୍ରୀଙ୍କ ଗଣବଳାତ୍କାର ମାମଲା (ନଂ- ୫୪/୨୬) ପୋକ୍‌ସୋ ଆକ୍ଟରେ ତଦନ୍ତ ସହ ବିଚାର ଚାଲିବ। ଏହି ମାମଲାରେ ସ୍କୁଲର ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ଜଣେ ପିଅନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ସେ ସ୍କୁଲରେ ଥିଲେ। ରିସେସରେ ଛାତ୍ରୀଙ୍କୁ ସ୍କୁଲ ଅଫିସକୁ ଡକାଇ ଏହି ଜଘନ୍ୟ କାଣ୍ଡ କରିଥିବା ଅଭିଯୋଗ ଅଛି। ଗଣବଳାତ୍କାରର ଭୟ ପାଇ ପୀଡିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡିତା ଛାତ୍ରୀ ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ମା’ ଓ ବାପା ଗତ ୧୮ ତାରିଖରେ ସିଡବ୍ଲ୍ୟୁସିକୁ ଭେଟି ଏପରି ଘଟଣା ସମ୍ପର୍କରେ ଅଭିଯୋଗପତ୍ର ଦେଇଥିଲେ। ପରେ ଗତ ୨୧ରେ ଥାନାରେ ଅଭିଯୋଗ କରିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

# କଡ଼ ଲେଉଟାଇବୁ ନାହିଁ: କାଡାମ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଏଥର କଂଗ୍ରେସ କଡ଼ ଲେଉଟାଇବ ନାହିଁ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରବିବାର କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ କିଭଳି ନିଜର ସ୍ଥିତି ସୁଦୃଢ଼ କରିବ ସେନେଇ ବିଭିନ୍ନ ରଣନୀତି ସ୍ଥିର ହୋଇଛି। ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଆମ ସହିତ ଅଛନ୍ତି। ଏଥର କଂଗ୍ରେସ କାହା ପଛରେ ଗୋଡ଼ାଣିଆ ହେବ ନାହିଁ କି କୌଣସି ଲାଳାୟିତ ହୋଇ ଭାସିଯିବ ନାହିଁ। ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ ଦିଆଯିବ। ଏନେଇ ଦଳ ପକ୍ଷରୁ ପୁନର୍ବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି କାଡାମ କହିଛନ୍ତି।

ଏହି ଅବସରରେ ଦଳର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ଲାଗି ଆମେ ବିଧାୟକମାନେ ଶପଥ ନେଇଛୁ। ଏଥର କଂଗ୍ରେସ ଯେଉଁ ରାଜ୍ୟ ସଭା ପ୍ରାର୍ଥୀ ଦେବ ତାକୁ ବିଜେଡି ସମର୍ଥନ ଦେବ ବୋଲି ଆଶା ରଖିଛୁ। ଭାଜପା ଯେଉଁ ଭାବୁଛି, ବିଜେଡି ସହ ସଲାସୁତୁରା କରି ଚତୁର୍ଥ ଆସନ ହାତେଇବ ତାହା କେବେହେଲେ ସଫଳ ହେବନାହିଁ ବୋଲି ତାରା କହିଛନ୍ତି।

# ଏନ୍‌ସିଆର୍‌ଟି ପୁସ୍ତକରେ ତ୍ରୁଟି

## ନିୟମଗିରି ପାହାଡ଼ ଓଡ଼ିଶା ବଦଳରେ ଲେଖାଯାଇଛି ଝାଡ଼ଖଣ୍ଡ

ରାୟଗଡ଼ା/କଲ୍ୟାଣସିଂହପୁର,୨୨।୨
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ସିବିଏସ୍‌ଇ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଏନ୍‌ସିଇଆର୍‌ଟି ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷର ସପ୍ତମ ଶ୍ରେଣୀ ପିଲାଙ୍କୁ ଦିଆଯାଇଥିବା ସୋସିଆଲ ସାଇନ୍ସ ବହିରେ ତ୍ରୁଟି ଦେଖିବାକୁ ମିଳିଛି। ‘ଏକ୍ସପ୍ଲୋରିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ’ ବହିର ଅଷ୍ଟମ ଅଧ୍ୟାୟ ହାଓ ଲ୍ୟାଣ୍ଡ ବିକମ୍‌ସ ସାକ୍ରେଡ଼ ଶୀର୍ଷକ ବିଷୟରେ ଦିଆଯାଇଥିବା କିଛି ଉଦାହରଣରେ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ନିୟମଗିରି ପାହାଡ଼, ସେଠାରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କ ପାଇଁ କିଭଳି ପବିତ୍ର ବୋଲି ଉଲ୍ଲେଖ ରହିଛି।

ରବିବାର କଲ୍ୟାଣସିଂହପୁର ବ୍ଲକର ଜଣେ ପ୍ରାଇଭେଟ ଟ୍ୟୁଶନ ଶିକ୍ଷକ ଆଦର୍ଶ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପଢ଼ାଇବାବେଳେ ବହିରେ ଏଭଳି ଭୁଲ ଲେଖାଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଧରିତ୍ରୀ ପ୍ରତିନିଧିଙ୍କୁ ଯୋଗାଯୋଗ କରି ସୂଚନା ଦେଇଥିଲେ। ବହିରେ ଉଲ୍ଲେଖ ରହିଛି ‘ଝାଡଖଣ୍ଡରେ ଅବସ୍ଥିତ ନିୟମଗିରି ପାହାଡ଼ ଉପରେ ଡଙ୍ଗରିଆ ଜନଜାତି ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ସେମାନଙ୍କ ବିଶ୍ୱାସ ରହିଛି, ଏହି ପାହାଡ଼ରେ ତାଙ୍କ ଦେବତା ନିୟମରାଜାଙ୍କ ବାସସ୍ଥାନ, ଯିଏ ସେମାନଙ୍କୁ ଖାଦ୍ୟ ସହ ଅନ୍ୟ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇଥାନ୍ତି। ନିୟମଗିରି ପାହାଡରୁ ଗଛ କାଟିବା ନିଷେଧ ଏବଂ ଗଛ କାଟିଲେ ଦେବତାଙ୍କ ପ୍ରତି ଅସମ୍ମାନ ଭାବେ ବିବେଚନା କରାଯାଏ।’



More sacred sites
Hindu and many folk and tribal belief systems go further. In Grade 6 we learnt that in such belief systems, people regard elements of Nature, such as mountains, rivers, trees, plants and animals, and sometimes stones too, as sacred. In Hinduism, for instance, this includes countless geographical sites or features of Nature, such as specific mountains, rivers and forests, which are regarded as particularly divine and are worshipped as deities; many rivers are regarded as devīs, while some species of trees, animals and plants are particularly holy.
This tradition comes from the perception of a divine presence in all of Nature. Ultimately, the whole of planet Earth is considered sacred — she is Mother Earth or Bhūdevi.

Fig. 8.5. In this image, Vishnu in the form of his boar avatar ... a demon and saves Bhūdevi (Mother Earth), shown here sitting on his elbow (from the Belur temple, Karnataka).

Here are a few more examples of such traditions:
- The Niyam Dongar hill in the Niyamgiri Range of Jharkhand is sacred to the Dongria Khond tribe. They believe that the hill is the abode of Niyam Raja, the supreme deity who provides everything they need for sustenance. Cutting trees here is prohibited and considered a sign of disrespect to the deity.
- In the early 2000s, the Government of Sikkim identified several sacred mountains, caves, lakes, rocks and hot springs that were to be protected against all forms of damage.
- In the Nilgiris of Tamil Nadu, the Todas, a tribal community, regard many mountain peaks as sacred and associate them with their gods. To them, this sense of sacredness extends to many plants (which often become part of their rituals), Shola forests, wetlands, and even specific stones and individual trees.

ଶିକ୍ଷକ ଜଣକ କହିଛନ୍ତି, ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ କଲ୍ୟାଣସିଂହପୁର ବ୍ଲକରେ ରହିଛି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ବସବାସ କରୁଥିବା ନିୟମଗିରି ପାହାଡ଼, ଯାହା କଲ୍ୟାଣସିଂହପୁର ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ବହିରେ ଏଭଳି ଲେଖାଗଲେ ପିଲାଙ୍କ ପାଠପଢ଼ା ଉପରେ ଏହାର କୁପ୍ରଭାବ ପଡ଼ିବ। ତେଣୁ ଏହାର ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଏ ନେଇ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସଙ୍ଗୀତ ପାଲକାଙ୍କୁ ପଚାରିବାରୁ ବହିରେ ତ୍ରୁଟି ରହିଥିବା ଜଣାପଡ଼ିବା ପରେ ସଂଶୋଧନ ପାଇଁ ବିଭାଗକୁ ପୂର୍ବରୁ ସୂଚନା ଦିଆଯାଇଥିବା କହିଛନ୍ତି।

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ

# ଓଡ଼ିଆଙ୍କ ସକ୍ରିୟ ସହଯୋଗର ଚିତ୍ର

ଡ. ସୁରେନ୍ଦ୍ର କୁମାର ମିଶ୍ର





ଆମେ ଗତ ସଂଖ୍ୟାରେ ଶାରୀରିକ ସହଯୋଗ ପ୍ରସଙ୍ଗ ଲେଖିଥିଲୁ। ଏବେ ଦେଖିବା ସେମାନେ କିଏ କିଏ! ମହିଳା ଶ୍ରମିକଙ୍କ ସର୍ଦ୍ଦାର ‘ସୁଖି ମୂଳିଆଣୀ’ ନାମରେ ପ୍ରସିଦ୍ଧ ଥିଲେ। ୭୪ଜଣ ମୂଳିଆଣୀଙ୍କୁ ‘ସୁଖି ମୂଳିଆଣୀ’ ତାଙ୍କ ଅଧୀନରେ ରଖି ଶେଷ ଯଜ୍ଞସ୍ଥାନ ପରିଷ୍କାର ପର୍ଯ୍ୟନ୍ତ ଥିଲେ।

ବର୍ଷ ବର୍ଷ ଧରି ଶେଷ ଦିନ ପର୍ଯ୍ୟନ୍ତ ୩୨ଜଣ ବାରିକ ଶିବିରଗୁଡ଼ିକରେ ଶିଳ୍ପୀଙ୍କର ସେବା କରୁଥିଲେ। ସେଲୁନ ତ ସେତେବେଳେ ନ ଥିଲା। ତେଣୁ ଅପରିହାର୍ଯ୍ୟ ଥିଲେ ସେମାନେ। ସେମାନଙ୍କୁ ଏବର ‘ଜାହାନିଆ’ଠାରେ ଗଜପତି ଚାଷଜମି ଦାନ କରିଥିଲେ।

ମନ୍ଦିର ନିର୍ମାଣବେଳେ ୧୩୦ଜଣ ଶଗଡ଼ିଆ ଓ ୨୬୦ଟି ବଳଦ ଶେଷ ପର୍ଯ୍ୟନ୍ତ ଥିଲେ। ଏକ ଶଗଡ଼ଶାଳା ଓ ଏକାଧିକ ବଳଦ ଗୁହାଳ ଥିଲା। ଏଇ ଶଗଡ଼ିଆମାନେ ଜଳେଶ୍ୱର ଦଣ୍ଡପାଟରୁ ଧାନ ନେଇ ଆସିବା ପରେ ସେବା ନିଯୁକ୍ତ ହୋଇଥିଲେ। କେବଳ ଜଳେଶ୍ୱର ନୁହେଁ, ମହେନ୍ଦ୍ର କଟକ, ଶ୍ରୀକୂର୍ମ କଟକ ଓ କୋଠଦେଶରୁ ଧାନ ଆସିଥିଲା। ସମସ୍ତ ଶଗଡ଼ିଆ ରହିଯାଇଥିଲେ ସେବାରେ।

ସଫେଇ କର୍ମଚାରୀ ୩୦ଜଣଯାକ ଶେଷ ପର୍ଯ୍ୟନ୍ତ ଥିଲେ। ସେମାନେ ଚାରି ଶିବିର, କାର୍ଯ୍ୟସ୍ଥଳ ଓ ବିଭିନ୍ନ ଯିବାଆସିବା ରାସ୍ତା ସଫା କରୁଥିଲେ। ତାଙ୍କର ସର୍ଦ୍ଦାର ଥିଲେ ରାମ ରାଉଳ। ପାଇଖାନା ସଫେଇ କର୍ମଚାରୀ ଅଲଗା ଥିଲେ। ଶେଷ ପର୍ଯ୍ୟନ୍ତ ଥିଲେ ବିଶୁଦ୍ଧ ପାଣି ଯୋଗାଉଥିବା ୪୮ଜଣ ସେବାକାରୀ। ଶେଷ ପର୍ଯ୍ୟନ୍ତ ଥିଲେ ୧୮୭ଜଣ ଚାପ ଦଳେଇ।

ଶାରୀରିକ ସହଯୋଗର ଚିତ୍ର ଆମେ ଆଲୋଚନା କରୁଛେ। ଛାଡ଼ିଯାଉଛେ କି ଦୁହୁଡ଼ିଆମାନଙ୍କୁ। ଶିଳ୍ପୀଙ୍କ ଶିବିରରେ ୧୩୦ଜଣ ଠିଆ ଦୁହୁଡ଼ି ଜାଳୁଥିଲେ। ଥୁଆ ଦୁହୁଡ଼ିର ଦାୟିତ୍ୱରେ ଥିଲେ ୧୨ଜଣ। ଏମାନଙ୍କୁ ୨୪ଜଣ ‘ତେଲି’ ଦିନରାତି ପରିଶ୍ରମ କରି ପୋଲାଙ୍ଗ ତେଲ ଯୋଗାଉଥିଲେ। ପୋଲାଙ୍ଗଫଳ ସଂଗ୍ରହ, ଶୁଖେଇବା, ଘଣାରେ ପେଡ଼ି ତେଲ ସଂଗ୍ରହ କରିବା ସହଜ ବ୍ୟାପାର ନୁହେଁ। ତେଲ ପହଞ୍ଚାଉଥିବା ତେଲିଙ୍କ ପଛରେ କେତେଲୋକ କାମ କରୁଥିବେ ସହଜେ ଅନୁମେୟ। କେତେ ସୁଚିନ୍ତିତ ଯୋଜନାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲା... ଅନୁଭବ କରିବା କଥା। ବାହାରିଆ ଲେଖକ ଏହା ଭିତରେ ପଶିପାରିବେ ନାହିଁ... ଲେଖିଦେଲେ ଆମେ କରିନୁ!

ମନ୍ଦିର ନିର୍ମାଣରେ ସହଯୋଗୀ ମୂଳିଆଣୀ, ମହିଳା ଶ୍ରମିକ, ବାରିକ, ଶଗଡ଼ିଆ, ସଫେଇ କର୍ମଚାରୀ, ଦୁହୁଡ଼ିଆ ଓ ତେଲିଙ୍କ ଅବଦାନ ଆମେ ଆଲୋଚନା କଲେ। ଶିଳ୍ପୀ ଓ ଅନ୍ୟ ସହଯୋଗୀମାନଙ୍କୁ ପୋଷାକ ଯୋଗାଇବା ପାଇଁ ଗଜପତିଙ୍କ ସହମତିରେ ୨୨ଜଣ ଲୁଗାବେପାରୀଙ୍କ ନିଯୁକ୍ତି ଦିଆଯାଇଥିଲା। ବିଭିନ୍ନ ଶିବିରରେ ୨୨ଜଣ ରୋଷେୟା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ରୋଷେଇ ହାଣ୍ଡି ଓ ଅନ୍ୟ ବାସନକୁସନ ମାଜିବା ପାଇଁ ଥିଲେ ୩୪ଜଣ। ଦ୍ୱାରଫାଟକ ଜଗିବା ପାଇଁ ୧୨ଜଣ ଜଗୁଆଳି ଶେଷ ପର୍ଯ୍ୟନ୍ତ ଥିଲେ। ସେମାନଙ୍କୁ ‘ପଢ଼ିଆରୀ’ ଶବ୍ଦରେ ପୋଥି ଲେଖକ ବର୍ଣ୍ଣନା କରିଛନ୍ତି।

ଏହା ତ ଗୋଷ୍ଠୀଗତ ସହଯୋଗରେ ଇତିହାସ ଥିଲା। ବ୍ୟକ୍ତିଗତ ଭାବରେ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହି କିପରି ସଫଳ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି, ଆମେ ଜାଣିବା କଥା।

ମନ୍ଦିର ନିର୍ମାଣବେଳେ ରାଜକାର୍ଯ୍ୟରେ ଗଜପତି ବ୍ୟସ୍ତ ରହୁଥିଲେ। ସେତେବେଳେ ‘ବଳଶ୍ରୀ’ ତାଙ୍କର ପ୍ରତିନିଧି ଭାବରେ କୋଣାର୍କରେ ଉପସ୍ଥିତ ରହୁଥିଲେ। ଧର୍ମପଦ ମୁଣ୍ଡି ମାରିବା ରାତିରେ ସେ ଉପସ୍ଥିତ ଥିଲେ। ତାଙ୍କରି ପାଟିରୁ ବାହାରି ଆସିଥିଲା ବାଃ... ଧର୍ମପଦ ବାଃ...। ତାଙ୍କ ପୂରା ନାମ ବଳଶ୍ରୀ ବାସୁ ସହସ୍ରମଲ୍ଲ ବର୍ମନ। ଉପହାର ସ୍ୱରୂପ ଗଜପତି ଏକ ‘ରତ୍ନଶିରୋପା’ ଦେଇଥିଲେ। ସେଥିରେ ଦୁର୍ମୂଲ୍ୟ ପଥର ଖଞ୍ଜା ଯାଇଥିଲା। ସେହିପରି ବିଶିଷ୍ଟ ସ୍ଥପତି ନାରାୟଣ ମହାପାତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ପରିଦର୍ଶନ କରୁଥିଲେ। ଅର୍ଥାତ୍ ପ୍ରତିଦିନର କାମ କେତେ ଆଗେଇଲା, ପଥର ଉପରକୁ ଉଠିଲା କି ନାହିଁ, ନିଜେ ମଧ୍ୟ ଭାସ୍କର୍ଯ୍ୟ କାର୍ଯ୍ୟ କରୁଥିଲେ। ସେତିକି ନୁହେଁ, ବ୍ୟକ୍ତିଗତ ଭାବରେ ନିର୍ମାଣ ପ୍ରତି ଯେଉଁମାନେ ନିଘା ରଖିଥିଲେ ସେମାନେ ହେଲେ- ତ୍ରିଭୁବନ କେଶରୀ ଦେବ ବର୍ମନ (ଯାହାଙ୍କୁ ଗଜପତି ରାଜରାଜେଶ୍ୱର ଦେବ ଉପାଧିରେ ସମ୍ମାନ ଦେଇଥିଲେ)। ତାପଙ୍ଗ ବିଷୟର ରାଜେନ୍ଦ୍ର ସାମନ୍ତ, କେରାଣ୍ଡିମାଳର -ବୀରଦେବ ପାଟସାହାଣୀ, ଶିଳ୍ପାଚାର୍ଯ୍ୟ ରବି ବ୍ରହ୍ମା, ସିଂହାଚଳ ବଳୟ ମଣ୍ଡଳର -ଜୟଦେବାଚାର୍ଯ୍ୟ କଳିଙ୍ଗ ଘାଟିର ଅଂଶୁମାଳି ବର୍ମା, ମହାମାଣ୍ଡଳିକ ପୁରୁଷୋତ୍ତମ ବ୍ରହ୍ମା ରାୟଗୁରୁ। ଏମାନେ ଆମର ନମସ୍ୟ। କିଛି ପାଇବାର ଆଶା ଅପେକ୍ଷା ଜୀବନକୁ ଏକ ପବିତ୍ର କାର୍ଯ୍ୟରେ ନିୟୋଜିତ କରିବା ଅଭିପ୍ରାୟ ଜାଣିଲେ ମୁଗ୍ଧ ହେବାକୁ ହୁଏ। ଶେଷ ପର୍ଯ୍ୟନ୍ତ ଏମାନେ ସକ୍ରିୟ ସହଯୋଗର ହାତ ବଢ଼ାଇଥିଲେ।



ପରିବହନ ପାଇଁ ବ୍ୟବହୃତ ଶଗଡ଼।

### ୧୩୦ ଜଣ ଶଗଡ଼ିଆ, ୨୬୦ ବଳଦ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ

### କୋଣାର୍କ ଶ୍ରୀପଦ୍ମକେଶର ମନ୍ଦିର ଐତିହ୍ୟର ଶହେତମ ଆଲେଖ୍ୟ

‘ଐତିହ୍ୟର ଓଡ଼ିଶା’ ଶୀର୍ଷକରେ ବିଶ୍ୱବିସ୍ମୟ କୋଣାର୍କର ଶ୍ରୀପଦ୍ମକେଶର ମନ୍ଦିରର ନିର୍ମାଣ ଐତିହ୍ୟ ୨୦୨୧ ମାର୍ଚ୍ଚ ୨ରୁ ‘ଧରିତ୍ରୀ’ରେ ଆମେ ଆରମ୍ଭ କରିଥିଲୁ। ଏବେ ତାହା ୧୦୦ତମ ସଂଖ୍ୟାରେ ପହଞ୍ଚିଛି। କେବଳ ଇତିହାସ କିମ୍ବା ଦସ୍ତାବିଜ୍‌କୁ ଆମେ ଆଧାର କରି ନ ଥିଲୁ, କୋଣାର୍କର ୧୮ ଗଡ଼ ମଧ୍ୟରୁ ୧୫ ଗଡ଼କୁ ଅନୁସନ୍ଧାନ ପାଇଁ ଯାଇଥିଲୁ। କିଛି ପାଇବା ଆଶାରେ ନଈ, ନାଳ, ଜଙ୍ଗଲ ଭିତରକୁ ଯାଇଛୁ। ମନ୍ଦିର ନିର୍ମାଣରେ ସହଯୋଗ ଦେଇଥିବା ଗାଁକୁ, ପଥର ଆସିଥିବା ଗାଁକୁ, ପଥରବୁହା ନଦୀର ଧାରେ ଧାରେ ଖରାରେ ଓଦଗାମୁଛା ମୁଣ୍ଡରେ ପକାଇ ବୁଲିଛୁ। ବାହାରିଆ ଲେଖିଥିବା ବିଭ୍ରାନ୍ତ ଇତିହାସକୁ ନିରାଧାର କରିବାକୁ ଆପ୍ରାଣ ପ୍ରଚେଷ୍ଟା। ଭ୍ରମାତ୍ମକ ଇତିହାସରେ ଆଗାମୀ ପିଢ଼ି ବିଭ୍ରାନ୍ତ ନ ହୁଅନ୍ତୁ...।

# ପୁଅ କାତି ଚୋଟରେ ବାପା ଗୁରୁତର

ଦିଗପହଣ୍ଡି,୨୨।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦଶିପୁର ଗାଁରେ ଶନିବାର ରାତି ପ୍ରାୟ ୧ଟାରେ ମଦ ପିଇବାକୁ ଟଙ୍କା ନ ଦେବାରୁ ପୁଅ ବାପାଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ଆହତ ଜଣକ ହେଲେ କେ.ବୁଲୁ ରେଡ୍ଡୀ (୫୨)। କେ.ଧନୁ ରେଡ୍ଡୀ ମଦ ପିଇବାକୁ ବାପା ବୁଲୁଙ୍କୁ ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ଦେବାକୁ ସେ ମନା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଧନୁ ଏକ କାତିରେ ବୁଲୁଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ବୁଲୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଥାନା ଏସ୍ଆଇ ରାଜ କିଶୋର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପରିବାର ପକ୍ଷରୁ ଏତଲା ହୋଇ ନ ଥିବାରୁ ଆମେ କୌଣସି ପଦକ୍ଷେପ ନେଇପାରୁନୁ। ଘଟଣା ସମ୍ପର୍କରେ ଖବରପାଇ ଆମେ ଧନୁଙ୍କୁ ଥାନାକୁ ଆଣିଥିଲୁ। ଏତଲା ନ ହେବା ଏବଂ ଧନୁ ମାନସିକ ବିକୃତ ହୋଇଥିବାରୁ ତାଙ୍କୁ ଆମେ ଛାଡିଦେଲୁ ବୋଲି ପାତ୍ର କହିଛନ୍ତି।

# ହୋମ୍‌ଗାର୍ଡ ଚାକିରି କରାଇଦେବାକୁ କହି ୮ ଲକ୍ଷ ଠକେଇ

## ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)


ଗିରଫ ଦିଲୀପ କୁମାର ସାହୁ।

ହୋମ୍‌ଗାର୍ଡ ଚାକିରି କରାଇଦେବା ନାମରେ ସମ୍ବଲପୁରରେ ହୋଇଥିବା ଏକ ଠକେଇର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଧନୁପାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଚାରଭାଟି ଅଞ୍ଚଳର ଦିଲୀପ କୁମାର ସାହୁ(୪୬)। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଦିଲୀପ ଝୁଝୁମୁରା ଥାନା ପଢ଼ିଆବାହାଲ ନିକଟ ସୁଜୋମରା ଗ୍ରାମର ୬ ଜଣ ଯୁବକଙ୍କୁ ହୋମଗାର୍ଡ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ମୋଟ ୮ ଲକ୍ଷ ୨୭ ହଜାର ଟଙ୍କା ଠିକି ନେଇଥିଲେ। ସେ ଜଣପିଛା ୧ ଲକ୍ଷରୁ ୧ ଲକ୍ଷ ୨୦ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ଦିଲୀପ ପ୍ରଥମେ ଉକ୍ତ ଗ୍ରାମରେ କେତେଜଣ ଯୁବକଙ୍କ ସହିତ ପରିଚିତ ହୋଇଥିଲେ। ପୋଲିସ ବିଭାଗର ଅନେକ ବଡ଼ ଅଧିକାରୀଙ୍କ ସହ ତାଙ୍କର ପରିଚୟ ରହିଛି। ନିକଟରେ ହେବାକୁ ଥିବା ହୋମଗାର୍ଡ ନିଯୁକ୍ତି ସେମାନଙ୍କ ଅଧୀନରେ ହେବ। ତେଣୁ କିଛି ଟଙ୍କା ନେଇ ସେମାନେ ହୋମଗାର୍ଡ ଚାକିରି କରାଇ ଦେଇପାରିବେ ବୋଲି ଯୁବକମାନଙ୍କୁ ପ୍ରଲୋଭିତ କରିଥିଲେ। ଫଳରେ ହୋମଗାର୍ଡ ଚାକିରି ପାଇଁ ଆବେଦନ କରିଥିବା ଉକ୍ତ ୬ ଯୁବକ ଲୋଭରେ ତାଙ୍କୁ ଟଙ୍କା ଦେଇଥିଲେ। ମାତ୍ର ଗତ ଡିସେମ୍ବରରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ ତାଲିକାରେ ଆଶାୟୀ ଯୁବକମାନଙ୍କ ନାମ ପ୍ରକାଶ ପାଇ ନ ଥିଲା। ଫଳରେ ସେମାନେ ଦିଲୀପଙ୍କୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ପ୍ରଥମେ ଦିଲୀପ ଟାଳଟୁଳ ନୀତି ଆପଣେଇ ପରବର୍ତ୍ତୀକାଳରେ ଟଙ୍କା ଦେବାକୁ ସିଧାସଳଖ ମନା କରିଦେଇଥିଲେ। ଫଳରେ ଉକ୍ତ ଆଶାୟୀ ଯୁବକମାନେ ଧନୁପାଲି ଥାନାରେ ଦିଲୀପଙ୍କ ବିରୋଧରେ ଏତଲା ଦେଇଥିଲେ। ସେମାନଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୭୪/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏଏସ୍‌ପି ମିଶ୍ର ଏହି ଘଟଣାରେ ପୋଲିସ ବିଭାଗର କୌଣସି ଅଧିକାରୀ ବା କର୍ମଚାରୀଙ୍କ ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ସମ୍ବଲପୁର ଜିଲାରେ ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟା ଶତପ୍ରତିଶତ ସ୍ୱଚ୍ଛତା ଓ ଦକ୍ଷତା ଭିତ୍ତିରେ ଆୟୋଜିତ ହୋଇଛି ବୋଲି ସେ କହିଛନ୍ତି। ଏଭଳି ଠକାମିର ଶିକାର ହେଉଥିଲେ ବିନା ଦ୍ୱିଧାରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ବଧୂହତ୍ୟା ମାମଲାରେ ସ୍ୱାମୀ, ଶାଶୁଙ୍କୁ ଆଜୀବନ କାରାଦଣ୍ଡ

ବଇଣ୍ଡା,୨୨।୨
(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସି ଅଞ୍ଚଳରେ ୩୦ ବର୍ଷ ପୂର୍ବେ ଘଟିଥିବା ଯୌତୁକ ନିର୍ଯାତନା ଓ ବଧୂହତ୍ୟା ମାମଲାର ଶୁକ୍ରବାର ଆଠମଲ୍ଲିକ ଅତିରିକ୍ତ ଜିଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ରାୟ ଘୋଷଣା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ ମହାଦେବଲାଲ ଗୋଦୁକା ଓ ଶାଶୁ ଦେବକୀବାଇ ଗୋଦୁକାଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ନଣନ୍ଦ ସରୋଜା ଦେବୀ ଓ ଦିଅର ବିନାୟକ ଗୋଦୁକାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଘୋଷଣା କରାଯାଇଛି। ମାମଲା ଅନୁଯାୟୀ, ଅନୁଗୋଳ ଏଫ୍‌ସିଆଇ ଅଞ୍ଚଳର ନାଥୁରାମ ଅଗ୍ରୱାଲଙ୍କ ବଡ଼ଝିଅ ସରିତା ଅଗ୍ରୱାଲଙ୍କ ବିବାହ ୫ ମାର୍ଚ୍ଚ ୧୯୯୪ରେ ଆଠମଲ୍ଲିକ ରଥସାହି ନିବାସୀ ନଥୁଲାଲ ଗୋଦୁକାଙ୍କ ବଡ଼ପୁଅ ମହାଦେବଲାଲଙ୍କ ସହ ହୋଇଥିଲା। ୫ ଜାନୁଆରୀ ୧୯୯୬ରେ ସରିତାଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ତାଙ୍କ ବାପା ଆଠମଲ୍ଲିକ ଥାନାରେ ମାମଲା ରୁଜୁ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଶ୍ୱଶୁର ନଥୁଲାଲ, ସ୍ୱାମୀ ମହାଦେବଲାଲ ଗୋଦୁକା, ଶାଶୁ ଦେବକୀବାଇ ଗୋଦୁକା ଓ ଦିଅର ବିନାୟକ ଗୋଦୁକାଙ୍କୁ ଗିରଫ କରିଥିଲା। ୩୦ ବର୍ଷ ଧରି ଚାଲିଥିବା ଏହି ମାମଲାର ଶେଷରେ ଅଦାଲତ ରାୟ ପ୍ରକାଶ କରିଛନ୍ତି।

# ସାଇବର ଠକେଇର ପର୍ଦ୍ଦାଫାଶ, ୬ ଗିରଫ

ଛତ୍ରପୁର/ବୁଗୁଡ଼ା,୨୨।୨ (ଦିଲୀପ ସାମଲ/ କାଳିଚରଣ ଦାଶ)

ସାଇବର ଅପରାଧୀଙ୍କ ଉପରେ ଲଗାମ ଲଗାଇବା ପାଇଁ ଓଡିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ ସାଇବର କବଚ। ଏହି ଅବସରରେ ଗଞ୍ଜାମ ଜିଲା ପୋଲିସ ଗୋଟିଏ ଦିନରେ ୮୬ଟି ବେନାମୀ ବ୍ୟାଙ୍କ ଆକଉଣ୍ଟ ଚିହ୍ନଟ କରିଥିବାବେଳେ ୧୧ଟି ମାମଲା ରୁଜୁ କରିଛି। ୧୧ ଜଣଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ପୋଲିସ ୬ଜଣଙ୍କୁ ଗିରଫ କରିଛି। ହିଞ୍ଜିଳି ଥାନା ପକ୍ଷରୁ ୪ ଜଣ ପିଣ୍ଟୁ ଦାସ, ବାୟା ଦାସ, ରାଜେଶ ପାତ୍ର ଓ ସରୋଜ ପାତ୍ର ଗିରଫ କରାଯାଇଥିବା ବେଳେ ବୁଗୁଡା ଥାନା ଦ୍ୱାରା ୨ ଜଣ ମନୋଜ ସ୍ୱାଇଁ ଓ ଅଶ୍ୱିନୀ ରାଉତ ଗିରଫ ହୋଇଛନ୍ତି। ମନୋଜ ଓ ଅଶ୍ୱିନୀଙ୍କ ଘର ଆସିକା ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ୩୨ ଲକ୍ଷ ୫୯ ହଜାର ୯୫୬ ଟଙ୍କା ସିଜ୍ କରାଯାଇଛି। ଏହି ସବୁ ବେନାମୀ ବ୍ୟାଙ୍କ ଆକଉଣ୍ଟରେ ୮କୋଟି ୭୮ ଲକ୍ଷ ୭୩ ହଜାର ୮୧୪ ଟଙ୍କା କାରବାର ହୋଇଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନଙ୍କଠାରୁ ଫୋନ ସମେତ ବିଭିନ୍ନ ବ୍ୟାଙ୍କର ପାସବୁକ୍ ଜବତ କରଯାଇଛି। ଏହାର ତଦନ୍ତ ଜାରି ରହିଛି। ଗଞ୍ଜାମ ଜିଲାରେ ବହୁ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ବେଆଇନ ଭାବେ ଟଙ୍କା କାରବାର କରାଯାଉଛି। ତେବେ ଏହି ସବୁ ଆକାଉଣ୍ଟର ଚେର କେଉଁ ଯାଏ ଲମ୍ବିଛି ସେ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବିଶେଷକରି ସାଇବର ଅପରାଧୀମାନେ ଅନଲାଇନ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ, ଲୋଭନୀୟ ଅଫର, ନକଲି ପରିଚୟ,ଏଟିଏମ୍ ଠକେଇ ସହ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିଥାନ୍ତି। ଏହା କେବଳ ଜନସେଚତନା ଦ୍ୱାରା ଏଧରଣର ଠକେଇକୁ ରୋକିହେବ ବୋଲି ଏସ୍‌ପି ପାତ୍ର କହିଛନ୍ତି।

# ୧ ହଜାର ବୋତଲ ଜିଞ୍ଜର ଜବତ, ୫ ବ୍ୟବସାୟୀ ଫେରାର

ବାଲେଶ୍ୱର,୨୨।୨
(ମୃତ୍ୟୁଞ୍ଜୟ ପଟ୍ଟନାୟକ)



ଜବତ ଜିଞ୍ଜର ବୋତଲ।

ବାଲେଶ୍ୱର ଜିଲା ଅବକାରୀ ମୋବାଇଲ ୟୁନିଟ୍ ଓ ସୋର ଥାନା ପୋଲିସ ରବିବାର ସୋର ତେଣ୍ଟେଇ ଦୟାନିଧିପୁର ଅଞ୍ଚଳରେ ମିଳିତ ଚଢ଼ାଉ କରି ୧ ହଜାର ବୋତଲ ଜିଞ୍ଜର ଜବତ କରିଛନ୍ତି। ଚଢ଼ାଉ ବେଳେ ୫ଜଣ ଜିଞ୍ଜର ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଓଡ଼ିଶାରେ ଜିଞ୍ଜର ବିକ୍ରି ଉପରେ ପ୍ରତିବନ୍ଧକ କରାଯାଇଥିବାବେଳେ କେତେଜଣ ଅସାଧୁ ବ୍ୟକ୍ତି ଏହାକୁ ଅନ୍ୟ ରାଜ୍ୟରୁ ଆଣି ବାଲେଶ୍ୱରରେ ଚୋରାରେ ବ୍ୟବସାୟ କରୁଛନ୍ତି। କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍ ସୋର ପୋଲିସ ସହାୟତାରେ ଭୋର ସମୟରେ ଦୟାନିଧିପୁର ଗ୍ରାମରେ ଚଢ଼ାଉ କରିଥିଲା। ବ୍ୟବସାୟୀମାନେ ଜାଣିପାରି ଜିଞ୍ଜର ବୋତଲଗୁଡ଼ିକୁ ପେଟିରେ ପୂରାଇ କଣ୍ଟା ବୁଦାମୂଳରେ ଲୁଚାଇ ଦେଇଥିଲେ। ଅବକାରୀ ପୋଲିସ ଏ ବାବଦରେ ସୂଚନା ପାଇ କଣ୍ଟାବୁଦା ମୂଳରୁ ୧୪ ପେଟି ଜିଞ୍ଜର ଜବତ କରିଥିଲା। ପେଟିରେ ୧ ହଜାର ବୋତଲ ଜିଞ୍ଜର ଥିବାବେଳେ ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ସବ୍ ଇନ୍ସପେକ୍ଟର ଭବେଶ ଦାସ ସୂଚନା ଦେଇଛନ୍ତି। ଫେରାର ୫ ବ୍ୟବସାୟୀଙ୍କ ନାମରେ ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ.୪୪୦/୨୫-୨୬) ରୁଜୁ କରାଯାଇଛି।

## Business

# ବାରାଣସୀରୁ ମୋଜାମ୍ବିକ ଗଲା ୧୦ମ ଲୋକୋମୋଟିଭ୍

ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)



ବାରାଣସୀ ଲୋକୋମୋଟିଭ ୱାର୍କସ (ବିଏଲ୍‌ଡବ୍ଲ୍ୟୁ) ଦ୍ୱାରା ନିର୍ମିତ ଦଶମ ସ୍ୱଦେଶୀ ୩୩୦୦ ହର୍ସପାୱାର ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭ ମୋଜାମ୍ବିକୁ ଶନିବାର ପଠାଯାଇଛି। ଭାରତୀୟ ରେଳ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯେଉଁଥିରେ ବିଏଲ୍‌ଡବ୍ଲ୍ୟୁ ମୋଜାମ୍ବିକ ପାଇଁ ମୋଟ ୧୦ଟି ୩୩୦୦ ଏଚପି ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭର ଏକ୍ସପୋର୍ଟ ଅର୍ଡର ପାଇଥିଲା। ଆରଆଇଟିଇଏସ୍ ଲିମିଟେଡ ମାଧ୍ୟମରେ ଏହି ୧୦ଟି ଲୋକୋମୋଟିଭ ନିର୍ମାଣ ଓ ରପ୍ତାନି ଚୁକ୍ତି ଅଧୀନରେ ଯୋଗାଇ ଦିଆଯାଇଛି। ପ୍ରଥମ ଦୁଇଟି ଲୋକୋମୋଟିଭ ୨୦୨୫ ଜୁନ୍‌ରେ, ତୃତୀୟଟି ସେପ୍ଟେମ୍ବରରେ, ଚତୁର୍ଥଟି ଅକ୍ଟୋବରରେ, ପଞ୍ଚମଟି ଡିସେମ୍ବର ୧୨, ଷଷ୍ଠଟି ଡିସେମ୍ବର ୧୫, ସପ୍ତମଟି ୨୦୨୬ ଜାନୁଆରୀ ୮, ଅଷ୍ଟମଟି ଜାନୁଆରୀ ୨୩ରେ ଏବଂ ନବମଟି ଫେବୃଆରୀ ୧୭ରେ ପଠାଯାଇଥିଲା। ବିଏଲ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମିତ ଏହି ଆଧୁନିକ ଲୋକୋମୋଟିଭ୍‌ଗୁଡ଼ିକ ପ୍ରତି ଘଣ୍ଟାରେ ୧୦୦ କିଲୋମିଟର ପର୍ଯ୍ୟନ୍ତ ଗତିରେ ଚଳାଚଳ କରିପାରିବ। ଏହାରେ ଆନ୍ତର୍ଜାତିକ ମାନଦଣ୍ଡ ଅନୁଯାୟୀ ଡ୍ରାଇଭର-ଅନୁକୂଳ ବ୍ୟବସ୍ଥା ଯେପରିକି ରେଫ୍ରିଜରେଟର, ହଟ ପ୍ଲେଟ, ମୋବାଇଲ ହୋଲ୍ଡର ଏବଂ ଆଧୁନିକ କ୍ୟାବିନ ଡିଜାଇନ ରହିଛି, ଯାହା ଅପରେଟରଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରୁଛି। ଭାରତୀୟ ରେଳଗାଡ଼ିର ଉତ୍ପାଦନ ୟୁନିଟ ଭାବେ ବାରାଣସୀରେ ଅବସ୍ଥିତ ବିଏଲ୍‌ଡବ୍ଲ୍ୟୁ ଏବେ ଲୋକୋମୋଟିଭ ନିର୍ମାଣ ଓ ରପ୍ତାନିର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେଉଛି। ସ୍ୱଦେଶୀ ଡିଜାଇନ ଏବଂ ଉନ୍ନତ ରେଳ ପ୍ରଯୁକ୍ତିରେ ଏହାର ବିଶେଷଜ୍ଞତାକୁ ବ୍ୟବହାର କରି ବିଏଲ୍‌ଡବ୍ଲ୍ୟୁ ବିଶ୍ୱ ରେଳ ବଜାରରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରୁଛି। ୨୦୧୪ ପରଠାରୁ ବିଏଲ୍‌ଡବ୍ଲ୍ୟୁ ଶ୍ରୀଲଙ୍କା, ମ୍ୟାନମାର ଏବଂ ମୋଜାମ୍ବିକ ଭଳି ଦେଶଗୁଡ଼ିକୁ ଲୋକୋମୋଟିଭ ରପ୍ତାନି କରିଛି, ଯାହା ସେମାନଙ୍କର ରେଳ ବ୍ୟବସ୍ଥାର ବିକାଶରେ ସହାୟକ ହୋଇଛି। 'ମେକ ଇନ୍ ଇଣ୍ଡିଆ' ଏବଂ 'ମେକ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଅନୁଯାୟୀ ଏହି ଏକ୍ସପୋର୍ଟଗୁଡ଼ିକ ବିଭିନ୍ନ ଗେଜ ସିଷ୍ଟମରେ ବ୍ୟବହୃତ ରୋଲିଂ ଷ୍ଟକ ଡିଜାଇନ, ନିର୍ମାଣ ଏବଂ ଯୋଗାଣରେ ଭାରତୀୟ ରେଳଗାଡ଼ିର ସକ୍ଷମତାକୁ ପ୍ରମାଣ କରୁଛି। ଏଭଳି ଉଦ୍ୟମ ମାଧ୍ୟମରେ ଭାରତୀୟ ରେଳଗାଡ଼ି ସହଯୋଗୀ ଦେଶଗୁଡ଼ିକର ରେଳ ଭିତ୍ତିଭୂମିକୁ ଉନ୍ନତ କରିବାରେ ସହାୟକ ହେଉଛି ଏବଂ ରେଳ ରୋଲିଂ ଷ୍ଟକ ଓ ସମ୍ବନ୍ଧିତ ସେବାର ନିର୍ଭର ଯୋଗ୍ୟ ଏକ୍ସପୋର୍ଟର ଭାବେ ଭାରତର ସ୍ଥାନକୁ ସୁଦୃଢ଼ କରୁଛି।

# ଚାଷୀ ବର୍ଗଙ୍କୁ ସୁରକ୍ଷା ଦେଉଛି ପିଏମ୍ଏଫ୍‌ବିୱାଇ

ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)

୨୦୧୬ ପୂର୍ବରେ ଫସଲ ବୀମାକୁ ସାଧାରଣତଃ ଏକ ସୁରକ୍ଷା କବଚ ପରିବର୍ତ୍ତେ ଏକ ଜଟିଳ, ବ୍ୟାଙ୍କ-ଚାଳିତ ଔପଚାରିକତା ଭାବରେ ଦେଖାଯାଉଥିଲା। ମାତ୍ର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ସେହି ଧାରଣାକୁ ବଦଳାଇ ଦେଇଥିବା ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡର ଏମ୍‌ଡି ଏବଂ ସିଇଓ ଡା. ତପନ ସିଙ୍ଘେଲ କହିଛନ୍ତି। ୨୦୨୪-୨୫ରେ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୪.୧୯ କୋଟିରୁ ଅଧିକ କୃଷକଙ୍କୁ ବୀମାଭୁକ୍ତ କରାଯାଇଥିଲା । ଭାରତର କୃଷକ ସମୁଦାୟର ପ୍ରାୟ ଏକ ତୃତୀୟାଂଶ ପିଏମଏଫବିୱାଇ ଉପରେ ବିଶ୍ୱାସ ରଖିଛନ୍ତି। ପ୍ରାୟ ୫୫% ବୀମାଭୁକ୍ତ କୃଷକ ଅଣ-ଋଣୀ, ଅର୍ଥାତ୍ ସେମାନେ ସ୍ୱେଚ୍ଛାକୃତ ଭାବରେ ପଞ୍ଜୀକରଣ କରିଛନ୍ତି। ୨୦୨୪-୨୫ରେ କାର୍ଯ୍ୟକାରୀ ରାଜ୍ୟଗୁଡ଼ିକରେ ମୋଟ ଫସଲ ଅଞ୍ଚଳ (ଜିସିଏ)ର ୩୫% ବୀମାଭୁକ୍ତ କରାଯାଇଥିଲା।

# ଟିପିସିଓଡିଏଲ୍‌ର ବିଜନେସ୍ ଆସୋସିଏଟ ମିଟ୍



ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ବିଜନେସ୍ ଆସୋସିଏଟ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଯୋଗାଣକାରୀ, ନିର୍ମାତା ଏବଂ ସେବା ପ୍ରଦାନକାରୀ ସଂସ୍ଥା ସମେତ ଓଡ଼ିଶା ଏମ୍ଏସ୍ଏମ୍ଇ ଅଧୀନରେ ପଞ୍ଜୀକୃତ ଅନେକ ଉଦ୍ୟୋଗ ଯୋଗ ଦେଇଥିଲେ। ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ବିଜିନେସ୍ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ, ସିଏଫଓ (ଟିଆଣ୍ଡଡି) ସଞ୍ଜୀବ ଗୁପ୍ତା ଏବଂ ସିଓଓ ଦୁଷ୍ୟନ୍ତ ତ୍ୟାଗୀ ପ୍ରମୁଖ ଉପସ୍ଥିତ ରହି ବିଜନେସ୍ ଆସୋସିଏଟ୍‌ମାନଙ୍କୁ ଓଡ଼ିଶାରେ ଟ୍ରାନ୍ସଫର୍ମର, କେବୁଲ୍, କଣ୍ଡକ୍ଟର, ପୋଲ୍, ମିଟର ଏବଂ ମିଟର ବକ୍ସ ଆଦିର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଆଲୋଚନାରେ ସୁରକ୍ଷା ପ୍ରୋଟୋକଲ୍, ବୈଧାନିକ ନିୟମ ପାଳନ, ନୈତିକ ବ୍ୟବସାୟିକ ଆଚରଣ, ଉଚ୍ଚ ଗୁଣବତ୍ତାର ମାନଦଣ୍ଡ ଏବଂ ଗ୍ରାହକ-କୈନ୍ଦ୍ରିକ ପରିଚାଳନା ଏବଂ ସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ବିଜ୍‌ନେସ୍ ଆସୋସିଏଟ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିନ୍ଦଲ ଷ୍ଟିଲ୍ ସିଏସ୍ଏରେ ୪୨ ପଏଣ୍ଟ ବୃଦ୍ଧି

JINDAL STEEL

ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ ଲିମିଟେଡ୍‌ର କର୍ପୋରେଟ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସ୍ଏ) ସ୍କୋରରେ ୪୨ ପଏଣ୍ଟର ବୃଦ୍ଧି ହାସଲ କରିଛି। ଏହି ସ୍କୋର ୩୦ରୁ ବଢ଼ି ୭୨ରେ ପହଞ୍ଚିଛି । ଏହା ସହିତ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକର ମେମ୍ବର ଭାବେ ମନୋନୀତ କରାଯାଇଛି। ଏହି ସମ୍ମାନ ଷ୍ଟିଲ ଇଣ୍ଡଷ୍ଟ୍ରିରେ ବିଶ୍ୱବ୍ୟାପୀ ମାତ୍ର ୧୧ଟି କମ୍ପାନୀଙ୍କୁ ମିଳିଛି (୧୨୯ଟି ମୂଲ୍ୟାଙ୍କନ କରାଯାଇଥିବା କମ୍ପାନୀଗୁଡ଼ିକ ମଧ୍ୟରୁ)। ବିଶ୍ୱବ୍ୟାପୀ ୯,୨୦୦ରୁ ଅଧିକ କମ୍ପାନୀଙ୍କ ମଧ୍ୟରୁ ୫୯ଟି ଇଣ୍ଡଷ୍ଟ୍ରିରେ ୮୪୮ଟି କମ୍ପାନୀକୁ ଏହି ଇୟରବୁକରେ ସ୍ଥାନ ମିଳିଛି। କମ୍ପାନୀ ୯୬% ଡିସକ୍ଲୋଜର୍ ରେଟ ହାସଲ କରି 'ଭେରି ହାଇ' ଡାଟା ଉପଲବ୍ଧତାରେ ପହଞ୍ଚିଛନ୍ତି। ଏହା ସହିତ ଟ୍ରାନ୍ସପାରେନ୍ସି ଓ ରିପୋର୍ଟିଂରେ ପରଫେକ୍ଟ ୧୦୦ରୁ ୧୦୦ ସ୍କୋର କରିଛନ୍ତି । ଏହା ସହିତ ଇଏସ୍‌ଜି ସ୍କୋର ୩୭ରୁ ବଢ଼ି ୭୪ରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫ରେ କମ୍ପାନୀ ଡବଲ ମେଟେରିଆଲିଟି ଆସେସମେଣ୍ଟ ସମ୍ପନ୍ନ କରିଛି, ଟିଏନଏଫ୍‌ଡି-ଆଲାଇନ୍ଡ ବାୟୋଡାଇଭରସିଟି ରିସ୍କ ରିଭ୍ୟୁ କରିଛି ଏବଂ ଜଳବାୟୁ ରିସ୍କକୁ ଏଣ୍ଟରପ୍ରାଇଜ ରିସ୍କ ମ୍ୟାନେଜମେଣ୍ଟରେ ସମ୍ପୃକ୍ତ କରିଛି। ହାର୍ଡ-ଟୁ-ଆବେଟ ସେକ୍ଟର ହୋଇଥିଲେ ମଧ୍ୟ ଏନଭାୟରନମେଣ୍ଟାଲ ପଲିସି ଓ ମ୍ୟାନେଜମେଣ୍ଟରେ ୧୦୦ରୁ ୯୯ ଏବଂ କ୍ଲାଇମେଟ ଗଭର୍ନାନ୍ସ ଓ ଟିସିଏଫ୍‌ଡି ଆଲାଇନମେଣ୍ଟରେ ୧୦୦ରୁ ୧୦୦ ସ୍କୋର ହାସଲ କରିଛନ୍ତି। ଜିନ୍ଦଲ ଷ୍ଟିଲ ଲିମିଟେଡର ପ୍ରେସିଡେଣ୍ଟ ଓ ହେଡ୍ ସଷ୍ଟେନେବିଲିଟି ଏବଂ ଡିକାର୍ବୋନାଇଜେଶନ ନବୀନ ଆହ୍ଲାୱତ୍ କହିଛନ୍ତି, ଏହି ସ୍ୱୀକୃତି ଆମ ଟିମ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଆମେ ସ୍ୱଚ୍ଛ ଏବଂ ଅଡିଟେବଲ ରିପୋର୍ଟିଂ ଉପରେ ଆଧାରିତ କମ୍ କାର୍ବନ, ସୁରକ୍ଷିତ ଏବଂ ସ୍ଥିତିସ୍ଥାପକ ଷ୍ଟିଲ ବ୍ୟବସାୟ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିବୁ।



ଅଲ୍ ଓଡ଼ିଶା ୟୁନିୟନ୍ ବ୍ୟାଙ୍କ ରିଟାୟର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଚାଇଲ୍ଡ କେୟାର ହୋମ୍ ଆଶ୍ରୟରେ ରବିବାର ଗ୍ରୋସରି ସାମଗ୍ରୀ ପ୍ରଦାନ କରାଯାଇଛି।

# ଖିମଜୀ ଜୁଏଲର୍ସ ପକ୍ଷରୁ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ

ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)




ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବିବାହ ଅଭିଯାନ 'ନିଭାୟେଙ୍ଗେ ଅଲୱେଜ୍'ର ଶୁଭାରମ୍ଭ କରାଯାଇଛି। ଏହା କେବଳ ଏକ ବ୍ରାଇଡାଲ ସଂଗ୍ରହ ନୁହେଁ, ଏହା ପ୍ରେମ, ପ୍ରତିବଦ୍ଧତା ଓ ଏକତ୍ରତାର ଅମର ପ୍ରତୀକ ଭାବରେ ଗହଣାକୁ ଉପସ୍ଥାପନ କରୁଛି। ଜଣେ ନବବଧୂ ଏକ ନୂଆ ପରିବାରରେ ପ୍ରଥମ ଥର ପାଦ ରଖିବାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ ଗହଣାକୁ ପ୍ରତିଶ୍ରୁତିର ମୂକସାକ୍ଷୀ ଭାବରେ ଉପସ୍ଥାପନ କରିଛି। ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ କରାଯାଇଥିବା ଗହଣା ପିଢ଼ି ପିଢ଼ି ଧରି ସ୍ମୃତିଗୁଡ଼ିକର ସାକ୍ଷୀ ହୋଇରହିବ। ଏହି କଲେକ୍ସନରେ ସ୍ୱତନ୍ତ୍ର ହାର, ଐତିହ୍ୟବହନ କରୁଥିବା ଚୁଡ଼ି, ଚୋକର ଓ କାନଫୁଲ ଆଦି ରହିଛି। ମେହେନ୍ଦିରୁ ରିସେପଶନ ପର୍ଯ୍ୟନ୍ତ ଏହି କଲେକ୍ସନକୁ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ଖିମଜୀ ଜୁଏଲର୍ସ ସୁନା ଗହଣାର ଗଢା ମଜୁରିରେ ଫ୍ଲାଟ ୪୫% ରିହାତି ଘୋଷଣା କରାଯାଇଛି। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଏହି କଲେକ୍ସନ ପ୍ରତ୍ୟେକ ବିବାହକୁ ପରିଭାଷିତ କରୁଥିବା ପ୍ରତିଶ୍ରୁତିକୁ ରୂପ ଦେଉଛି।

# ସୀମା ଦଖଲ ଉଦ୍ୟମ ପଣ୍ଡକଲା ପ୍ରଶାସନ

**ଭୋଗରାଇ,୨୨।୨(ପ୍ରଦୀପ ଦାସ)**

ଓଡ଼ିଶା ସୀମାନ୍ତ କୋଟିଆ ଅଞ୍ଚଳ ସୀମା ଦଖଲକୁ ନେଇ ଆନ୍ଧ୍ରପ୍ରଦେଶ ସହିତ ଛକାପଞ୍ଝା ଲାଗି ରହିଥିବାବେଳେ ଅନୁରୂପ ଭାବେ ପଶ୍ଚିମବଙ୍ଗ ସହିତ ସୀମା ବିବାଦର ସ୍ଥାୟୀ ସମାଧାନ ନ ହେବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ଦୀଘା ଶଙ୍କରପୁର ଉନ୍ନୟନ ପରିଷଦ ମିଳିତ ଭାବେ ରବିବାର ଓଡ଼ିଶା ସୀମାନ୍ତ ଦଖଲ ଉଦ୍ୟମ ବେଳେ ବିଫଳ ହୋଇଛନ୍ତି। ସୀମାନ୍ତ ଗାଁରେ ଜବରଦସ୍ତ ରାସ୍ତା ନିର୍ମାଣକୁ ଲୋକେ ବିରୋଧ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିବା ବେଳେ ଭୋଗରାଇ ଅତିରିକ୍ତ ତହସିଲଦାର ଓ ପୋଲିସ ପହଞ୍ଚି ରାସ୍ତା କାର୍ଯ୍ୟରେ ବ୍ୟବହୃତ ରୋଲର ଜବତ କରି ତାଳସାରୀ ମେରାଇନ ଥାନା ଜିମା ଦେଇଛନ୍ତି।

ପ୍ରକାଶ ଯେ, ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ରାମନଗର ବ୍ଲକ୍ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଧୀନ ଚନ୍ଦନେଶ୍ୱର-ଦୀଘା ରାସ୍ତା ସହାବାଜିପୁର ଗାଁଠାରେ ଓଡ଼ିଶା ସୀମାନ୍ତକୁ ପଶି ବେଆଇନ ଭାବେ କଂକ୍ରିଟ ରାସ୍ତା ନିର୍ମାଣ ଉଦ୍ୟମ କରୁଛି। ରବିବାର ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ସୀମାନ୍ତ ଗାଁ ଲୋକେ ବିରୋଧ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ବାଦାନୁବାଦ ଯୋଗୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତ ଉପୁଜିଥିଲା। ଖବରପାଇ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ନିର୍ମାଣରେ ବ୍ୟବହୃତ ରୋଲର ମେସିନ ଜବତ କରି ତାଳସାରୀ ମେରାଇନ ଥାନାକୁ ନେଇଥିଲେ। ଏଥିସହ ସେହି ସମୟରେ ଏହି ରାସ୍ତାରେ ପଶ୍ଚିମବଙ୍ଗକୁ ଚୋରାରେ ଯାଉଥିବା ଏକ ବାଲି ବୋଝେଇ ଡମ୍ପରକୁ ସ୍ଥାନୀୟ ଲୋକେ ଅଟକାଇ ମେରାଇନ ଥାନା ଜିମା ଦେଇଥିଲେ। ମୀମାଂସା ନ ହେବା ପର୍ଯ୍ୟନ୍ତ ରାସ୍ତା କାମ ନ କରିବାକୁ ଭୋଗରାଇ ଅତିରିକ୍ତ ତହସିଲଦାର ରାମନଗର ବ୍ଲକ୍ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦକୁ କହିଥିଲେ। ଘଟଣାରେ ପଶ୍ଚିମବଙ୍ଗ ପ୍ରଶାସନ ଓ ଦୀଘା ଉନ୍ନୟନ ପରିଷଦର ରବିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଗୁପ୍ତ ବୈଠକ କରିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ସୀମା ବିବାଦ କଳହ ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଧୀନ ସୀମାନ୍ତ ଶଙ୍ଖାମେଦୀ ଗାଁକୁ ପଶ୍ଚିମବଙ୍ଗ ଏକପ୍ରକାର ନିଜ ଅଧୀନକୁ ନେଇଯାଇଛି। ଏଥିସହ ସୀମାନ୍ତ ଉଦୟପୁର, ସହାବାଜିପୁର ଓ ଶଗଡ଼ା ସାହି ଗ୍ରାମ ରାସ୍ତା ନିର୍ମାଣ କରି ଦଖଲ ଉଦ୍ୟମକୁ ସ୍ଥାନୀୟ ଲୋକେ ବିରୋଧ କରି ପଶ୍ଚିମବଙ୍ଗ ପ୍ରଶାସନ ଓ ନେତାଙ୍କ ଦାଦାଗିରିକୁ ପଣ୍ଡ କରିଦେଉଛନ୍ତି। ଓଡ଼ିଶାର ସୀମାନ୍ତ ଗାଁ ସହାବାଜିପୁର ପଶ୍ଚିମବଙ୍ଗ ରାଜସ୍ୱ ଓ ପ୍ରଶାସନ ଧସେଇ ପଶିବା ଘଟଣାକୁ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଗମ୍ଭୀରତାର ସହ ନେଇ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି। ସୀମାନ୍ତବାସୀଙ୍କୁ ମା', ମାଟି, ମାତୃଭାଷାର ସୁରକ୍ଷା ଲାଗି ଜାଗ୍ରତପ୍ରହରୀ ଭାବେ କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି।


ଓଡ଼ିଶାରେ ପଶ୍ଚିମବଙ୍ଗ ପ୍ରଶାସନର ରାସ୍ତା ନିର୍ମାଣ କାର୍ଯ୍ୟକୁ ସୀମାନ୍ତବାସୀ ବିରୋଧ କରୁଛନ୍ତି।

**ରାସ୍ତା ନିର୍ମାଣ ବନ୍ଦ, ରୋଲର ଜବତ**

# ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)**

## ବଡ଼ବାବୁ ବୋଲି ଚପାଇଦେବାକୁ ଚର୍ଚ୍ଚା...

## ସରକାରୀ କ୍ୱାର୍ଟର୍ସରେ ଅମାନୁଷିକ କାଣ୍ଡ

ଆୟକର ଭବନରେ ଜିଏସ୍‌ଟି ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସରଙ୍କ ବିରୋଧରେ ଆସିଛି ବଳାତ୍କାର ଅଭିଯୋଗ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଘଟିଛି ଏହି ଅମାନୁଷିକ କାଣ୍ଡ। ଶହୀଦନଗର ଥାନା ପୋଲିସ କେସ୍ ନଂ.୧୦୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଯୁବତୀଙ୍କୁ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରିଛି ପୋଲିସ। ଏଥିସହ ଯୁବତୀ ଓ ତାଙ୍କର ୩ଜଣ ସମ୍ପର୍କୀୟଙ୍କୁ ପଚରାଉଚରା କରିବା ସହ ପୀଡ଼ିତାଙ୍କ ଫୋନ୍‌କୁ ରଖି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ଗତ ୧୫ ତାରିଖରୁ ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ମଧ୍ୟ ଏଯାଏ ଅଭିଯୁକ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। କେବଳ ପୀଡ଼ିତାଙ୍କ ଡାକ୍ତରୀ ମାଇନା, ବୟାନ ରେକର୍ଡ ସହ କେତେଜଣଙ୍କୁ ପଚରାଉଚରା କରି ୮ଦିନ ଗଡ଼ାଇ ସାରିଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଚର୍ଚ୍ଚା ହେଉଛି। ଅଧିକାରୀ ଜଣକ ଧରାଛୁଆଁ ଦେଉ ନ ଥିବା ପୋଲିସ କହୁଥିଲେ ମଧ୍ୟ ଏଯାଏ ଫେରାର ଦର୍ଶାଯାଉ ନ ଥିବାରୁ ପ୍ରଶ୍ନ ଉଠିଛି।

୪୮ ବର୍ଷୀୟ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ପରିବାର ସହ ରହୁଛନ୍ତି। ଅଫିସର ଓ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବା ସମୟରେ ସମ୍ପର୍କୀୟ ଭଉଣୀ ଦେଖିବାକୁ ଭୁବନେଶ୍ୱର ଆସିଥିଲେ। ତାଙ୍କ ସହ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ଜଣେ ୩୮ ବର୍ଷୀୟା ଯୁବତୀ ମଧ୍ୟ ଆସିଥିଲେ। ଗତ ୧୫ ତାରିଖରେ ସ୍ତ୍ରୀ ଓ ଭଉଣୀ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଉକ୍ତ ଯୁବତୀ ଜଣକ ଘରେ ଥିବାବେଳେ ଆଇଆର୍‌ଏସ୍ ଅଫିସର ଜଣକ ତାଙ୍କୁ ଲାପ୍‌ଟପ୍‌ରେ ମୁଭି ଦେଖିବାକୁ ଡାକି ଅଶ୍ଳୀଳ ଭିଡିଓ ଦେଖାଇଥିଲେ। ତା'ପରେ ଜୋର୍ ଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେ ପ୍ରତିବାଦ କରିବାରୁ ଅଫିସର ଜଣକ ନିଜ ଫୋନ୍‌ରେ ପୂର୍ବରୁ ଶୁଟ୍ କରିଥିବା ଯୁବତୀଙ୍କ ବାଥ୍‌ରୁମ୍ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇ ବଳାତ୍କାର ସମୟର ଭିଡିଓ ରେକର୍ଡ କରିଥିଲେ। ଯୁବତୀ ଜଣକ ଭୟରେ ରହିବା ସହ ସୁଯୋଗ ଦେଖି ଉକ୍ତ କ୍ୱାର୍ଟର୍ସରୁ ଖସି ପଳାଇଥିଲେ। ଏହାପରେ ଅଭିଯୁକ୍ତ ଅଫିସର ବଳାତ୍କାରର ଭିଡିଓ ପଠାଇ ବ୍ଲାକମେଲ କରିଥିଲେ। ଏହାପରେ ଗତ ୧୫ ତାରିଖରେ ଯୁବତୀ ଜଣକ ଶହୀଦନଗର ଥାନାକୁ ଆସି ସମ୍ପୃକ୍ତ ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଥାନାରେ ମାମଲା ରୁଜୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ଜଣକ ଆଉ ଅଫିସ୍ ଆସୁନାହାନ୍ତି। ତେବେ ପୋଲିସ ତାଙ୍କୁ ଏପର୍ଯ୍ୟନ୍ତ ଫେରାର ବୋଲି ଘୋଷଣା କରିନି। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏକ ବଳାତ୍କାର ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। କମିଶନରେଟ ପୋଲିସର ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ତଦନ୍ତ କରିବା ପରେ ସତ୍ୟାସତ୍ୟ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସ ଏବେ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଠିକ୍ ସମୟରେ ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିପି କହିଛନ୍ତି।

# ୧୧ ଡିଗ୍ରୀ କଲେଜ, ୧ ବିଶ୍ୱବିଦ୍ୟାଳୟକୁ ୧.୭୩ କୋଟି

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ 'ଆମ ଗୌରବ ଆମ କଲେଜ' ଯୋଜନା ଅଧୀନରେ ରାଜ୍ୟର ୧୧ଟି ଡିଗ୍ରୀ କଲେଜ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୧.୭୩ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଉପକୃତ ହେବାକୁ ଯାଉଥିବା ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ହେଲେ କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବୀରେନ ମିତ୍ର ସ୍ମୃତି ମହିଳା ଡିଗ୍ରୀ କଲେଜ, ବଲାଙ୍ଗୀରର ଆଗଲପୁର ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ବରଗଡ଼ର ବିଜେପୁର ଡିଗ୍ରୀ କଲେଜ, କଟକ ଜିଲାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ଦେବଗଡ଼ ଜିଲାର ପଞ୍ଚାୟତ ଡିଗ୍ରୀ କଲେଜ କଣ୍ଢା, ଢେଙ୍କାନାଳ ଜିଲାର ହିନ୍ଦୋଳ ଡିଗ୍ରୀ କଲେଜ, ମହିମା ଡିଗ୍ରୀ କଲେଜ, ଗଞ୍ଜାମ ଜିଲାର ବେଲଗୁଣ୍ଠା ସାଇନ୍ସ ଡିଗ୍ରୀ କଲେଜ, ସମ୍ବଲପୁର ଜିଲାର ନାକଟିଦେଉଳ ଡିଗ୍ରୀ କଲେଜ, ସରକାରୀ ସ୍ୱୟଂଶାସିତ କଲେଜ ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାର ଯଶୋଦା ବିଷ୍ଣୁ କଲେଜ। ଲାଇବ୍ରେରୀର ବିକାଶ, ଲାବରେଟୋରୀ, କ୍ରୀଡ଼ା ଓ ଶୈକ୍ଷିକ କମ୍ପ୍ଲେକ୍ସ ନିର୍ମାଣ, ୱାଇ-ଫାଇ, ସିସିଟିଭି ବ୍ୟବସ୍ଥା ଆଦି କାର୍ଯ୍ୟ ପାଇଁ ଏହି ଅର୍ଥ ବ୍ୟବହାର କରାଯିବ।

# ୨ ଜଣଙ୍କୁ ମାରିଲା ଦନ୍ତା

**ଦିଗପହଣ୍ଡି,୨୨।୨**
**(ଅଶେଷ ନାଥ ମିଶ୍ର)**


ଉର୍ମିଳା ରାଉତ


ଗୋପୀନାଥ ପ୍ରଧାନ

■ ଜଣକୁ ଦଳି ଅନ୍ୟ ଜଣକୁ ଆକ୍ରମଣ କରି ମାରିଲା
■ ଚକ୍ଷୁଦାନ କଲେ ଉର୍ମିଳାଙ୍କ ପରିବାର

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଳମେରିପଲ୍ଲୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦନ୍ତାହାତୀ ଆକ୍ରମଣରେ ଗ୍ରାମର ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ (୫୧) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ (୬୭)। ସୀମାଞ୍ଚଳଙ୍କ ଆଖି ଆଗରେ ତାଙ୍କ ସ୍ତ୍ରୀ ଉର୍ମିଳାଙ୍କ ଜୀବନ ଯାଇଛି। ଏହି ଘଟଣା ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି।

ଖବରରୁ ଜଣାପଡିଛି, ରବିବାର ସକାଳେ ଉର୍ମିଳା ତାଙ୍କ ସ୍ୱାମୀ ସୀମାଞ୍ଚଳ ଓ କାଶୀନାଥ ଗାଁ ନିକଟସ୍ଥ ପରିବା ବଗିଚାରେ କାମ କରୁଥିଲେ। ନିକଟସ୍ଥ ଘୋଡ଼ାହାଡ଼ ନଦୀ ପଠାରୁ ଏକ ଦନ୍ତା ହାତୀ ଆସୁଥିବା ଦେଖି ନିକଟରେ କାମ କରୁଥିବା ଲୋକେ ପାଟିକରି ଏମାନଙ୍କୁ ଜଣାଇଥିଲେ। ସମସ୍ତେ ପରିବା ବଗିଚାରୁ ବାହାରି ଦୌଡିଥିଲେ। ଉର୍ମିଳା ଦୌଡି ନ ପାରିବାରୁ ସୀମାଞ୍ଚଳ ତାଙ୍କୁ ପିଠିରେ ବୋହି ଦୌଡିଥିଲେ। ପଛରେ ସେମାନଙ୍କୁ ଗୋଡାଉଥିବା ହାତୀ ଉର୍ମିଳାଙ୍କୁ ସୀମାଞ୍ଚଳଙ୍କ ପିଠିରୁ ଭିଡିନେଇ ତଳେ ପକାଇ ଦଳି ଦେଇଥିଲା। ଫଳରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିଲା। ସୀମାଞ୍ଚଳ ନିକଟରେ ଥିବା ଏକ ଗଛକୁ ଆଉଜି ପଡି ଲୁଚିଯିବାରୁ ହାତୀ କବଳରୁ ବର୍ତ୍ତି ଯାଇଥିଲେ। ପରେ ହାତୀ ଗୋପୀନାଥଙ୍କୁ ଗୋଡ଼ାଇ ଶୁଣ୍ଢରେ ଦୁଇଥର ଟେକିଆଣି କିଛି ଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋପୀନାଥଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ ପ୍ରଧାନ ଟିମ୍‌ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ଏତଲା ପରେ ଦିଗପହଣ୍ଡି ପୋଲିସ ୭/୨୬ ଏବଂ ୮/୨୬ରେ ଦୁଇଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ଉଭୟ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଉର୍ମିଳାଙ୍କ ପରିବାର ଚକ୍ଷୁକୁ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ପରିବାର ଲୋକେ ଜଣାଇବା ପରେ ବଡ ଡାକ୍ତରଖାନାର ଚକ୍ଷୁ ବିଭାଗ ଟିମ୍ ଉର୍ମିଳାଙ୍କ ଦୁଇଟି ଚକ୍ଷୁ ସଂଗ୍ରହ କରିଥିଲେ। ଖବରପାଇ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର, ତହସିଲଦାର ସନ୍ତୋଷ ସାହୁ, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ,ଏମ.ସନ୍ତୋଷ, ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟର ଅତିରିକ୍ତ ବନ ସଂରକ୍ଷକ ଅରୁଣ ସାହୁ, ଚନ୍ଦ୍ରଗିରି ରେଞ୍ଜର ରୂପକ ପ୍ରଧାନ, ଏସ୍‌ଆଇ ରାଜ କିଶୋର ପାତ୍ର ଗାଁ ରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ତହସିଲଦାର ଉଭୟ ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଦାନ କରାଯିବ। ଶୁଦ୍ଧିକ୍ରିୟା ବାବଦକୁ ଅନୁକମ୍ପା ରାଶିର ୧୦ ପ୍ରତିଶତ ତତ୍କାଳ ପ୍ରଦାନ କରାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧ ମାସ ହେଲା ଏହି ହାତୀଟି ଗଜପତି ଜିଲା ଲଖାରୀ ହାତୀ ଅଭୟାରଣ୍ୟରୁ ଗୋଠ ଛଡ଼ା ହୋଇ ଗଜପତି ଜିଲା ତପ୍ତପାଣି ନିକଟ ଝାଟିକାବାଡ଼ ଜଙ୍ଗଲ ଦେଇ ଗଞ୍ଜାମ ଜିଲା ଭୀଷ୍ମଗିରି, ଚଷାନିମଖଣ୍ଡି, ସହଦେବ ଟିକରପଡ଼ା, ନିମଖଣ୍ଡି ପେଣ୍ଠ ଅଞ୍ଚଳରେ ଉପଦ୍ରବ ଘଟାଇ ଚାଲିଛି।

# ଦୋଳପୂର୍ଣ୍ଣିମାରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର,୨୨।୨(ବନ୍ଦନା ସେଠୀ)**

**ସୂର୍ଯ୍ୟୋଦୟରୁ ପାକତ୍ୟାଗ**

**ଅପରାହ୍ଣ ୩ଟା ୨୦ରୁ ଗ୍ରହଣ ଆରମ୍ଭ, ୬ଟା ୪୭ରେ ସର୍ବମୋକ୍ଷ**

ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମାର୍ଚ୍ଚ ୩ ଦୋଳ ପୂର୍ଣ୍ଣିମାରେ ସଂଗଠିତ ହେବ। ଅପରାହ୍ଣ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ ରହିବ। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସ୍ପଷ୍ଟ ଦୃଶ୍ୟମାନ ହେବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗ୍ରହଣ ଆରମ୍ଭର ୯ଘଣ୍ଟା ପୂର୍ବରୁ ଘାତ କାଳ ଆରମ୍ଭ ହୁଏ। ସେହି ଅନୁସାରେ ୩ ତାରିଖ ସକାଳ ୬ଟା ୨୦ରୁ ଘାତ ସମୟ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ଟା ୪୬ ମିନିଟ ପର୍ଯ୍ୟନ୍ତ ରହିବ। ତେଣୁ ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଥିବା ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି।

ଚଳିତ ବର୍ଷ ୨ଟି ଚନ୍ଦ୍ର ଗ୍ରହଣ ଓ ଦୁଇଟି ସୂର୍ଯ୍ୟ ପରାଗ ଦେଖାଯିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚନ୍ଦ୍ର ଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ସହଜରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ ବୋଲି ସେ କହିଛନ୍ତି।

**Government of Odisha "e" procurement Notice**
**OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR**
No.34001/99/2526 E-mail : eerwelectricaldivn.sambalpur@gmail.com
**Bid Identification No. EE/RWELECT/SBP/43/2025-26**
1. Name of the work : 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL"
2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost : 1. Rs.7,96,487/-
2. Rs.8,05,024/-
3. Availability of bid document in the website : 11:30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders : 11:30 Hours on dt.06.03.2026
Further details and any corrigendum/Addendum/cancellation of tender can be seen from the Website www.tendersodisha.gov.in only.
Sd./- Executive Engineer
R.W. Electrical Division, Sambalpur
OIPR-34001/34175/1/25-26/0002

# ମନ୍ କୀ ବାତ୍‌ରେ ସୁନ୍ଦରଗଡ଼ର ଯୁବଚାଷୀ ହିରୋଦ


ହିରୋଦ ପଟେଲ

**ସୁନ୍ଦରଗଡ,୨୨।୨**
**(ଜୟ ନାରାୟଣ ମେସ୍ଥଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣରେ ସୁନ୍ଦରଗଡ଼ର ଯୁବ ଚାଷୀ ହିରୋଦ ପଟେଲଙ୍କ ଚାଷ ଶୈଳୀକୁ ଭୂୟସୀ ପ୍ରଶଂସା କରିଛନ୍ତି। ହିରୋଦ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ଏହି ଯୁବ ଚାଷୀ ଇଞ୍ଜିନିୟରିଂ ପାଠ ପଢ଼ା ପରେ ଗତ ୮ ବର୍ଷ ତଳେ ବାପା ଶିବ ଶଙ୍କର ପଟେଲଙ୍କ ସହିତ ମିଶି ପ୍ରଥମେ ଧାନ ଚାଷ ଆରମ୍ଭ କରିଥିଲେ। ଏହାପରେ ମାଛ ଚାଷ ସହିତ କଦଳୀ, ଅମୃତଭଣ୍ଡା ସହିତ ଅନ୍ୟାନ୍ୟ ପନିପରିବା ଓ ଫୁଲଚାଷ କରିଆସୁଛନ୍ତି। ଏଥିରୁ ସେ ଲାଭବାନ ହୋଇ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କର ଏହି ମିଶ୍ରିତ ଚାଷ ଦେଖିବା ପାଇଁ ବହୁ ଚାଷୀ ଓ ବିଭିନ୍ନ ସରକାରୀ ଅଧିକାରୀ ଆସୁଛନ୍ତି। ତାଙ୍କର ଏହି ଉତ୍ସାହ ଦେଖି କୃଷି, ଉଦ୍ୟାନ ଓ ମତ୍ସ୍ୟ ବିଭାଗ ତରଫରୁ ତାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରି ସରକାରୀ ସହାୟତା ମଧ୍ୟ ଯୋଗାଇ ଦେଇଛନ୍ତି। ବିହାର ପାଟ୍‌ନାକୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ଥିବା ହିରୋଦ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାଙ୍କୁ କରିଥିବା ପ୍ରଶଂସା ଶୁଣି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ସରକାରୀ ସ୍ତରରେ ପୁରସ୍କୃତ ହୋଇଛନ୍ତି। ହିରୋଦଙ୍କ ଏହି ମିଶ୍ରିତ ଚାଷ ଶୈଳୀର ସଫଳତାକୁ ନେଇ ପୂର୍ବରୁ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# କରଡ଼ା ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ

**ଭୁବନେଶ୍ୱର/ଫୁଲବାଣୀ/ରାଇକିଆ ୨୨।୨ (ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ/ପ୍ରଦୀପ ବେହେରା)**

## ପୋଲିସ ଗୁଳିରେ ୨ ଛତିଶଗଡ଼ୀ ମାଓବାଦୀଙ୍କ ମୃତ୍ୟୁ

କନ୍ଧମାଳ ଜିଲା ରାଇକିଆ ଥାନା କରଡ଼ା ପଞ୍ଚାୟତର ନୀଟିବାଡ଼ି ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଛି। ଦୀର୍ଘ ସମୟ ଗୁଳି ବିନିମୟ ପରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ମୃତ ମାଓବାଦୀ ହେଲେ ଜାଗେସ ଓ ମହିଳା କ୍ୟାଡର ହେଲେ ରତ୍ନା। ଉଭୟଙ୍କ ମୁଣ୍ଡରେ ୨୭.୫ ଲକ୍ଷର ପୁରସ୍କାର ରାଶି ରହିଛି। ଜାଗେସ କେକେବିଏନ୍ ସଙ୍ଗଠନର ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ରତ୍ନା ପାର୍ଟି ମେମ୍ବର ଥିଲେ। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭ ଓ ଏକ ଏସ୍‌ଏଲ୍‌ଆର ବନ୍ଧୁକ ଜବତ କରାଯାଇଛି। ସେମାନଙ୍କ ଘର ଛତିଶଗଡ଼ର ହୋଇଥିବା ପୋଲିସ କହିଛି। ଏହି ଗୁଳି ବିନିମୟରେ ଏକାଧିକ ମାଓବାଦୀ ଆହତ ହୋଇ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବଡ଼ ସର୍ଚ୍ଚ ଅପରେଶନ କରାଯାଉଛି।

ଛତିଶଗଡ଼ରେ ବଡ଼ ଧରଣର ସର୍ଚ୍ଚ ଅପରେଶନ କରାଯାଉଥିବାରୁ ସେଠାକାର ମାଓବାଦୀମାନେ କନ୍ଧମାଳ ଜଙ୍ଗଲକୁ ଚାଲିଆସି ଲୁଚି ରହୁଛନ୍ତି। ମାଓବାଦୀ ସଙ୍ଗଠନ କେକେବିଏନ୍ ଡିଭିଜନ ଅଷ୍ଟମ ବାଟାଲିଆନର ଏକ କ୍ୟାମ୍ପ ସେହି ଜଙ୍ଗଲରେ ଚାଲିଥିବା ନେଇ ଗୋଇନ୍ଦା ସୂଚନା ମିଳିଥିଲା। ତୁରନ୍ତ ପୋଲିସ ପକ୍ଷରୁ ସାଟ୍‌ଲାଇଟ୍ ଇମେଜ୍ ଯାଞ୍ଚ କରାଯିବା ପରେ ସେଠାରେ ୨୦ରୁ ଅଧିକ ମାଧବାଦୀ କ୍ୟାମ୍ପ କରୁଥିବା ଜଣାପଡ଼ିଥିଲା। ମାଓବାଦୀଙ୍କ ବିଷୟରେ ପୂରା ତଥ୍ୟ ଆସିବା ପରେ ଗତ ୨୦ ତାରିଖରୁ କନ୍ଧମାଳ ପୋଲିସର ଏସ୍‌ଓଜି ଟିମ୍ ସେହି ଜଙ୍ଗଲରେ କମ୍ବିଂ ଅପରେଶନ ଆରମ୍ଭ କରିଥିଲା। ରବିବାର କରଡ଼ା ପଞ୍ଚାୟତ ନୀଟିବାଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଯବାନ ସର୍ଚ୍ଚ ଅପରେଶନ କରୁଥିବାବେଳେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ।

■ ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ଜବତ
■ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଲେ ଏସ୍‌ପି

କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି, ଏବେବି ମାଓବାଦୀଙ୍କ ପାଖରେ ସମୟ ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ସେମାନେ ବନ୍ଧୁକ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ। ସରକାର ଏବଂ ପ୍ରଶାସନର ବିକାଶରେ ଭାଗିଦାରୀ ହୁଅନ୍ତୁ। ପୋଲିସ ସବୁ ସହଯୋଗ କରିବ। ଆମେ ଜାରି କରିଥିବା ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କଲେ ଆତ୍ମସମର୍ପଣ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଏଭଳି ଜଙ୍ଗଲରେ ଲୁଚି ରହି ହିଂସା ଭିଆଇଲେ ପୋଲିସ ଛାଡ଼ିବ ନାହିଁ। କରଡ଼ା ଜଙ୍ଗଲରେ ଛତିଶଗଡ଼ୀ ମାଓବାଦୀ ଲୁଚିଥିବା ଆମେ ଗୋଇନ୍ଦା ଖବର ପାଇଥିଲୁ। ଆମେ ସର୍ଚ୍ଚ କରିବା ସମୟରେ ସେମାନେ ଗୁଳି ଚାଳନା କରିଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚାଳନା କରିବା ପରେ ୨ଜଣ ମାଓବାଦୀ ନିହତ ହୋଇଥିବା ସେ ସୂଚନା ଦେଇଛନ୍ତି।

**ODISHA SUB-ORDINATE STAFF SELECTON COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ. ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯, ଦୂରଭାଷ: 0674-2597149, 2597152 (ଅଫିସ୍), ୱେବ୍‌ସାଇଟ୍: www.osssc.gov.in
No. IIE-120/2025-575/OSSSC **NOTICE** Dated: 21st February, 2026
**EXTENSION OF DATELINE FOR REGISTRATION/RE-REGISTRATION/SUBMISSION OF ONLINE APPLICATION FOR COMBINED RECRUITMENT EXAMINATION - 2025**
No. 9001/19/2526: In continuation to the Advertisement No. 3219/OSSSC dated 30.12.2025 and Notice No. 283/OSSSC dated 28.01.2026, the Commission has been pleased to extend the last date of Registration/Re-registration/Submission of Online Application for the posts of Revenue Inspector (RI), ICDS Supervisor, Village Agricultural Worker (VAW), Junior Assistant (JA), Assistant Revenue Inspector (ARI), Amin & Stastistical Field Surveyor (SFS) under CRE-2025 as given below.

Important Dates

| Event | Previously Published | | End date extended upto |
|---|---|---|---|
| | Start Date | End Date | |
| Online Registration/Re-registration | 07.01.2026 | 15.02.2026 | 06.03.2026 |
| Submission of Online Application | 07.01.2026 | 22.02.2026 | 08.03.2026 |

All other terms and conditions of the advertisement remain unaltered.
Candidates are advised to visit the website of the Commission at regular intervals for updates.
By order of the Commission
Sd./- Secretary
OIPR-9001/9007/1/25-26/0006

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel: 2545586/2545852, email-serifedodisha@gmail.com, website- www.serifedodisha.in
**INVITATION FOR BIDS (e-Procurement)**
**Bid identification no:- VI-34(02)/SERIFED/2025-26/319/DT.18.02.2026**
**No.39001/13/2526** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only for one no. of work in keonjhar district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period from 23.02.2026 to 17.00 hours up to 07.03.2026. Online bids shall be received till 17.00 hours on 07.03.2026 & shall be opened at 11.30 AM on 09.03.2026. Any addendum / corrigendum/cancellation of tender can also be seen in the said website.
OIPR-39001/39036/1/25-26-0001 Sd./- MANAGING DIRECTOR

**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK
No. 1163/PSC, Dt.21.02.2026
1M-16-2024-25 (Store)
**QUOTATION CALL NOTICE**
No. 12001/22/2526: Sealed quotations are hereby invited from the intending authorized Agencies/Dealers having valid GST Registration. They should submit their applications along with copies of valid OEM Authorization Certificate, PAN Card and GST Registration Certificate for supply of an interactive Panel Display for use in the Office of the Odisha Public Service Commission, Cuttack. The firms should mention the brand, if any, and also quote the rate including all taxes, duties, if any. The detailed specification of the item is enclosed at Annexure - A along with the Quotation Call Notice (@www.opsc.gov.in). The sealed quotation should reach the undersigned at 11 A.M. on or before 27.02.2026 and shall be opened on the same day at 3.30 P.M. in the Office Chamber of Secretary, O.P.S.C. The successful L1 bidder must supply & commission the system within 4 days of getting the work order failing which, the L1 bidder will be disqualified and L2 bidder would be allotted the work order & so on. The undersigned reserves the right to cancel/reject any or all the quotations without assigning any reason thereof.
OIPR-12001/12002/1/25-26/0010 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ରାଉରକେଲା,୨୨।୨(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଆନୁକୂଲ୍ୟରେ ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ରବିବାର ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଥିରେ ଅଂଶଗ୍ରହଣ କରିଥିବା ଟିମ୍‌ଗୁଡ଼ିକ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା।

**ପ୍ରଥମ ଦିନରେ ହେଲା ୧୪ ମ୍ୟାଚ୍**

କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିର, ଡିଆଇଜି ସିଆଇଏସ୍‌ଏଫ୍ ରତନ କୁମାର, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ୪ର୍ଥ ଓଏସ୍‌ଏପି ବାଟାଲିୟନ୍ କମାଣ୍ଡାଣ୍ଟ ପ୍ରମୋଦ ଜେନା, ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଚାମ୍ପିୟନଶିପ୍ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୧୪ଟି ପୋଲିସ ଟିମ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଆୟୋଜିତ ୧୪ଟି ଲିଗ୍ ମ୍ୟାଚ୍‌ରେ ପୁଲ୍ 'ଏ'ରେ ୪ର୍ଥ ବାଟାଲିୟନ ରାଉରକେଲା ଓ କମିଶନରେଟ୍ 'ବି' ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ରହିଥିଲା। ସେହିପରି ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୪ଟି ଗୋଲ ଦେଇ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଥିଲା। ଅନୁରୂପ ଭାବେ ୪ର୍ଥ ବାଟାଲିୟନ୍ ଓ ସମ୍ବଲପୁର ମଧ୍ୟରେ ମ୍ୟାଚ୍ ହୋଇ ୪ର୍ଥ ବାଟାଲିୟନ୍ ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ସେହିପରି ସୁନ୍ଦରଗଡ ଓ କମିଶନରେଟ୍ 'ବି' ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ୨ଟି ଗୋଲରେ ବିଜୟ ହାସଲ କରିଥିଲା।

ପୁଲ୍ 'ବି'ରେ ୬ଷ୍ଠ ବାଟାଲିୟନ କଟକ ଓ ସିଆଇଏସ୍‌ଏଫ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ଦଳ ୬ ଗୋଲରେ ବିଜୟୀ ହୋଇଥିଲା। ଛତ୍ରପୁର ୮ମ ବାଟାଲିୟନ୍ ଓ ଦେବଗଡ଼ ୪ର୍ଥ ଆଇଆର୍‌ବିଏନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଦେବଗଡ଼ ଦଳ ୪ ଗୋଲରେ ବିଜୟୀ ହୋଇଥିଲା। ୬ଷ୍ଠ ଓଏସ୍‌ଏପି କଟକ ଓ ୮ମ ବାଟାଲିୟନ୍ ଛତ୍ରପୁର ମଧ୍ୟରେ ମ୍ୟାଚ୍ ହୋଇ ଛତ୍ରପୁର ଦଳ ୯ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ୪ର୍ଥ ଆଇଆର୍‌ବିଏନ୍ ଦେବଗଡ଼ ଓ ସିଆଇଏସ୍‌ଏଫ୍ ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ହୋଇଥିଲା। ପୁଲ୍ 'ସି'ରେ ୨ୟ ଆଇଆର୍‌ବିଏନ୍ ରାୟଗଡ଼ା ଓ ପୁରୀ ମଧ୍ୟରେ ମ୍ୟାଚ୍ ହୋଇଥିଲାବେଳେ ପୁରୀ ଦଳ ୨ ଗୋଲରେ ପରାସ୍ତ ହୋଇଥିଲା। ସେହିଭଳି ରାଉରକେଲା ଓ ୨ୟ ଆଇଆର୍‌ବିଏନ୍ ମଧ୍ୟରେ ମ୍ୟାଚ୍ ହୋଇ ରାଉରକେଲା ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ଅନୁରୂପ ଭାବେ ରାଉରକେଲା ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ପୁଲ୍ 'ଡି'ରେ କମିଶନରେଟ୍ 'ଏ' ଓ ୩ୟ ବିଏନ୍ କୋରାପୁଟ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କମିଶନରେଟ୍ ଦଳ ୪-୧ରେ ବିଜୟୀ ହୋଇଥିଲା। ସେହିପରି କୋରାପୁଟ ଜିଲା ଓ ୩ୟ ବାଟାଲିୟନ୍ କୋରାପୁଟ ମଧ୍ୟରେ ମ୍ୟାଚ୍ ହୋଇ କୋରାପୁଟ ଜିଲା ୩ ଗୋଲରେ ଆଗେଇଥିଲା। କମିଶନରେଟ୍ 'ଏ' ଓ କୋରାପୁଟ ଜିଲା ମଧ୍ୟରେ ଅନୁଷ୍ଠିତ ଶେଷ ମ୍ୟାଚ୍‌ରେ କମିଶନରେଟ୍ ଦଳ ୭-୧ରେ ବିଜୟ ଲାଭ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ପୋଲିସ ଜିଲାର ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୋମବାର ପୁଣି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ।



ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଥିବା ହକି ଖେଳାଳି।

# ଅଲ୍‌କାରାଜଙ୍କୁ କାତାର ଓପନ ଟାଇଟଲ



**ଦୋହା, ୨୨।୨ (ଏପି)**

ଆର୍ଥର ଫିଲ୍ସଙ୍କ ବିପକ୍ଷରେ ୬-୨, ୬-୧ ସେଟ୍‌ରେ ବିଜୟୀ ହୋଇ କାତାର ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି କାର୍ଲୋସ ଅଲ୍‌କାରାଜ। ଏହି ସ୍ପାନିଶ ଷ୍ଟାର ସବୁଠାରୁ କମ୍ ବୟସ୍କ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନରେ କ୍ୟାରିୟର ଗ୍ରାଣ୍ଡସ୍ଲାମ (ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଜିତିବା)ପୂରଣ କରିବାର ୨୦ଦିନ ପରେ ପରେ ତାଙ୍କ ବିଜୟ ଧାରା ୧୨ରେ ପହଞ୍ଚିଛି। ବର୍ଷର ଆରମ୍ଭ ବାସ୍ତବିକ ବହୁତ ଭଲ ରହିଛି ବୋଲି ଅଲ୍‌କାରାଜ କହିଛନ୍ତି।

# କଟକ ମଙ୍ଗଳା କ୍ଲବ ଚାମ୍ପିୟନ



ଜିଲାପାଳ ଡ. ନୃପରାଜ ସାହୁ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ରାମଧୁନ କପ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଜଗା ୟୁନାଇଟେଡ ଓ କଟକ ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୧-୧ ଗୋଲରେ ସମାନ ସ୍ଥିତିରେ ଥିଲେ। ପରେ ଟାଇବ୍ରେକରରେ କଟକ ମଙ୍ଗଳା କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଛି। କଟକ ଦଳର ରାକେଶ ସାହୁଙ୍କୁ ମ୍ୟାନ୍ ଅଫ ଦି ମାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

**ରାମଧୁନ କପ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବେଷ୍ଟ ଗୋଲକିପର ଭାବେ କଟକର ରବି ଦଳକୁଡିଆ, ଏମର୍ଜିଂ ଖେଳାଳି କଟକର ଜିତୁ ମୁଦୁଲି ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭୁବନେଶ୍ୱର ଦଳର ଜୟନ୍ତ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରେଫରି ସଞ୍ଜୀବ୍ ସାହୁ ଓ ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ମ୍ୟାଚ୍ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୋଗଦାନ କରି ଜିଲାପାଳ ଚାମ୍ପିୟନ କଟକ ମା' ମଙ୍ଗଳା କ୍ଲବକୁ ଟ୍ରଫି, ଅର୍ଥ ରାଶି ଓ ରନର ଅପ୍ ଭୁବନେଶ୍ୱର ଜଗା ୟୁନାଇଟେଡ୍‌ର ଖେଳାଳିଙ୍କୁ ଟ୍ରଫି, ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ରୀକାନ୍ତ ମିଶ୍ର, ପୂର୍ବତନ ପୌରାଧକ୍ଷ କଇରୁ ସ୍ୱାଇଁ, ଜିଲା କ୍ରୀଡା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ରାମଧୁନ କ୍ଲବର ଉପଦେଷ୍ଟା ନନ୍ଦ କିଶୋର ତ୍ରିପାଠୀ ଓ ଜିଲା କ୍ରୀଡା ସଂଘର ବି ସତ୍ୟ ନାରାୟଣ ରାଓ ଯୋଗଦେଇ ଆୟୋଜକଙ୍କ ପକ୍ଷରୁ ଏଭଳି ଏକ ସୁନ୍ଦର ପଡିଆରେ ଜାତୀୟସ୍ତରର ଫୁଟବଲ ଟୁର୍ଣ୍ଣାମେଣ୍ଟ ସଫଳ ଆୟୋଜନ କରା ଯାଇଥିବାରୁ ପ୍ରଶଂସା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥୀ ସଭାକୁ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମଧୁନ କ୍ଲବର ବିକାଶ ପଣ୍ଡା, ଶେଷଦେବ ମେହେର, ଲଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢୀ, ସୁବାସ ବିଶ୍ୱାଳ, ବସିର ମହମ୍ମଦ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ମଝିପଡାସ୍ଥିତ ରାମଧୁନ କ୍ଲବ ଓ ଜିଲା କ୍ରୀଡା ସଂଘ ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ।

# ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହାରିଲା ଭାରତ

**ହୋବାର୍ଟ, ୨୨।୨ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ତେବେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଶୁଟ୍‌ଆଉଟରେ ଆୟୋଜକ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ଅମିତ ରୋହିଦାସ (୧୫ତମ ମିନିଟ) ଓ ଯୁଗରାଜ ସିଂ (୪୩ତମ)

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି**

ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଏଲ ରିଣ୍ଟାଲ (୪୭ତମ ଓ ୫୬ତମ ମିନିଟ) ଦୁଇଟି ଗୋଲ ସ୍କୋର କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ମ୍ୟାଚ୍‌ର ଶୁଟ୍‌ଆଉଟ ମଧ୍ୟ ରୋମାଞ୍ଚକ ଥିଲା। ଏଥିରେ ଅଷ୍ଟ୍ରେଲିଆ ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲା। ଚଳିତବର୍ଷର ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଏହା ହେଉଛି କ୍ରମାଗତ ୫ମ ପରାଜୟ। ତନ୍ମଧ୍ୟରେ ରାଉରକେଲାରେ ୪ ମ୍ୟାଚ ସାମିଲ। ହୋବାର୍ଟ ପର୍ଯ୍ୟାୟରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ସ୍ପେନ ବିପକ୍ଷରେ ଖେଳିବ। ଏଠାରେ ସ୍ପେନର ବିପକ୍ଷ ପ୍ରଥମ ମ୍ୟାଚ ଦଳ ୦-୨ ଗୋଲ୍‌ରେ ପରାଜିତ ହୋଇସାରିଛି।


ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ବଲ୍ ପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

## ନର୍ଥଇଷ୍ଟ ୟୁନାଇଟେଡ୍ ଓ ବେଙ୍ଗାଲୁରୁ ମ୍ୟାଚ ଡ୍ର

**ବେଙ୍ଗାଲୁରୁ, ୨୨।୨ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ବେଙ୍ଗାଲୁରୁ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚର ବେଙ୍ଗାଲୁରୁ ପକ୍ଷରୁ ଖେଳର ୧୮ତମ ମିନିଟ୍‌ରେ ବ୍ରାଏନ ସାଞ୍ଚେଜ ଏକ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟ୍‌ରେ ଲାଲରିନ୍‌ଜୁଆଲାଙ୍କ ଗୋଲ୍ ବଳରେ ନର୍ଥଇଷ୍ଟ ୟୁନାଇଟେଡ୍ ମ୍ୟାଚକୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଥିଲା।

## ସିଏସ୍‌କେର ସବୁ ମ୍ୟାଚ ଖେଳି ନ ପାରନ୍ତି ଧୋନୀ

**ଅହମଦାବାଦ, ୨୨।୨ (ପି.ଟି.)**

ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତବର୍ଷ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସର ସମସ୍ତ ମ୍ୟାଚ ପାଇଁ ଉପଲବ୍ଧ ହେବେ କି ନା ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଧୋନୀ ଚଳିତବର୍ଷ ପରବର୍ତ୍ତୀ ଭାଗରେ ୪୫ବର୍ଷ ବୟସରେ ପଦାର୍ପଣ କରିବେ। ଆସନ୍ତା ଆଇପିଏଲ୍ ସିଜନ ପାଇଁ ସେ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜର ଭିତିରି ସୂତ୍ରରୁ ଜଣାଯାଇଛି। ମାତ୍ର ସିଏସ୍‌କେ ସଞ୍ଜୁ ସାମସନଙ୍କ ଭଳି ଖେଳାଳିଙ୍କୁ ଦଳରେ ସାମିଲ କରିଥିବାରୁ କିମ୍ବଦନ୍ତୀ ପୂର୍ବତନ ଭାରତ ଅଧିନାୟକ ହୁଏତ ସମସ୍ତ ଲିଗ୍ ମ୍ୟାଚରେ ଖେଳି ନ ପାରନ୍ତି। ଏହି ସିଜନ ପାଇଁ ସିଏସ୍‌କେ ପାଖରେ ୩ଜଣ ଉଇକେଟକିପର ବ୍ୟାଟର ରହିଛନ୍ତି। ଧୋନୀ ଯେଉଁ ମ୍ୟାଚ ପାଇଁ ଉପଲବ୍ଧ ନ ହେବେ ସେହି ମ୍ୟାଚରେ ସାମସନ ଉଇକେଟ କିପିଙ୍ଗ କରିବେ। ଦଳରେ ଉର୍ଭିଲ ପଟେଲ ମଧ୍ୟ ଅଛନ୍ତି। ଏହାଛଡ଼ା ୧୪.୨୦ କୋଟିରେ କିଣା ଯାଇଥିବା କାର୍ତ୍ତିକ ଶର୍ମା ରହିଛନ୍ତି। ତାଙ୍କୁ ଶୁଭମ ଦୁବେଙ୍କ ସହ ଫିନିଶର ଭାବେ ପ୍ରସ୍ତୁତ କରାଯାଉଛି। ଯାହା ଅନୁମାନ କରାଯାଉଛି, ଧୋନୀ ଚେନ୍ନାଇରେ ଖେଳାଯିବାକୁଥିବା ସିଏସକେର ଘରୋଇ ମ୍ୟାଚ ଗୁଡ଼ିକରେ ଖେଳିବା ନିଶ୍ଚିତ।

# ରାଜ୍ୟ ସ୍କୁଲ ଓପନ ଚେସ୍: ଆରିଶ ଚାମ୍ପିୟନ

**ଭୁବନେଶ୍ୱର,୨୨।୨(ଅନାଦି କର)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ଆରିଶ ନନ୍ଦ ଗୋସ୍ୱାମୀ ସର୍ବାଧିକ ୮.୫୦ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ସମାନ ପଏଣ୍ଟ ସହ କେ ଭି ନଂ-୧ ସ୍କୁଲର ଆୟୁଷମାନ ବେହେରା ରନରଅପ୍ ହୋଇଛନ୍ତି। ନୟାପଲୀସ୍ଥିତ ନାରାୟଣ ଇ-ଟେକନୋ ସ୍କୁଲର ଅୟାବନ୍ତ ମହାନ୍ତି ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହାର ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଅଧକ୍ଷ ସର୍ବେଶ୍ୱର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଡ. ଶ୍ରୀନିବାସ ରାମାନୁଜନ କାନନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଙ୍ଘମିତ୍ରା ସିଂ, ରୟାଲ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ପ୍ରଜ୍ଞା ପରମିତା ସାହୁ, ଓଏସ୍‌ସିଏ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ସଦାନନ୍ଦ ସ୍ୱାଇଁଙ୍କ ଏକମାତ୍ର ଝିଅ ସୁମିତ୍ରା ସ୍ୱାଇଁ ଉପସ୍ଥିତ ଥିଲେ।


ଟ୍ରଫି ଓ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।


**Classified Everyday**
0674-2580101, 9692975378


REAL ESTATE
**SALE**

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.**
D-3215

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980.
D-3441

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059 / 7656969134.
D-3416

**AFFIDAVIT**

Consequent upon an affidavit duly sworn by me Jhilima Limma daughter of late Edmohan Limma, Gaiba, Gajapati. I have changed my name as Jhilima Limma instead of Muni Limma. Henceforth, my name will be known as Jhilima Limma for all official purposes.
Sd./- Jhilima Limma
Gaiba, Gajapati.
D-3452

I, Sunayana Devi, W/o.- Jagannath Prasad Sahu of Balisankara, P.S.- Talsara, Dist.- Sundargarh, Odisha vide affidavit No.6121 dtd.- 06.12.2025 now known as Sunani Sahu for all future purposes.
D-3453

By virtue of an affidavit sworn before the Executive Magistrate, Boudh, No.155, Dtd.- 21.02.26, I, Sasmita Naik, W/o.- Ajaya Kumar Bhoi, R/o. Village/P.O.- Sampoch, P.S./Dist.- Boudh, Odisha, PIN- 762024 declare that I have changed my name from SARITA NAIK to SASMITA NAIK. Henceforth, I shall be known as SASMITA NAIK for all purposes.
SASMITA NAIK
D-3454

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before the Notary Public, Balangir Town, I, Rabi Shankar Dash (52 years), S/o. Damador Dash, R/o. Tikrapara, P.O./Dist.- Balangir hereby affirm that my daughter Shriya Krishna Dash was a student of Little Flower School and passed ICSC 10th Board Exam in the year 2023. The original Pass Certificate of my daughter has been lost some where else in my house and due to my best effect it could not be traceout. Hence, I am swearing this affidavit to produce it before the concerned authority for obtaining Duplicate Board Certificate of ICSC 10th Examination in favour of my daughter Shriya Krishna Dash for her future reference.
D-3455

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ Bhubaneswar, Monday, February 23/ 2026

# ଭାରତର ବିଜୟ ଧାରା ଭାଙ୍ଗିଲା

ଅହମଦାବାଦ,୨୨।୨

ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭୬ ରନରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ଯୋଗୁ ଗତ ସଂସ୍କରଣରୁ ଅପରାଜେୟ ଥିବା ଭାରତୀୟ ଦଳର ବିଜୟ ଧାରାରେ ବ୍ରେକ ଲାଗିଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ପ୍ରଦତ୍ତ ୧୮୮ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତା ୨୬ ତାରିଖରେ ତା'ର ପରବର୍ତ୍ତୀ ସୁପର-୮ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଅଧିନାୟକ ଏଡେନ ମାରକ୍ରମ (୪), କ୍ୱିଣ୍ଟନ ଡି କକ୍ (୭) ଓ ରିଆନ ରିକଲଟନ (୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ଡେୱାଲ୍ଡ ବ୍ରେଭିସ ଓ ଡେଭିଡ୍ ମିଲର ଚତୁର୍ଥ ଉଇକେଟରେ ୫୦ ବଲରେ ୯୭ ରନ କରିଥିଲେ। ଅର୍ଦ୍ଧଶତକ ଅଭିମୁଖେ ଅଗ୍ରସର ହେଉଥିବା ବ୍ରେଭିସ ୨୯ ବଲରେ ୩ ଲେଖାଏ ଚୌକା ଓ ଛକା ସହ ୪୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ତ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ମିଲର ଦଳୀୟ ସ୍କୋରକୁ ୧୫୦ ପାର ପଞ୍ଚାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ମିଲର ୩୫ ବଲରେ ୭ ଚୌକା ଓ ୩ ଛକା ସହିତ ୬୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଷ୍ଟବ୍ସ ୨୪ ବଲରେ ଅପରାଜିତ ୪୪ ( ୧ ଚୌକା ଓ ୩ ଛକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ କରିଥିଲା। ଭାରତ ପାଇଁ ଯଶପ୍ରୀତ ବୁମରା ୩ ଉଇକେଟ ନେଇଥିବା ବେଳେ ଅର୍ଶଦୀପ ସିଂ ୨ ଉଇକେଟ ହାତେଇଥିଲେ। ଜବାବରେ ଭାରତ ମଧ୍ୟ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଶିବମ ଦୁବେ (୪୨ ରନ, ୧ ଚୌକା ଓ ୩ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୮୭/୭ (ଡେଭିଡ୍ ମିଲର-୬୩, ଡେୱାଲ୍ଡ ବ୍ରେଭିସ-୪୫, ତ୍ରିଷ୍ଟାନ ଷ୍ଟବ୍ସ-୪୪*, ଯଶପ୍ରୀତ ବୁମରା-୩/୧୫, ଅର୍ଶଦୀପ ସିଂ-୨/୨୮)। ଭାରତ: ୧୮.୫ ଓଭରରେ ୧୧୧/ଅଲଆଉଟ୍ (ଶିବମ ଦୁବେ-୪୨, ମାର୍କୋ ଜାନସେନ-୪/୨୨, କେଶବ ମହାରାଜ-୩/୨୪, କର୍ବିନ ବୋଶ୍ଚ-୨/୧୨)।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଜିମ୍ବାୱେ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ଅର୍ଦ୍ଧଶତକ ଇନିଂସ ଅବସରରେ ଡେଭିଡ୍ ମିଲର।

# ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର ବଡ଼ ବିଜୟ

ପାଲିକେଲ,୨୨।୨

ୱିଲ ଜ୍ୟାକ୍ସଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ୫୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୪୭ ରନର ଟାର୍ଗେଟର ପିଛା କରୁଥିବା ଶ୍ରୀଲଙ୍କା ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୨୪ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପାଇଁ ଫିଲିପ୍ ସଲ୍ଟ ୪୦ ବଲରେ ୬୨ (୬ ଚୌକା ଓ ୨ ଛକା) ଓ ଜ୍ୟାକ୍ସ ୨୧ (୪ ଚୌକା) ରନ କରିଥିଲେ। ଶ୍ରୀଲଙ୍କା ପାଇଁ ଦୁନିଥ ୱେଲାଲେଜ ୩ ଉଇକେଟ ନେଇଥିବା ବେଳେ ଦିଲଶାନ ମଦୁଶଙ୍କା ଓ ମହିଶ ପାଥିରାନା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଦାସୁନ ଶନାକା ୩୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳ ଲାଗି ଜ୍ୟାକ୍ସ ୩ଟି ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର, ଲିଆମ ଡସନ ଓ ଆଦିଲ ରସିଦ ୨ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ନେବା ପରେ ୱିଲ ଜ୍ୟାକ୍ସଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୨୦ ଓଭରରେ ୧୪୬/୯ (ଫିଲିପ୍ ସଲ୍ଟ-୬୨, ଦୁନିଥ ୱେଲାଲେଜ-୩/୨୬, ମହିଶ ଥିକସାନା-୨/୨୧, ଦିଶାନ ମଦୁଶଙ୍କା-୨/୨୫)। ଶ୍ରୀଲଙ୍କା: ୧୬.୪ ଓଭରରେ ୯୫/ଅଲଆଉଟ୍ (ଦାସୁନ ଶନକା-୩୦, ୱିଲ ଜ୍ୟାକ୍ସ-୩/୨୨, ଆଦିଲ ରସିଦ-୨/୧୩, ଜୋଫ୍ରା ଆର୍ଚ୍ଚା-୨/୨୦)।

# ଷ୍ଟିଫେନ୍ସ-ଜୋଜିଙ୍କ ବିବାହ ବିଚ୍ଛେଦ

ନ୍ୟୁୟର୍କ, ୨୨।୨ (ଏପି)

ପୂର୍ବତନ ୟୁଏସ୍ ଓପନ ଟେନିସ ଚାମ୍ପିୟନ ସ୍ଲୋଏନ୍ ଷ୍ଟିଫେନ୍ସ ଓ ଫୁଟ୍‌ବଲ ଷ୍ଟାର ଜୋଜି ଅଲ୍‌ଟିଡୋରଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ଉଭୟେ ୪ ବର୍ଷ ତଳେ ବିବାହ କରିଥିଲେ। ୨୦୧୭ ୟୁଏସ୍ ଓପନ ଚାମ୍ପିୟନ ଷ୍ଟିଫେନ୍ସ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିବା ଘୋଷଣା କରିଛନ୍ତି। ଜୋଜି ଓ ମୁଁ ଆପୋସ ବୁଝାମଣାରେ ଆମର ବୈବାହିକ ଜୀବନର ପରିସମାପ୍ତି ଘଟାଇବା ଲାଗି ନିଷ୍ପତ୍ତି ନେଇଛୁ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ୩୨ ବର୍ଷୀୟ ଷ୍ଟିଫେନ୍ସ ଆହୁରି ମଧ୍ୟ ୨୦୧୮ ଫ୍ରେଞ୍ଚ ଓପନ ରନରଅପ୍। ୩୬ ବର୍ଷୀୟ ଅଲ୍‌ଟିଡୋର୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ୟୁଏସ୍ ପୁରୁଷ ଫୁଟ୍‌ବଲ ଦଳ ତରଫରୁ ୧୧୫ ମ୍ୟାଚ ଖେଳି ୪୨ ଗୋଲ୍ ସ୍କୋର କରିଛନ୍ତି।


ସ୍ଲୋଏନ୍ ଷ୍ଟିଫେନ୍ସ ଓ ଜୋଜି ଅଲ୍‌ଟିଡୋର।

# ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୨।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ସାପ୍ତାହିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଚଳିତ ଟି୨୦ ବିଶ୍ୱକପ୍ ଓ ଆମେରିକା, କାନାଡା ଓ ଓମାନ ପାଇଁ ଖେଳୁଥିବା ଭାରତୀୟ ବଂଶୋଦ୍ଭବ ଖେଳାଳି କାନାଡା ଅଧିନାୟକ ଦିଲପ୍ରୀତ ବାଜୱା, ନବନୀତ ଧାଲିୱାଲ, ହର୍ଷ ଠାକର, ଶ୍ରେୟସ ମୋଭା, ଆମେରିକାର ଯତୀନ୍ଦର ସିଂ, ବିନାୟକ ଶୁକ୍ଲା, କରନ ସୋନାଭେଲ, ଜୟ ଓଡେଡ୍ରାଙ୍କୁ ପ୍ରଶଂସା କରିଛନ୍ତି।

ମୁଁ ସର୍ବଦା କୁହେ ଯେ, ଯେଉଁମାନେ ଖେଳନ୍ତି, ସେମାନଙ୍କ ପ୍ରତିଭା ପ୍ରକାଶିତ ହୁଏ। ଆପଣମାନେ ନିଶ୍ଚିତ ଭାବେ ଚଳିତ ଟି୨୦ ବିଶ୍ୱକପ୍‌ର ମ୍ୟାଚ୍ ଦେଖୁଥିବେ। ମୁଁ ନିଶ୍ଚିତ ଯେ, ମ୍ୟାଚ୍ ଦେଖିଲା ବେଳେ ଆପଣମାନେ ନିର୍ଦ୍ଦିଷ୍ଟ ଭାବେ କିଛି ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖୁଥିବେ। ଜର୍ସି ଅନ୍ୟ ଦେଶର ହୋଇପାରେ, କିନ୍ତୁ ସେମାନଙ୍କ ନାମ ଶୁଣିବା ପରେ ସେମାନେ ଆମ ଦେଶର ବୋଲି ବୁଝିପଡୁଛି। ଏହି ମୁହୂର୍ତ୍ତ ଖୁସି ପ୍ରଦାନ କରେ। କାରଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଅନ୍ୟ ଦେଶ ପାଇଁ ଖେଳୁଛନ୍ତି, ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି, ସେମାନେ ଅନ୍ୟ ଦେଶର ଜର୍ସି ପିନ୍ଧି ଖେଳୁଛନ୍ତି, ତା ନୁହେଁ ବରଂ ସମ୍ପୂର୍ଣ୍ଣ ହୃଦୟରୁ ନିଜ ଦେଶର ପ୍ରତିନିଧିତ୍ୱ କରୁଛନ୍ତି। କାନାଡା ଦଳରେ ସର୍ବାଧିକ ସଂଖ୍ୟକ ଭାରତୀୟ ଖେଳାଳି ରହିଛନ୍ତି ।

କାନାଡାର କ୍ୟାପ୍ଟେନ ଦିଲପ୍ରୀତ ବାଜୱା ପଞ୍ଜାବର ଗୁରଦାସପୁରରେ ଜନ୍ମ ହୋଇଥିବା ବେଳେ ନବନୀତ ଧାଲିୱାଲ ଚଣ୍ଡିଗଡ଼ରେ ଜନ୍ମ ହୋଇଥିଲେ। ଆମେରିକା ଦଳରେ ଅନେକ ଭାରତୀୟ ଘରୋଇ କ୍ରିକେଟର ରହିଛନ୍ତି। ଆମେରିକାର ଅଧିନାୟକ ମୋନାଙ୍କ ପଟେଲ ଗୁଜରାଟ ପାଇଁ ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ କ୍ରିକେଟ ଖେଳିଥିଲେ। ମୁମ୍ବାଇର ସୌରଭ, ହର୍ମିତ ସିଂ ଓ ଦିଲ୍ଲୀର ମିଲିନ୍ଦ କୁମାର ଆମେରିକା ଦଳର ଗର୍ବ। ଭାରତର ଫାଷ୍ଟ କ୍ଲାସ କ୍ରିକେଟରେ ବିଭିନ୍ନ ରାଜ୍ୟ ପାଇଁ ଖେଳୁଥିବା କ୍ରିକେଟରମାନେ ଏବେ ଓମାନ ଦଳର ସଦସ୍ୟ। ଯତୀନ୍ଦର ସିଂ, ବିନାୟକ ଶୁକ୍ଲା, କରନ, ଜୟ ଓ ଆଶିଷ ଓମାନ ଦଳ ଲାଗି ଖେଳୁଛନ୍ତି। ଏଭଳି ଅନେକ ଭାରତୀୟ ଖେଳାଳି ସେମାନଙ୍କ ଦେଶ ପାଇଁ ଗର୍ବ ଓ ଗୌରବ ଆଣୁଛନ୍ତି। ଏହା ହିଁ ଭାରତୀୟତାର ସ୍ୱତନ୍ତ୍ରତା। ସେମାନେ ଯେଉଁଠାକୁ ବି ଯାଆନ୍ତି, ଭାରତୀୟମାନେ ସେମାନଙ୍କ ଦେଶ ସହିତ ଜଡ଼ିତ ହୋଇ ରୁହନ୍ତି।

# କରକେରା, ନିର୍ମାବେନ୍ ଜିତିଲେ ନୂଆଦିଲ୍ଲୀ ମାରାଥନ

ନୂଆଦିଲ୍ଲୀ, ୨୨।୨ (ପି.ଟି.)

କାର୍ତ୍ତିକ କରକେରା ୧୧ଶ ନୂଆଦିଲ୍ଲୀ ହାଫ୍ ମାରାଥନ ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ୪୨.୨ କିଲୋମିଟର ଦୂରତା ବିଶିଷ୍ଟ ଏହି ଦୌଡ଼ ପ୍ରତିଯୋଗିତାରେ ମୁମ୍ବାଇର କରକେରା ୨ ଘଣ୍ଟା ୧୩ ମିନିଟ ଓ ୧୦ ସେକେଣ୍ଡ ଟାଇମିଂରେ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଜାପାନରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ କରିପାରିଛନ୍ତି। ପେସାରେ ଜଣେ ଡାକ୍ତର ଏହି ୨୮ ବର୍ଷୀୟଙ୍କ ପଛକୁ ଗୋପୀ ଥୋନାକଲ (୦୨:୧୩:୧୨) ଓ ମାନ୍ ସିଂ (୦୨:୧୩:୧୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ପୁରୁଷ ବିଭାଗ ମାରାଥନରେ ଭାଗ ନେବାକୁ ଯୋଗ୍ୟତା ଅଙ୍କ ୨:୧୫:୦୪ ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ କିନ୍ତୁ ଜଣେ ହେଲେ ଯୋଗ୍ୟତା ଅଙ୍କ ୨:୩୧:୫୨ ହାସଲ କରିବାରେ ସମର୍ଥ ହୋଇପାରି ନାହାନ୍ତି। ତେବେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଥାକୋର ନିର୍ମାବେନ୍ (୦୨:୪୧:୧୫) ତାଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟରେ ଉନ୍ନତି ଆଣିପାରିଛନ୍ତି। ମହିଳା ବିଭାଗରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଭାଗୀରଥି (୦୨:୪୩:୨୮) ଓ ଅଶ୍ୱିନୀ ଯାଦବ (୦୨: ୫୬:୫୯)। ନୂଆଦିଲ୍ଲୀ ମାରାଥନ ହେଉଛି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଜାତୀୟ ମାରାଥନ। ଏଥିରେ ୩୧ ଦେଶ ଏବଂ ୪୯୦ ସହରରୁ ୩୦, ୦୦୦ରୁ ଊର୍ଦ୍ଧ୍ୱ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ ଓ ଟେନିସ ଷ୍ଟାର ରୋହନ ବୋପାନ୍ନା ପତାକା ହଲାଇ ରେସ୍‌ର ଶୁଭାରମ୍ଭ କରିଥିଲେ।

# ଭାରତ ଏସିଆ କପ୍ ରାଇଜିଂ ଷ୍ଟାର ଟାଇଟଲ ବିଜେତା

**ବ୍ୟାଙ୍କକ୍, ୨୨।୨ (ପି.ଟି.):** ତେଜଲ ହାସନବିସ୍‌ଙ୍କୁ ୩୪ ବଲ୍‌ରୁ ଅପରାଜିତ ୫୧ ରନ ଏବଂ ଲେଗସ୍ ସ୍ପିନର ପ୍ରେମା ରାୱତଙ୍କ ପ୍ରଭାବୀ ବୋଲିଂ ସହାୟତାରେ ଭାରତ 'ଏ' ମହିଳା ଦଳ ଏଠାରେ ଏକ ଲୋ-ସ୍କୋରିଂ ଫାଇନାଲରେ ବାଂଲାଦେଶକୁ ୪୬ରନରେ ପରାସ୍ତ କରି ଏଠାରେ ଚାଲିଥିବା ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ ବିଜେତା ହୋଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ଏକଦା ୪୪ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଭାରତ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ହାସନବିସ୍ ଏବଂ ଅନ୍ୟଜଣେ ଅନ୍ତର୍ଜାତୀୟ ଖେଳାଳି ତଥା ଅଧିନାୟିକା ରାଧା ଯାଦବ (୩୦ ବଲ୍‌ରୁ ୩୬ ରନ) ୫ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୮୯ରନ ଯୋଗ କରିବା ଦ୍ୱାରା ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୩୪ ରନ କରି ମ୍ୟାଚକୁ ଜିତି ନେଇଥିଲା। ସ୍ଥାନୀୟ କଣ୍ଡିଶନରୁ ଫାଇଦା ଉଠାଇ ରାଧାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ବାଂଲାଦେଶକୁ ୧୯.୧ ଓଭରରେ ୮୮ ସ୍କୋରରେ ଅଲଆଉଟ କରିଦେଇଥିଲେ। ଭାରତ ତରଫରୁ ପ୍ରେମା ଚମତ୍କାର ବୋଲିଂ କରି ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ରନ୍ ଚେଜ୍ ବେଳେ ବାଂଲାଦେଶ ତୃତୀୟ ଓଭରରେ ମାତ୍ର ୧୨ ରନ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ଏହାପରଠାରୁ ବାଂଲାଦେଶର ନିୟମିତ ଭାବେ ଗୋଟିକ ପରେ ଗୋଟିଏ ଉଇକେଟମାନ ପତନ ଘଟିଥିଲା। ୨୦୨୩ରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଫାଇନାଲରେ ମଧ୍ୟ ବାଂଲାଦେଶ 'ଏ'କୁ ପରାସ୍ତ କରି ଭାରତ 'ଏ' ଚାମ୍ପିୟନ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ମହିଳା ଦଳ: ୨୦ ଓଭରରେ ୧୩୪/୭ (ତେଜଲ ହାସବନିସ୍-୫୧*, ରାଧା ଯାଦବ-୩୬; ଫାହିମା ଖାତୁନ-୪/୨୫, ଫାତେମା ଜାହାନ ସୋନିଆ-୧/୧୯)। ବାଂଲାଦେଶ 'ଏ' ମହିଳା : ୧୯.୧ ଓଭରରେ ୮୮/ଅଲଆଉଟ(ଶମିମା ସୁଲ୍‌ତାନା-୨୦; ପ୍ରେମା ରାୱତ-୩/୧୨, ତନୁଜା କନୱର-୨/୨୨, ସୋନିଆ ମେନ୍ଧିଆ-୨/୨୧)।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ